EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର
RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews


ଘୋଷଯାତ୍ରା : ମହାପ୍ରଭୁଙ୍କ ଆଗରେ ଶ୍ରଦ୍ଧାଳୁଙ୍କ ଅପୂର୍ବ ନୃତ୍ୟାଭିନୟ

ବର୍ଷ-୨ ସଂଖ୍ୟା-୨୭ ୧୬ - ୨୨ ଜୁଲାଇ, ୨୦୧୮ ଭୁବନେଶ୍ୱର Monday Weekly VOL-2 ISSUE-27 16th - 22nd JULY, 2018 BHUBANESWAR ₹ 5/- (8 Pages)

# ଜନ୍ମବେଦୀରେ ତିନି ଠାକୁର



**ପୁରୀ :** ଶନିବାର ଶ୍ରୀଗୁଣ୍ଡିଚା ଦିନ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ଓ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ପହଞ୍ଚିଥିଲା। ବଳଗଣ୍ଡି ଛକରେ ଅଟକି ରହିଥିଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ। ରବିବାର ପ୍ରାତଃ ନୀତିକାନ୍ତି ସମାପ୍ତ ପରେ ପୁନର୍ବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ଟଣାଯାଇ ନିର୍ଦ୍ଧାରିତ ସମୟରେ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲା। ଶ୍ରୀକ୍ଷେତ୍ରରେ ପ୍ରବଳ ବର୍ଷାସତ୍ତ୍ୱେ ଜିଲ୍ଲାପାଳଙ୍କ ତତ୍ୱାବଧାନରେ ନନ୍ଦିଘୋଷ ରଥଟଣା ଆରମ୍ଭ କରିଥିଲେ ଭକ୍ତମାନେ। ବର୍ଷାରେ ଭିଜି ଭିଜି ଶ୍ରଦ୍ଧାଳୁମାନେ ଅତ୍ୟନ୍ତ ଭାବବିହ୍ୱଳ ହୋଇ ନନ୍ଦିଘୋଷ ରଥକୁ ଟାଣି ନେଇଥିଲେ। ତିନିରଥ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଯିବାପରେ ଶରଧାବାଲିରେ ଲକ୍ଷାଧିକ ଭକ୍ତ ଶ୍ରୀଜିଉମାନଙ୍କ ଦର୍ଶନ କରିଥିଲେ। ଚଳିତବର୍ଷ ଭକ୍ତମାନେ ରଥ ସ୍ପର୍ଶ କରିପାରିବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବ୍ୟାରିକେଡ୍ ନିର୍ମାଣ କରାଯାଇ ରଥ ସ୍ପର୍ଶ ନକରିବାକୁ ପ୍ରଶାସନ ସବୁ ପ୍ରକାର ବ୍ୟବସ୍ଥା କରିଛି। ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ନବଦିନ ଯାତ୍ରା ଉପଲକ୍ଷେ ଶରଧାବାଲି ଏବେ ଭକ୍ତିମୟ ହୋଇଉଠିଛି। ଆଜି ଶ୍ରୀଜିଉମାନଙ୍କୁ ଗୋଟି ପହଣ୍ଡି କରି ଜନ୍ମବେଦୀକୁ ନିଆଯିବ। ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ କେବଳ ଶ୍ରୀକ୍ଷେତ୍ର ନୁହେଁ ସମଗ୍ର ବିଶ୍ୱରେ ରଥଯାତ୍ରା ଉତ୍ସବ ପାଳନ କରାଯାଉଛି। ଏହିଦିନ ମହାପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥ ନିଜ ଜ୍ୟେଷ୍ଠଭ୍ରାତା ଶ୍ରୀବଳଭଦ୍ର, ଭଗିନୀ ଶ୍ରୀସୁଭଦ୍ରା ଓ ଆୟୁଧ ଶ୍ରୀସୁଦର୍ଶନଙ୍କୁ ସାଥିରେ ଧରି ଶ୍ରୀମନ୍ଦିରର ରତ୍ନବେଦୀରୁ ବାହାରି ଜନ୍ମବେଦୀକୁ ଗମନ କରନ୍ତି। ତିନୋଟି ସୁସଜ୍ଜିତ ରଥରେ ଲକ୍ଷାଧିକ ଭକ୍ତଙ୍କ ମେଳରେ ରାଜକୀୟ ଠାଣିରେ ଶ୍ରୀଜିଉମାନେ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରନ୍ତି। ବର୍ଷ ସାରା ଶ୍ରୀମନ୍ଦିର ରତ୍ନବେଦୀରେ ଅବସ୍ଥାନ କରୁଥିବା ମହାପ୍ରଭୁ ୭ଦିନ ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରରେ ରହଣୀ କରନ୍ତି। ଏହି ୭ଦିନ ମଧ୍ୟରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜିଉମାନଙ୍କୁ ଦର୍ଶନ କଲେ କୋଟିପୁଣ୍ୟ ହେବା ସହିତ ମୋକ୍ଷପ୍ରାପ୍ତି ହେବାର ବିଶ୍ୱାସ ରହିଛି।

## ପୋଲାଭରମ୍ ପ୍ରସଙ୍ଗ

# ପୁଣି ମୋଦିଙ୍କୁ ଚିଠି ଲେଖିଲେ ନବୀନ



**ଭୁବନେଶ୍ୱର :** ଲଗାତାର ଚତୁର୍ଥ ବର୍ଷ ପାଇଁ ପୋଲାଭରମ୍ ପ୍ରକଳ୍ପର କାର୍ଯ୍ୟବନ୍ଦ ଆଦେଶ ବାତିଲ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପୁଣି ଥରେ ଦାବି କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ପୂର୍ବ ଆଦେଶକୁ ରଦ୍ଦ କରିବାକୁ ଅନୁରୋଧ କରିଛନ୍ତି। ଏହା ସହିତ ମାମଲାରେ ହସ୍ତକ୍ଷେପ କରି ସୁପ୍ରିମକୋର୍ଟରେ ବିବାଦର ସମାଧାନ ନହେବା ପର୍ଯ୍ୟନ୍ତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ସେ ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଲେଖିଛନ୍ତି ଯେ ଗତ ୧୦ ତାରିଖରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ମନ୍ତ୍ରଣାଳୟ ପକ୍ଷରୁ ସମ୍ପୃକ୍ତ ପ୍ରକଳ୍ପ ଲାଗି ଜାରି କରାଯାଇଥିବା କାର୍ଯ୍ୟବନ୍ଦ ଆଦେଶକୁ ବର୍ଷେ ପାଇଁ ବାତିଲ କରାଯାଇଛି। ମାତ୍ର ଏହା ପୂର୍ବରୁ ୨୦୧୫, ୨୦୧୬ ଏବଂ ୨୦୧୭ରେ ଏଭଳି ବାତିଲ ହୋଇଥିଲା। ୨୦୧୫ରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ କ୍ରମେ ଯେତେବେଳେ ଏହି ଆଦେଶ ବାତିଲ କରାଯାଇଥିଲା ସେତେବେଳେ ପରିବେଶ ମନ୍ତ୍ରଣାଳୟ ତରଫରୁ ଆନ୍ଧ୍ର ସରକାରଙ୍କ ଆଗରେ କେତେକ ସର୍ତ୍ତ ରଖାଯାଇଥିଲା। ଏଥିରେ ଛତିଶଗଡ଼ ଓ ଓଡ଼ିଶା ସରକାରଙ୍କ ସହିତ ଆଲୋଚନା କରି ସହମତି ନହେବା ପର୍ଯ୍ୟନ୍ତ ଆନ୍ଧ୍ର ସରକାର ଏହାକୁ ଆଇନତଃ କାର୍ଯ୍ୟକାରୀ କରିପାରିବେ ନାହିଁ ବୋଲି କୁହାଯାଇଥିଲା। ସେହିପରି ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଜନଶୁଣାଣି କରିବା ସହିତ ନକ୍ସାରେ ପରିବର୍ତ୍ତନ କରାଗଲେ ପଡ଼ୋଶୀ ରାଜ୍ୟ ସହିତ ଆଲୋଚନା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ସେଭଳି କିଛି କରାନଯାଇ ପୁଣି ଥରେ ଏହି କାର୍ଯ୍ୟବନ୍ଦ ଆଦେଶକୁ ବାତିଲ କରାଯିବା ପରିତାପର ବିଷୟ ବୋଲି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି। ଏହି ବିଷୟରେ ସେ ଗତ ଜୁନ୍ ୨ ତାରିଖରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ହର୍ଷବର୍ଦ୍ଧନଙ୍କୁ ଚିଠି ଲେଖିଥିଲେ ସୁଦ୍ଧା ଏହାକୁ ଗୁରୁତ୍ୱ ଦିଆଗଲା ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ବର୍ତ୍ତମାନ ଏହି କାର୍ଯ୍ୟବନ୍ଦ ଆଦେଶ ବାତିଲ ଅବଧି ବର୍ଷେ ପାଇଁ ବୃଦ୍ଧି କରାଯାଇଥିବା ବେଳେ ଏହି ସମୟ ମଧ୍ୟରେ ➤ ପୃ-୬




## ଏନ୍‌ଜିଟିରେ ମହାନଦୀ ଶୁଣାଣି
# ଅଗଷ୍ଟ ୨୦ରେ

**ନୂଆଦିଲ୍ଲୀ :** ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲରେ ମହାନଦୀ ମାମଲାର ଶୁଣାଣି ହୋଇଥିଲେ ମଧ୍ୟ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୦କୁ ଧାର୍ଯ୍ୟ କରାଯାଇଛି। ଏନଜିଟିର ମୁଖ୍ୟ ବିଚାରପତି ଆଦର୍ଶ କୁମାର ଗୋୟଲ ମାମଲାର ଶୁଣାଣି କରିଥିଲେ। ମହାନଦୀର ଉପରମୁଣ୍ଡରେ ବ୍ୟାରେଜ ନିର୍ମାଣକୁ ଛତିଶଗଡ଼ ସରକାର ବନ୍ଦ କରୁନଥିବା ନେଇ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ସୁଦର୍ଶନ ଦାସ ଏନ୍‌ଜିଟିରେ ଏହି ମାମଲା ଦୀର୍ଘଦିନରୁ ଦାୟର କରିଛନ୍ତି। ଏନ୍‌ଜିଟିର କୋଲକାତାସ୍ଥିତ ପୂର୍ବାଞ୍ଚଳ ବେଞ୍ଚରେ ଏହାର ଶୁଣାଣି ହେଉଥିଲା। ଏବେ ଏହା ନୂଆଦିଲ୍ଲୀସ୍ଥିତ ପ୍ରଧାନ ବେଞ୍ଚକୁ ସ୍ଥାନାନ୍ତରିତ ହୋଇଛି।

# 'ଦକ୍ଷତାର ଅନ୍ୟନାମ ସ୍ୱାଭିମାନ ଓ ସମ୍ମାନର ସହ ବଞ୍ଚିବା'




**ଭୁବନେଶ୍ୱର :** ଦକ୍ଷତାରେ ବିକାଶ କରିବା କେବଳ କିଛି ଅର୍ଥ ରୋଜଗାର ବା ଭୌତିକ ସୁଖ ପାଇଁ ବ୍ୟବସ୍ଥା ନୁହେଁ। ବରଂ ଜୀବନରେ ସ୍ୱାଭିମାନ ଓ ସମ୍ମାନର ସହ ବଞ୍ଚିବା ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ ବୋଲି କହିଛନ୍ତି କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସ୍ଥାନୀୟ ସୋଆ ପରିସରରେ ଇଣ୍ଡିଆ ସ୍କିଲ୍ ପ୍ରତିଯୋଗିତା ପୂର୍ବ ଭାରତର ଉଦ୍‌ଘାଟନ ତଥା ବିଶ୍ୱ ଯୁବ ଦକ୍ଷତା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଥିଲେ ଯେ, ସ୍କିଲ୍ କିଛି ନୂଆ ବ୍ୟବସ୍ଥା ନୁହେଁ। ହଜାର ହଜାର ବର୍ଷ ପୂର୍ବରୁ ସମାଜରେ ଏହି ବ୍ୟବସ୍ଥା ପ୍ରଚଳିତ ହୋଇରହିଛି। ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ସମୟରେ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ସହ ସାକ୍ଷାତ ବେଳେ ପୁରୀର ଶ୍ରୀମନ୍ଦିର ବାରମ୍ୱାର ତିଆରି ହୋଇଥିବା ସହ ବର୍ତ୍ତମାନର ଶ୍ରୀମନ୍ଦିର ସାଢ଼େ ନଅଶହ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ପ୍ରସଙ୍ଗ ଉଠିଥିଲା। ଏହି ମନ୍ଦିର ନିର୍ମାଣ ପାଇଁ ସେଇ ସମୟରେ ସ୍ଥାପତ୍ୟ ବିଦ୍ୟାର ବିଦ୍ୱାନ ଥିବେ, ➤ ପୃ-୬

# ଗଛ ତଳେ ମଧ୍ୟାହ୍ନ ଭୋଜନ


ନାରାଣପୁର ପ୍ରାଥମିକ ବିଦ୍ୟାଳୟ

**ସୋନପୁର :** ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ନାରାଣପୁର ଗ୍ରାମର ନାରାଣପୁର ପ୍ରାଥମିକ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଏବେ ଅବ୍ୟବସ୍ଥା ଘେରରେ। ସରକାରଙ୍କ ଏହି ଯୋଜନା କିପରି ଚାଲିଛି ତାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ନାରାୟଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟରେ ଆବଶ୍ୟକ ସ୍ଥାନାଭାବ ଯୋଗୁଁ ଶତାଧିକ ଛାତ୍ରଛାତ୍ରୀ ବର୍ଷସାରା ଖରା, ବର୍ଷା, ଶୀତରେ ଖୋଲା ଆକାଶ ତଳେ ମଧ୍ୟାହ୍ନ ଭୋଜନ ଖାଉଥିବା ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁସାରେ ନାରାୟଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୫୦ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ତେବେ ଏମାନଙ୍କ ପାଇଁ ମାତ୍ର ତିନୋଟି ଶ୍ରେଣୀ ଗୃହ ରହିଥିବା ବେଳେ ଗୋଟିଏ କାର୍ଯ୍ୟାଳୟ ରହିଛି । କିନ୍ତୁ ଏଠାରେ ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ଖାଇବା ପାଇଁ ଆବଶ୍ୟକ ଶ୍ରେଣୀଗୃହ ବାରଣ୍ଡାର ଅଭାବ ରହିଛି। ଫଳରେ ଶତାଧିକ ଛାତ୍ରଛାତ୍ରୀ ପ୍ରତ୍ୟେକ ଦିନ ବର୍ଷସାରା ଖରା, ବର୍ଷା, ଶୀତରେ ଖୋଲା ଆକାଶ ଓ ଗଛ ତଳେ ମଧ୍ୟାହ୍ନ ଭୋଜନ ଖାଇବାକୁ ବାଧ୍ୟ ହେଉଛନ୍ତି। ➤ ପୃ-୬

## ବକ୍ରବାଣୀ



ଆଇଥିଲେ ଗୁଣିଆ ଦେଇଗଲେ ମନ୍ତର
କହିଗଲେ ସଭିଙ୍କୁ କିଣିବାକୁ ଯନ୍ତର
ଆଛେଦିନ ଆଇଲା ସବୁବେଳେ ଲେଖିବ
ତେବେଯାଇ ରାଇଜେ ଆମଗାଦି ଦେଖିବ
ଚିଟଫଣ୍ଡ ଫାଇଲ ସିବିଆଇ ଖୋଲିବ
ବ୍ଲାକରୋଜ କଥାକୁ ସେଇଥିରେ ଯୋଡିବ
ଜଗନ୍ନାଥ କାହାର ବାଦିପାଲା ଚାଲିବ
ଓଡିଆଙ୍କୁ ଭଣ୍ଡେଇ ଶୁଆଇକି ମାରିବ
ରାମଲାଲା ମନ୍ଦିର ହବାକଥା କହିବ
ଉଣେଇଶ ଡିଆଁଇ ତୁମେସବୁ ଶୋଇବ।

— ଟୁଟୁ






EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** କାର୍ଯ୍ୟକ୍ଷେତ୍ରରେ ତଳିଆ କର୍ମଚାରୀଙ୍କ ସହ ବିବାଦ ଉପୁଜିପାରେ। ପରିବାରରେ ଅଶାନ୍ତି ଦେଖାଦେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ବିଫଳ ହୋଇପାରନ୍ତି। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ। କଳାକାରମାନେ ଯଶ ଅର୍ଜନ କରିବେ।

**ବୃଷ** କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ସମ୍ଭାବନା ରହିଛି। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଅର୍ଥନୈତିକ ପରିସ୍ଥିତି ସୁଧୁରିବ। ଜମିଜମା ବିବାଦ ଲାଗିରହିବ। ରାଜନୀତିରେ ଶୁଭଫଳ ପାଇବେ।

**ମିଥୁନ** କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ନୂଆ ଗାଡି କିଣିବା ପାଇଁ ମନ ବଳିବ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ ଉନ୍ନତି ହେବ।

**କର୍କଟ** ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ବଦଳି ହୋଇପାରେ। ଗୃହରେ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ଶୁଭଫଳ ପାଇବେ।

**ସିଂହ** ଆର୍ଥିକ ସ୍ୱଚ୍ଛତା ଦେଖାଦେବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଅଧିକ ନମ୍ବର ରଖି ପାସ୍ କରିବେ। ଦୀର୍ଘ ଦିନରୁ ଲାଗିରହିଥିବା ବିବାଦ ଲାଗି ରହିବ। ରାଜନୈତିକ ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ରହିବ।

**କନ୍ୟା** ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ମଧ୍ୟ କୃତିତ୍ୱ ଅର୍ଜନ କରିବେ। ପରିବାର ସହିତ ଧାର୍ମିକ କାର୍ଯ୍ୟକ୍ରମକୁ ଯାଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।

**ତୁଳା** ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧରେ ରୁଚି ବୃଦ୍ଧି ହେବ। ନୂତନ କର୍ମରେ ଯୋଗ ଦେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ଉପୁଜିପାରେ। ରାଜନୀତିରେ ବିପଦ ବଢ଼ିବ। ବ୍ୟବସାୟରେ ଶୁଭଫଳ ପାଇବେ।

**ବିଛା** ଚାକିରିରେ ପଦୋନ୍ନତି ଘଟିବ। ପାରିବାରିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ଅତିଥି ସେବାରେ ସମୟ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ।

**ଧନୁ** ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବନ୍ଧୁଙ୍କ ଠାରୁ ସହଯୋଗ ପାଇବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ତୀର୍ଥଯାତ୍ରା କରିବାର ସୁଯୋଗ ରହିଛି।

**ମକର** ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଆସିପାରେ। କୋର୍ଟକଚେରୀ ମାମଲାର ସମାଧାନ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ ହେବେ।

**କୁମ୍ଭ** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ହେବ। ବିଦେଶ ଯାତ୍ରାରୁ ବଞ୍ଚିତ ହେବେ। ବ୍ୟବସାୟରେ ଲାଭବାନ୍ ହେବେ।

**ମୀନ** ଗୃହରେ ବୃଦ୍ଧଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବ। ଛାତ୍ରଛାତ୍ରୀମାନେ ଶୁଭଫଳ ପାଇବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ବିଦେଶ ଭ୍ରମଣର ସୁଯୋଗ ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ‘୫ କୋଟି ଦାରିଦ୍ର୍ୟ ଦୂର ହୋଇଛି’



**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଇତିମଧ୍ୟରେ ୪ ବର୍ଷ ପୂରଣ କରି ଏବେ ନିର୍ବାଚନମୁହାଁ ହୋଇଛନ୍ତି। ତେଣୁ ସାରା ଦେଶରେ ସରକାରର ୪ ବର୍ଷର କୀର୍ତ୍ତି ବଖାଣୁଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ଉତ୍ତରପ୍ରଦେଶରେ ୨୮ ହଜାର କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିବାକୁ ଯାଇ ସେ ମିର୍ଜାପୁର ଠାରେ ବନସାଗର କେନାଲ ପ୍ରକଳ୍ପ ଉଦ୍‌ଘାଟନ କରିବା ଅବସରରେ ଏକ ଜନସଭାକୁ ସମ୍ବୋଧିତ କରି କହିଛନ୍ତି, ଆମ ସରକାର ନବଭାରତର ଲକ୍ଷ୍ୟ ରଖି ଦଳିତ, ନିଷ୍ପେଷିତ, ଚାଷୀ, ଶିଶୁ ଓ ଯୁବକଙ୍କ ବିକାଶ ପାଇଁ ଅନେକଗୁଡ଼ିଏ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବିଗତ ୨ ବର୍ଷ ମଧ୍ୟରେ ୫ କୋଟି ଲୋକ ଗରିବ ଶ୍ରେଣୀରୁ ନିସ୍ତାର ପାଇଛନ୍ତି ବୋଲି ଅନ୍ତର୍ଜାତୀୟ ରିପୋର୍ଟରେ କୁହାଯାଇଛି। ପୂର୍ବ ସରକାର କୃଷକଙ୍କ ପାଇଁ କୌଣସି ଯୋଜନା କରିନଥିଲେ। ଉତ୍ତରପ୍ରଦେଶରେ ବିଜେପି ସରକାର ଆସିବା ପରଠାରୁ ଅଟକି ରହିଥିବା ସମସ୍ତ ଯୋଜନାକୁ କାର୍ଯ୍ୟକାରୀ କରାଯାଇଛି। ଏବେ କେତେକ ଦଳ ଦେଶର କୃଷକଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ମିର୍ଜାପୁର ବିଜେପିର ସହଯୋଗୀ ଅପ୍‌ନା ଦଳ (ଏସ୍)ର ଗଡ଼ ଭାବେ ପରିଚିତ ଏହି ଅଂଚଳରେ ଓବିସିଙ୍କ ସଂଖ୍ୟା ଅଧିକ। ଉଲ୍ଲେଖଯୋଗ୍ୟ ଯେ, ମୋଦି ଆଜମଗଡ଼ରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧିଙ୍କୁ ଟାର୍ଗେଟ୍ କରି କହିଲେ, କଂଗ୍ରେସ ମୁସ୍‌ଲିମ୍‌ଙ୍କ ପକ୍ଷ ନେଉଥିବା ବେଳେ ମୁସ୍‌ଲିମ୍ ମହିଳାଙ୍କ ଅଧିକାର ପାଇଁ ପଦକ୍ଷେପ ନେବାରୁ ପଛଘୁଞ୍ଚା ଦେଉଛି। ମୋଦି ବନସାଗର ଯୋଜନା ସହ ୧୦୮ ଯୋଜନା, ମେଡିକାଲ କଲେଜର ଶିଳାନ୍ୟାସ କରିଥିଲେ। ବାରାଣସୀ-ମିର୍ଜାପୁରକୁ ଯୋଡ଼ିବା ପାଇଁ ଏକ ସେତୁ ନିର୍ମାଣ ସମ୍ପର୍କରେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ଏଠାରେ ଅନେକ ଯୋଜନା କାର୍ଯ୍ୟକାରୀ ନ ହୋଇ ଏପର୍ଯ୍ୟନ୍ତ ପଡ଼ିରହିଥିଲା ବେଳେ ଯୋଗୀ ଆଦିତ୍ୟନାଥ ମୁଖ୍ୟମନ୍ତ୍ରୀ ହେବା ପରେ ଏଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ନେଇଛନ୍ତି।

### କୁଳଭୂଷଣ ମାମଲା

# ଆଇସିଜେରେ କାଉଣ୍ଟର୍ ଫାଇଲ୍ କରିବ ପାକିସ୍ତାନ

**ଇସ୍‌ଲାମାବାଦ :** ପାକିସ୍ତାନରେ ଗୁପ୍ତଚର ବୃତ୍ତି ଅଭିଯୋଗରେ ଫାଶୀଦଣ୍ଡ ଅପେକ୍ଷାରେ ଥିବା ଭାରତୀୟ ନୌସେନା ଅଧିକାରୀ କୁଳଭୂଷଣ ଯାଦବଙ୍କ ସମ୍ପର୍କରେ ଇସ୍‌ଲାମାବାଦ ପକ୍ଷରୁ ଅନ୍ତର୍ଜାତୀୟ ନ୍ୟାୟାଳୟ (ଆଇସିଜେ)ରେ କାଉଣ୍ଟର ଫାଇଲ୍ କରାଯିବ। ଆସନ୍ତା ୧୭ରେ ଏ ସମ୍ପର୍କରେ ଭାରତ ଉତ୍ଥାପନ କରିଥିବା ପ୍ରସଙ୍ଗଗୁଡ଼ିକ ଉପରେ ପାକିସ୍ତାନ ଦ୍ୱିତୀୟ ଲିଖିତ ଉତ୍ତର ପ୍ରଦାନ କରିବ ବୋଲି ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି। ଏହି ମାମଲାରେ ଆଉ ଏକ ପର୍ଯ୍ୟାୟ ଲିଖିତ ଜବାବ ଦେବା ପାଇଁ ଆଇସିଜେ କକ୍ଷରୁ ଗତ ଜାନୁଆରୀ ୨୩ରେ ଉଭୟ ଭାରତ ଓ ପାକିସ୍ତାନକୁ ସମୟସୀମା ଦିଆଯାଇଥିଲା। ଆଇସିଜେରେ ପାକିସ୍ତାନରେ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଟର୍ଣ୍ଣି ଖାୱାର୍ କ୍ୟୁରେସି ଗତ ସପ୍ତାହରେ ପାକ୍ ପ୍ରଧାନମନ୍ତ୍ରୀ ନସିରୁଲ୍ ମୁଲ୍କଙ୍କୁ ଏ ସମ୍ପର୍କରେ ଅବଗତ କରିଥିବା ଏକ୍ସପ୍ରେସ୍ ଟ୍ରିବ୍ୟୁନ୍ ଉଲ୍ଲେଖ କରିଛି। ଏହି ବୈଠକରେ ପାକିସ୍ତାନର ଆଟର୍ଣ୍ଣି ଜେନେରାଲ ଖାଲିଦ୍ ଜାଭେଦ ଖାନ୍ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି କାଉଣ୍ଟର୍-ମେମୋରିଆଲ୍‌ର ଚିଠା ପ୍ରସ୍ତୁତ କରିଛନ୍ତି କ୍ୟୁରେସି। ଏହି ୨ୟ ଦଫା କାଉଣ୍ଟର ମେମୋରିଆଲ୍ ଦାଖଲ କରାଯିବା ପରେ ଆଇସିଜେ ଶୁଣାଣି ତାରିଖ ଧାର୍ଯ୍ୟ କରିବେ। ଯେତେଦୂର ସମ୍ଭବ ଆସନ୍ତା ବର୍ଷ ଏ ସମ୍ପର୍କରେ ଶୁଣାଣି ହେବ। ଅନ୍ତର୍ଜାତୀୟ ମାମଲା ପରିଚାଳନାରେ ବିଶେଷ ଅଭିଜ୍ଞତା ଅର୍ଜନ କରିଥିବା ଜଣେ ବରିଷ୍ଠ ଓକିଲ ସମ୍ବାଦପତ୍ରକୁ କହିଛନ୍ତି, ଚଳିତ ବର୍ଷ ଏ ସମ୍ପର୍କରେ ଶୁଣାଣିର ଆଦୌ ସମ୍ଭାବନା ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଗୁପ୍ତଚର ବୃତ୍ତି ଅଭିଯୋଗରେ ଯାଦବଙ୍କୁ ପାକିସ୍ତାନର ସାମରିକ ଅଦାଲତ ମୃତ୍ୟୁ ଦଣ୍ଡାଦେଶ ଦେବାରୁ ଭାରତ ଏହା ବିରୋଧରେ ଗତ ବର୍ଷ ମେ’ ମାସରେ ଆଇସିଜେରେ ଆବେଦନ କରିଥିଲା। ଭାରତ ଏ ସମ୍ପର୍କରେ ଅଦାଲତ ସହ ଲିଖିତ ଭାବେ ଜଣାଇଛି ଯେ, ପାକିସ୍ତାନ ଭିଏନା ସମ୍ମିଳନୀ ନିଷ୍ପତ୍ତିର ଉଲ୍ଲଂଘନ କରି ଯାଦବଙ୍କୁ କନ୍‌ସୁଲାର୍ ଆକ୍‌ସେସ୍ ପାଇଁ ସୁଯୋଗ ଦେଇନାହିଁ। କିନ୍ତୁ ଗୁପ୍ତଚର ବୃତ୍ତି ଅଭିଯୋଗରେ ଗିରଫ ବ୍ୟକ୍ତିଙ୍କୁ ଏହି ସୁଯୋଗ ଦିଆଯିବା ଦରକାର। ଏହାର ଜବାବରେ ପାକିସ୍ତାନ ଗତ ଡିସେମ୍ବର ୧୩ରେ ଆଇସିଜେକୁ ଜଣାଇଥିଲା ଯେ, ଭିଏନା ସମ୍ମିଳନୀ କନ୍‌ସୁଲାର୍ ରିଲେସନ୍ ୧୯୬୩ କେବଳ ପର୍ଯ୍ୟଟକଙ୍କ କ୍ଷେତ୍ରରେ ଲାଗୁ ହେବ।

### ନିର୍ଭୟା ଗଣଦୁଷ୍କର୍ମ ଓ ହତ୍ୟା ମାମଲା, ପୁନର୍ବିଚାର ଅଗ୍ରାହ୍ୟ

# ଅଭିଯୁକ୍ତଙ୍କ ଫାଶୀ କାଏମ

**ନୂଆଦିଲ୍ଲୀ :** ନୂଆଦିଲ୍ଲୀରେ ଘଟିଥିବା ବହୁଚର୍ଚ୍ଚିତ ନିର୍ଭୟା ଗଣଦୁଷ୍କର୍ମ ଓ ହତ୍ୟା ମାମଲାରେ ୪ ଦୋଷୀଙ୍କ ମଧ୍ୟରୁ ୩ ଜଣଙ୍କ ରିଭ୍ୟୁ ପିଟିସନ୍ ସୁପ୍ରିମ୍‌କୋର୍ଟରେ ଖାରଜ ହୋଇଯାଇଛି। କୋର୍ଟ ଫାଶୀଦଣ୍ଡ କାଏମ୍ ରଖିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ରଙ୍କ ନେତୃତ୍ୱରେ ଗଠିତ ୩ ଜଣିଆ ଖଣ୍ଡପୀଠ ଏହି ଚାଞ୍ଚଲ୍ୟକର ଗଣଦୁଷ୍କର୍ମ ଓ ହତ୍ୟା ମାମଲାରେ ୩ ଜଣ ଦୋଷୀ ମୁକେଶ (୨୯), ପବନ ଗୁପ୍ତା (୨୨) ଓ ବିନୟ ଶର୍ମା (୨୩)ଙ୍କ ରିଭ୍ୟୁ ପିଟିସନ୍‌କୁ ଖାରଜ କରି କହିଛନ୍ତି, ଆବେଦନକାରୀଙ୍କ ବୟାନ ବିଶଦ ଭାବରେ ଶୁଣାଣି କରାଯାଇଛି ଏବଂ ଆମ ରାୟର ପୁନର୍ବିଚାର କରିବା ପାଇଁ ସେମାନଙ୍କ ଆବେଦନରେ କୌଣସି ନୂଆ ତଥ୍ୟ ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ମାମଲାରେ ୪ର୍ଥ ଦୋଷୀ ଅକ୍ଷୟ କୁମାର ସିଂହ (୩୧) ସୁପ୍ରିମକୋର୍ଟଙ୍କ ୨୦୧୭ ମେ’ ୫ର ରାୟ ବିରୋଧରେ ରିଭ୍ୟୁ ପିଟିସନ୍ ଫାଇଲ୍ କରିନଥିଲେ। ଏହି ପରିପ୍ରେକ୍ଷୀରେ ନିର୍ଭୟାଙ୍କ ମା’ ସୁପ୍ରିମ୍‌କୋର୍ଟଙ୍କ ଫୈସଲାକୁ ସ୍ୱାଗତ କରି କହିଛନ୍ତି, ଆମର ନ୍ୟାୟ ଓ ସୁପ୍ରିମ୍‌କୋର୍ଟଙ୍କ ଉପରେ ବିଶ୍ୱାସ ରହିଛି। ୨୦୧୨ ଡିସେମ୍ବର ୧୬ ମଧ୍ୟରାତ୍ରିରେ ନିର୍ଭୟା ନାମରେ ପରିଚିତ ୨୩ ବର୍ଷୀୟା ପାରାମେଡିକାଲ ଛାତ୍ରୀଙ୍କୁ ଦକ୍ଷିଣ ଦିଲ୍ଲୀରେ ଏକ ଚଳନ୍ତା ବସ୍‌ରେ ଏମାନଙ୍କୁ ମିଶାଇ ୬ ଜଣ ଦୁଷ୍କର୍ମ କରିବା ସହ ଅତି ଜଘନ୍ୟ ଭାବେ ଶାରୀରିକ ନିର୍ଯାତନା ଦେଇ ଗାଡ଼ିରୁ ତଳକୁ ଠେଲି ଦେଇଥିଲେ। ଛାତ୍ରୀ ଜଣକ ତାଙ୍କର ଜଣେ ବନ୍ଧୁଙ୍କ ସହ ସିନେମା ଦେଖି ରାତିରେ ଫେରିଲା ବେଳେ ଏଭଳି ଦୁଷ୍କର୍ମର ଶିକାର ହୋଇଥିଲେ। ତାଙ୍କୁ ଅତି ଗୁରୁତର ଅବସ୍ଥାରେ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସିଙ୍ଗାପୁର ପଠାଯାଇ ମାଉଣ୍ଟ୍ ଏଲିଜାବେଥ୍ ହସ୍‌ପିଟାଲରେ ଚିକିତ୍ସା କରାଯାଇଥିଲା। ୨୦୧୨ ଡିସେମ୍ବର ୨୯ରେ ତାଙ୍କର ମୃତ୍ୟୁ ଘଟିବାରୁ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

# କାଳ ଗୁମ୍ଫାରୁ ସମସ୍ତ ଖେଳାଳି ଓ କୋଚ୍ ଉଦ୍ଧାର



**ବ୍ୟାଙ୍କକ୍ :** ଥାଇଲ୍ୟାଣ୍ଡର ଥାମ୍ ଲୁଆଙ୍ଗ୍ ଗୁମ୍ଫାରୁ ଅବଶିଷ୍ଟ ୪ ଜଣ ଖେଳାଳି ଓ କୋଚ୍‌ଙ୍କୁ ଉଦ୍ଧାର କରାଯାଇଛି। ଦୀର୍ଘ ୧୮ ଦିନ ଧରି ଥାଇଲ୍ୟାଣ୍ଡ ଜୁନିୟର୍ ଫୁଟ୍‌ବଲ୍ ଟିମ୍‌ର ୧୨ ଜଣ ଖେଳାଳି ଓ ଜେଣ କୋଚ୍ ଏହି ଗୁମ୍ଫାରେ ଫଶି ରହିଥିଲେ। ଉଦ୍ଧାର କାର୍ଯ୍ୟ ଶେଷ ହୋଇଛି ଏବଂ ସମସ୍ତ ଖେଳାଳି ଓ କୋଚ୍ ନିରାପଦ ବୋଲି ନ୍ୟାଭିସିଲ୍ ପକ୍ଷରୁ ଘୋଷଣା କରାଯାଇଛି। ଗତ ରବିବାର ୪ଜଣ, ସୋମବାର ୪ ଓ ଆଜି କୋଚ୍‌ଙ୍କ ସହ ୫ଜଣଙ୍କୁ ଉଦ୍ଧାର କରାଯାଇଛି। ଗତ ଜୁନ୍ ୨୩ରେ ୧୧ରୁ ୧୬ ବର୍ଷ ବୟସର ଏହି ପିଲାମାନେ କୋଚ୍ (୨୫)ଙ୍କ ସହ ଅଭ୍ୟାସ ମ୍ୟାଚ୍ ସାରି ଥାମ୍ ଲୁଆଙ୍ଗ୍ ଗୁମ୍ଫା ଦେଖିବାକୁ ଯାଇଥିଲା ବେଳେ ହଠାତ୍ ପ୍ରବଳ ବର୍ଷା ଓ ବନ୍ୟା ହେବାରୁ ସେମାନେ ଗୁମ୍ଫା ଭିତରୁ ବାହାରିପାରି ନଥିଲେ। ଏହି ଫୁଟ୍‌ବଲ୍ ଟିମ୍‌କୁ ଉଦ୍ଧାର କରିବା ଅତିକ୍ରମ କଲାବେଳେ କାଳେ ପିଲାମାନେ ଆତଙ୍କିତ ହୋଇଯିବେ, ସେଥିପାଇଁ ସେମାନଙ୍କୁ ଅଳ୍ପ ମାତ୍ରାରେ ନିଶ୍ଚେତକ ଦିଆଯାଇଥିଲା ବୋଲି ଥାଇଲ୍ୟାଣ୍ଡର ଜୁଣ୍ଟା ମୁଖ୍ୟ ପ୍ରୟୁତ ଚାନ୍-ଓ-ଚା କହିଛନ୍ତି। ଆଜି ଉଦ୍ଧାର ହୋଇଥିବା ୫ ଜଣ ନିରାପଦ ଥିଲା ବେଳେ ଗତ ଦୁଇ ଦିନରେ ଉଦ୍ଧାର ହୋଇଥିବା ୮ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି ବୋଲି ମେଡିକାଲ ମୁଖ୍ୟ କହିଛନ୍ତି। ସାଧାରଣ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସ୍ଥାୟୀ ସଚିବ ଜେଡ୍‌ସାଡା ଚୋକ୍‌ଡାମ୍‌ରୋଙ୍ଗ୍‌ସୁକ୍ କହିଛନ୍ତି, ପିଲାମାନଙ୍କର ସ୍ୱାସ୍ଥ୍ୟ ଓ ମାନସିକ ସ୍ଥିତି ଭଲ ରହିଛି। ପ୍ରଥମେ ଅସମ୍ଭବ ଲାଗୁଥିବା ଏହି ମିଶନ୍ ଶେଷରେ ସମ୍ଭବରେ ପରିଣତ ହେଲା। ଉଦ୍ଧାର କରାଯିବାର ପଥ ଅତି ସଂକୀର୍ଣ୍ଣ ଓ ବିପଜ୍ଜନକ ଥିବାରୁ ଉଦ୍ଧାରକାରୀ ଦଳ ସାହସର ସହିତ ସେମାନଙ୍କୁ ଉଦ୍ଧାର କରି ସମଗ୍ର ବିଶ୍ୱବାସୀଙ୍କଠାରୁ ସାବାସୀ ପାଉଥିଲା ବେଳେ ପିଲାମାନଙ୍କର ମାନସିକ ଦୃଢ଼ତାକୁ ମଧ୍ୟ ସବୁ ମହଲରେ ପ୍ରଶଂସା କରାଯାଉଛି।

# ‘ତୈଳ ଆମଦାନୀ କମାଇଲେ ବିଶେଷ ଅଧିକାର ହରାଇବ ଭାରତ’

**ନୂଆଦିଲ୍ଲୀ :** ଇରାନ୍‌ର ଚାବାହାର ବନ୍ଦରରେ ନିବେଶ କରିବା ନେଇ ଭାରତ ପଛଘୁଞ୍ଚା ଦେଉଥିବାରୁ ଇରାନ୍ ସରକାର ଏହାକୁ କଡ଼ା ସମାଲୋଚନା କରିଛନ୍ତି। ଏହା ବ୍ୟତୀତ ଯଦି ଭାରତ ଇରାନ୍‌ରୁ ତୈଳ ଆମଦାନୀ କମାଇବାର ନିଷ୍ପତ୍ତି ନିଏ ଏହାର ପ୍ରଭାବରେ ଭାରତ ବର୍ତ୍ତମାନ ପାଉଥିବା ବିଶେଷ ଅଧିକାର ହରାଇ ବସିବ ବୋଲି ମଧ୍ୟ ଧମକାଇଛନ୍ତି ଇରାନ୍ ସରକାର। ଇରାନ୍ ଡେପୁଟି ଆମ୍ବାସାଡର ମାସୁଦ୍ ରେଜ୍‌ଭାନିଆନ୍ ରାହାଘିଙ୍କ କହିବା ଅନୁଯାୟୀ, ଭାରତ ଯଦି ଅନ୍ୟ ତୈଳ ଉତ୍ପାଦନକାରୀ ରାଷ୍ଟ୍ର ଯେପରିକି ସାଉଦି ଆରବ, ରୁଷିଆ, ଇରାକ୍, ଆମେରିକା ଏବଂ ଅନ୍ୟ ରାଷ୍ଟ୍ରରୁ ତୈଳ ଆମଦାନୀ କରି ଇରାନ୍‌ରୁ ଆମଦାନୀ ହେଉଥିବା ତୈଳର ପରିମାଣ କମାଏ, ଇରାନ୍ ଭାରତକୁ ଦିଆଯାଉଥିବା ସମସ୍ତ ସୁବିଧା ସୁଯୋଗ ତଥା ବିଶେଷ ଅଧିକାରରେ ପୂର୍ଣ୍ଣଚ୍ଛେଦ ପକାଇବ। ସେ ଏହି ଅବସରରେ ଆହୁରି ମଧ୍ୟ କହିଥିଲେ, ଦୁର୍ଭାଗ୍ୟର ବିଷୟ ହେଉଛି ଚାବାହାର ବନ୍ଦରର ପ୍ରସାରଣ ପାଇଁ ଭାରତ ନିବେଶ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାଏ ତାହା ସମ୍ଭବ ହୋଇପାରିନାହିଁ। ଯଦି ଭାରତ ଭାବୁଥିବ ଚାବାହାର ବନ୍ଦର କୂଟନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ, ତେବେ ଆଶା କରୁଛି ଭାରତ ଏଦିଗରେ ତୁରନ୍ତ କିଛି ପଦକ୍ଷେପ ନେବ। ରାହାଘି ‘ଇମର୍ଜିଂ ଚ୍ୟାଲେଞ୍ଜେସ୍ ଆଣ୍ଡ୍ ଅପରଚ୍ୟୁନିଟି ଇନ୍ ଦ ଗ୍ଲୋବାଲ୍ ଡିପ୍ଲୋମାସି ଆଣ୍ଡ ଇଟସ୍ ଇମ୍ପାକ୍ଟ ଅନ୍ ବାଇଲ୍ୟାଟେରାଲ୍ ଓଇଜ୍ ୱିଥ୍ ଇଣ୍ଡିଆ’ ଶୀର୍ଷକରେ ଆୟୋଜିତ ଏକ ସେମିନାରରେ ଯୋଗଦେଇ ଏହି ପ୍ରସଙ୍ଗ ରଖିଥିଲେ। ଭାରତ ଇରାନ୍ ଏବଂ ଆଫଗାନିସ୍ଥାନ ପରି ଦେଶରେ ପହଞ୍ଚିବାପାଇଁ ପାକିସ୍ତାନ୍ ଅଡୁଆ କରୁଥିବାରୁ ଜଳପଥରେ ଇରାନ୍‌ର ଚାବାହାର ବନ୍ଦର ହିଁ ଭାରତ ପାଇଁ ସୁବର୍ଣ୍ଣ ସୁଯୋଗ ଆଣିଥିଲା। କିନ୍ତୁ ଭାରତ ଏହାକୁ ଅଣଦେଖା କରିବା ଏକ ପ୍ରକାର କୂଟନୀତିକ ପରାଜୟକୁ ଆମନ୍ତ୍ରଣ କରିବା ପରି ହେବ ବୋଲି ଚର୍ଚ୍ଚା ହେଉଛି। ୨୦୧୬ ମସିହା ମେ’ ମାସରେ ଉଭୟ ଦେଶ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ଯାହା ସାହାଯ୍ୟରେ ଭାରତ, ଇରାନ୍ ଏବଂ ଆପଗାନିସ୍ଥାନ୍ ମଧ୍ୟରେ ଏକ ତ୍ରିକୋଣୀୟ ବ୍ୟବସାୟିକ କରିଡର ନିର୍ମିତ ହେବା ନିଶ୍ଚିତ ହୋଇଥିଲା। କିନ୍ତୁ ଇରାନ୍‌ରୁ ଅତ୍ୟଧିକ ତୈଳ ଆମଦାନୀରେ ଆମେରିକାର ସ୍ୱାର୍ଥ ହାନୀ ହେଉଥିବା କୁହାଯାଉଛି। ରାଘାଇ ଏହି ଅବସରରେ ଆହୁରି ମଧ୍ୟ କହିଥିଲେ, ଅନ୍ୟରାଷ୍ଟ୍ରରୁ ତୈଳ ଆମଦାନୀ କଲେ ଏହା ଡଲାର ଭିତ୍ତିକ ହେବ। ତେଣୁ ଭାରତକୁ କରେଣ୍ଟ ଆକାଉଣ୍ଟ ଡେଫିସିଟ୍ ଜନିତ ସମସ୍ୟା ହେବା ନିଶ୍ଚିତ ଏବଂ ଭାରତ ଏହା ଦ୍ୱାରା ଇରାନ୍‌ରୁ ପାଉଥିବା ବିଶେଷ ସୁବିଧା ସବୁ ମଧ୍ୟ ହରାଇବ। ଚାବାହାର ବନ୍ଦର ସହିତ ଇରାନ୍ ଓ ଭାରତ ମଧ୍ୟରେ ଥିବା ସମ୍ପର୍କ ଦୀର୍ଘସ୍ଥାୟୀ ଓ ଦୃଢ଼ ହେବା ନିର୍ଭରଶୀଳ ହୋଇଥିବାରୁ ଏଥିପାଇଁ ପ୍ରତିଶ୍ରୁତିବଦ୍ଧ ରାଜନୀତିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

# ଇଜ୍ ଅଫ୍ ଡୁଇଂ ବିଜିନେସ୍ : ଶୀର୍ଷରେ ଆନ୍ଧ୍ର

**ନୂଆଦିଲ୍ଲୀ :** ଇଜ୍ ଅଫ ଡୁଇଂ ବିଜିନେସ୍ ବା ବ୍ୟବସାୟମିତ୍ର ପରିବେଶ ତାଲିକାରେ ତିନିଟି ସ୍ଥାନ ତଳକୁ ଖସିଛି ଓଡ଼ିଶା। ୨୦୧୬ ବର୍ଷର ତାଲିକାରେ ଓଡ଼ିଶାର ସ୍ଥାନ ୧୧ ଥିବାବେଳେ ୨୦୧୭ରେ ଏହା ୧୪କୁ ଖସି ଆସିଛି। ମଙ୍ଗଳବାର କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ତରଫରୁ ଜାରି କରାଯାଇଥିବା ବ୍ୟବସାୟ ସଂସ୍କାର କ୍ରିୟାନୁଷ୍ଠାନ ଯୋଜନା ୨୦୧୭ ବା ଇଜ୍ ଅଫ୍ ଡୁଇଂ ବିଜିନେସ୍ ର୍ୟାଙ୍କିଙ୍ଗ୍ ତାଲିକା ପ୍ରକାଶ ପାଇଛି। ୨୦୧୫ ବର୍ଷ ଓଡ଼ିଶା ଏହି ତାଲିକାର ୭ ସ୍ଥାନରେ ଥିଲା। ଏ ସଂପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶିଳ୍ପ ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି, ‘ଇଜ୍ ଅଫ୍ ଡୁଇଂ ବିଜିନେସ୍ ସଂସ୍କାର କ୍ରିୟାନ୍ୱୟନ କରିବାରେ ଆମେ ଅନେକ ବାଟ ଆଗେଇଛୁ। ଆମର କମ୍ପ୍ଲିଆନ୍ସ ବା କ୍ରିୟାନ୍ୱୟନ ହାର ୫୨.୧୫ ପ୍ରତିଶତରୁ ୯୨.୦୯ ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ତାଲିକାର ପ୍ରଥମ ୧୪ଟି ରାଜ୍ୟ ମାତ୍ର ୬% ପାର୍ଥକ୍ୟ ଭିତରେ ରହିଛନ୍ତି। ତେଣୁ ଅନ୍ୟ ରାଜ୍ୟଗୁଡ଼ିକ ଓ ଓଡ଼ିଶାର ପ୍ରଦର୍ଶନ ମଧ୍ୟରେ ବିଶେଷ କିଛି ଫରକ ନାହିଁ’। ‘ଓଡ଼ିଶାକୁ ଦେଶର ଅନ୍ୟତମ ସର୍ବୋତ୍ତମ ପୁଞ୍ଜିନିବେଶ ଲକ୍ଷ୍ୟସ୍ଥଳରେ ପରିଣତ କରିବା ପାଇଁ ଆମର ସଂକଳ୍ପକୁ ଏହା ଅଧିକ ସୁଦୃଢ଼ କରିବ’ ବୋଲି ସେ କହିଛନ୍ତି। ଗତ ୪ ବର୍ଷ ମଧ୍ୟରେ ମାନୁଫାକ୍‌ଚରିଂ କ୍ଷେତ୍ରରେ ଓଡ଼ିଶାରେ ୧୧୮ ପ୍ରକଳ୍ପ ଅନୁମୋଦନ ଲାଭ କରିଛି।

# ୬ଷ୍ଠ ବୃହତ ଅର୍ଥନୈତିକ ରାଷ୍ଟ୍ର ଭାରତ

**ନୂଆଦିଲ୍ଲୀ :** ବିଶ୍ୱବ୍ୟାଙ୍କ୍ ଦ୍ୱାରା ସଦ୍ୟ ପ୍ରକାଶିତ ତାଲିକାରେ ଫ୍ରାନ୍ସକୁ ପଛରେ ପକାଇ ଷଷ୍ଠ ଅର୍ଥନୀତିକ ରାଷ୍ଟ୍ରର ମାନ୍ୟତା ପାଇଛି ଭାରତ। ୨୦୧୭ ମସିହା ଶେଷ ବେଳକୁ ଭାରତର ଜିଡିପି ଅଭିବୃଦ୍ଧି ୨,୫୯,୭୦୦ କୋଟି ଡଲାର ଥିଲା, କିନ୍ତୁ ଫ୍ରାନ୍ସର

### ପଛରେ ପଡିଲା ଫ୍ରାନ୍ସ

୨,୫୮,୨୦୦ କୋଟି ଡଲାର ଥିଲା। ଏହି ତାଲିକାରେ ଆମେରିକା ପୂର୍ବବତ୍ ପ୍ରଥମ ସ୍ଥାନରେ ଥିବାବେଳେ ଏହା ପଛକୁ ଚୀନ୍, ଜାପାନ ଏବଂ ଜର୍ମାନୀ ଆଦି ରାଷ୍ଟ୍ର ଅଛନ୍ତି। ଅନ୍ୟପକ୍ଷରେ ବ୍ରିଟେନ୍ ୨,୬୨,୨୦୦ ଡଲାର ସହିତ ପଞ୍ଚମ ସ୍ଥାନରେ ଥିଲା। ବିଶ୍ୱବ୍ୟାଙ୍କ୍ ତରଫରୁ ଆହୁରି ମଧ୍ୟ କୁହାଯାଇଛି ଯେ, କିଛି କ୍ୱାର୍ଟରରେ ଏହି ଅଭିବୃଦ୍ଧି ବହୁତ ଦିନ ଧରି ଧିମା ଚାଲିଥିଲା ଯେଉଁଥିରେ ମୋଦି ସରକାରଙ୍କ ଅର୍ଥନୀତିକ ସଂସ୍କାର ପଦକ୍ଷେପ ପରେ ସୁଧାର ଆସିପାରିଛି। ଅନ୍ୟପକ୍ଷରେ ମୁଣ୍ଡପିଛା ଆୟରେ ଭାରତ ତୁଳନାରେ ଫ୍ରାନ୍ସ ଅଧିକ ସଫଳ। ଏହି ପରିମାଣର ତଫାତ ପ୍ରାୟ ୨୦ ଗୁଣା ହେବ ବୋଲି ଅନୁମେୟ। ଏହା ପଛର କାରଣ ହେଉଛି ଭାରତର ଜନସଂଖ୍ୟା ଏବଂ ଫ୍ରାନ୍ସର ଜନସଂଖ୍ୟା ମଧ୍ୟରେ ଆକାଶ ପାତାଳ ଫରକ। ଭାରତର ଜନସଂଖ୍ୟା ମୋଟ ୧୩୪ କୋଟିରେ ପହଞ୍ଚି ସାରିଥିବାବେଳେ ଫ୍ରାନ୍ସର ଜନସଂଖ୍ୟା ମାତ୍ର ୬.୭ କୋଟି ଯାହାକି ଗୁଜରାଟର ଜନସଂଖ୍ୟା ସହିତ ପ୍ରାୟ ସମାନ ଏବଂ ଉତ୍ତର ପ୍ରଦେଶର



ଜନସଂଖ୍ୟାର ତିନିଭାଗରୁ ଭାଗେ। ଭାରତୀୟ ଉପଭୋକ୍ତାଙ୍କ ଜୀବନଶୈଳୀ ବଦଳିବା ସଙ୍ଗେ ସଙ୍ଗେ ସେମାନେ ବିଭିନ୍ନ ଉତ୍ପାଦ ବ୍ୟବହାର କରିବା ମାନ୍ୟୁଫାକ୍‌ଚରିଂ ବା ଉତ୍ପାଦନ କ୍ଷେତ୍ରକୁ ସମୃଦ୍ଧ କରିଛି। ବିଶ୍ୱବ୍ୟାଙ୍କ୍‌ର ଏହି ରିପୋର୍ଟରେ ଆହୁରି ମଧ୍ୟ ଦର୍ଶାଯାଇଛି, ୨୦୧୬ ମସିହା ନଭେମ୍ବରରେ ନୋଟ୍‌ବନ୍ଦୀ ଏବଂ ଗତବର୍ଷ ଜୁଲାଇରୁ ଜିଏସ୍‌ଟି ଲାଗୁ କରାଯିବା ପରେ ହିଁ ଭାରତର ଅର୍ଥନୀତି ଧିମା ହେବା ଆରମ୍ଭ କରିଥିଲା। ମୋଟ ଉପରେ କହିବାକୁ ଗଲେ ୧୦ ବର୍ଷରୁ କମ୍ ସମୟରେ ଜିଡିପି ଦୁଇଗୁଣ ହୋଇଛି ଏବଂ ଏପରି ଅଭିବୃଦ୍ଧି ଘଟିବା ସମୟରେ ଭାରତ ସମଗ୍ର ଏସିଆ ମହାଦେଶର ଅର୍ଥନୀତିକ ଅଭିବୃଦ୍ଧିର ଇଞ୍ଜିନ୍ ସ୍ୱରୂପ ଥିଲା ଏବଂ ଚୀନ୍‌ର ଅର୍ଥନୀତି ସେତେବେଳକୁ ମାନ୍ଦା ହୋଇପଡ଼ିଥିଲା। ଇଣ୍ଟରନ୍ୟାସନାଲ ମନିଟାରୀ ଫଣ୍ଡ୍ (ଆଇଏମ୍‌ଏଫ୍)ର ଆକଳନ ଅନୁଯାୟୀ ଭାରତର ଅର୍ଥନୀତି ୨୦୧୮ ମସିହାରେ ୭.୪ ପ୍ରତିଶତ ହାରରେ ବଢ଼ିବ ଏବଂ ୨୦୧୯ରେ ୭.୮ ପ୍ରତିଶତ ହାରରେ ବଢ଼ିବ। ଏହା ବ୍ୟତୀତ ଏହି ସମୟରେ ବିଶ୍ୱର ଅର୍ଥନୀତି ୩.୯ ପ୍ରତିଶତ ହାରରେ ବୃଦ୍ଧି ପାଇବ ବୋଲି ଏଥିରେ କୁହାଯାଇଛି। ଅନ୍ୟପକ୍ଷରେ ଗତ ବର୍ଷ ଡିସେମ୍ବରରେ ୱାର୍ଲ୍ଡ ଇକୋନୋମିକ୍ ଲିଗ୍ ଟେବଲ୍ ୨୦୧୮ରେ ପ୍ରକାଶ କରାଯାଇଥିବା ଏକ ଆକଳନ ରିପୋର୍ଟ ଦର୍ଶାଇଥିଲା ଭାରତ ବ୍ରିଟେନ୍ ଏବଂ ଫ୍ରାନ୍ସକୁ ପଛରେ ପକାଇ ପଞ୍ଚମ ଅର୍ଥନୀତିକ ରାଷ୍ଟ୍ରର ମାନ୍ୟତା ପାଇବ।

# ଶୀଘ୍ର ଶେଷ ହେବ ହଜ୍ ହାଉସ ନିର୍ମାଣ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ରାଜ୍ୟ ସରକାର ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଉତ୍‌ଥାନ ପାଇଁ ଅନେକ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ରାଜ୍ୟରେ ବହୁ ପ୍ରତିକ୍ଷିତ ହଜ୍ ହାଉସ୍‌ର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଜୟଦେବ ଭବନଠାରେ ରାଜ୍ୟ ହଜ୍ କମିଟି ପକ୍ଷରୁ ଆୟୋଜିତ ଓଡ଼ିଶା ହଜ୍‌ଯାତ୍ରୀ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ହଜ୍‌ଯାତ୍ରୀଙ୍କୁ ହଜ୍‌କିଟ୍ ପ୍ରଦାନ କରିବା ଅବସରରେ କହିଲେ ଯେ, ଆଗାମୀ ଦିନରେ ହଜ୍‌ଯାତ୍ରୀମାନେ ଭୁବନେଶ୍ୱରରୁ ସିଧାସଳଖ ଭାବେ ବିମାନ ଯାତ୍ରା କରିବା ପାଇଁ ଉଦ୍ୟମ କରାଯାଉଛି। ମୁସଲମାନମାନଙ୍କ ସବୁଠାରୁ ବଡ଼ ପବିତ୍ର ଯାତ୍ରା ହେଉଛି ହଜ୍। ଚଳିତ ବର୍ଷ ଓଡ଼ିଶାରୁ ୭୩୧ ଜଣ ଯାତ୍ରୀ ହଜ୍ ଯାତ୍ରାରେ ଯାଉଛନ୍ତି। ହଜ୍‌ଯାତ୍ରୀଙ୍କ ସୁବିଧା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ବନ୍ଦୋବସ୍ତ କରିଛନ୍ତି। ଆଲ୍ଲାଙ୍କ କରୁଣାରୁ ସେମାନଙ୍କର ଏହି ଯାତ୍ରା ସଫଳ ହେଉ ବୋଲି ମୁଖ୍ୟମନ୍ତ୍ରୀ କାମନା କରିଛନ୍ତି। ସେ ପୁଣି କହିଲେ ଯେ, ସଂଖ୍ୟାଲଘୁ ବର୍ଗର ଲୋକଙ୍କ ଶିକ୍ଷାର ପ୍ରସାର ପାଇଁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ପାଠାଗାର, ପରୀକ୍ଷାଗାର ଓ ଅତିରିକ୍ତ ଶ୍ରେଣୀଗୃହର ସୁବିଧା ପାଇଁ ବ୍ୟବସ୍ଥା କରାଯାଉଛି। ସେଥିଲାଗି ପ୍ରତ୍ୟେକ ଶିକ୍ଷାନୁଷ୍ଠାନକୁ ୬ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ସଂଖ୍ୟାଲଘୁ ବର୍ଗର ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ୪ହଜାର ଛାତ୍ରଛାତ୍ରୀ ରହିବା ଭଳି ୪୦ଟି ହଷ୍ଟେଲ ନିର୍ମାଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣମନ୍ତ୍ରୀ ରମେଶ ମାଝୀ ହଜ୍‌ଯାତ୍ରୀଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରି କହିଲେ ଯେ, ଓଡ଼ିଶା ହେଉଛି ଏକ ଭାଇଚାରାର ରାଜ୍ୟ। ଏଠାରେ ସମସ୍ତେ ଏକାଠି ହୋଇ ଶାନ୍ତିରେ ବସବାସ କରିଥାନ୍ତି। ଆଗାମୀ ଦିନରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ି ତୋଳିବା ଲାଗି ସମସ୍ତେ ଉଦ୍ୟମ ଜାରି ରଖନ୍ତୁ ବୋଲି ଶ୍ରୀ ମାଝୀ ଆହ୍ୱାନ ଦେଇଥିଲେ। ବିଧାୟକ ଆୟୁବ୍ ଖାଁ ଏଥିରେ ଉପସ୍ଥିତ ରହି କହିଲେ ଯେ, ହଜ୍‌ଯାତ୍ରୀମାନେ ଆଲ୍ଲାଙ୍କ ପାଖରେ ଓଡ଼ିଶା ଉନ୍ନତି ପାଇଁ ପ୍ରାର୍ଥନା କରିବା ଲାଗି ଅନୁରୋଧ କରିଥିଲେ। ରାଜ୍ୟ ସରକାର ସଂଖ୍ୟାଲଘୁଙ୍କ ପାଇଁ ଯେତେ ସୁବିଧା ଯୋଗାଇ ଦେଉଛନ୍ତି, ଅନ୍ୟ କୌଣସି ସରକାର ଏପରି ସୁବିଧା ଦେଇନାହାନ୍ତି। ଓଡ଼ିଶାରୁ ସିଧାସଳଖ ହଜ୍‌ଯାତ୍ରା ପାଇଁ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବୈଦେଶିକ ମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କରାଯାଇଛି। ହେଲେ ସେମାନେ ଭୁବନେଶ୍ୱରରୁ ସିଧାସଳଖ ବିମାନ ଯାତ୍ରା ପାଇଁ କୌଣସି ବ୍ୟବସ୍ଥା ଗ୍ରହଣ କରୁନାହାନ୍ତି। କେନ୍ଦ୍ର ସରକାର ହଜ୍‌ଯାତ୍ରୀଙ୍କ ଲାଗି ଆର୍ଥିକ ସାହାଯ୍ୟ କରୁଥିଲେ। ହେଲେ ସୁପ୍ରିମ୍‌କୋର୍ଟଙ୍କ ନିଷ୍ପତ୍ତି ଅନୁଯାୟୀ ବର୍ତ୍ତମାନ ଅର୍ଥରାଶି କମାଇ ଦିଆଯାଇଛି। ଆସନ୍ତା ୨୦୨୨ ସୁଦ୍ଧା ଏହି ଅର୍ଥରାଶି ସମ୍ପୂର୍ଣ୍ଣ ଭାବେ ବନ୍ଦ ଲାଗି ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସେ ସୂଚନା ଦେଇଥିଲେ। ସେହିପରି ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଦେବାଶିଷ ସାମନ୍ତରାୟ, କାଜୁ ନିଗମ ଅଧ୍ୟକ୍ଷ ମୁନ୍ନା ଖାଁ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ସଚିବ ରଘୁ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀଜଗନ୍ନାଥଙ୍କ ହୁଣ୍ଡି ଅଳଙ୍କାରର ହିସାବ ନାହିଁ

## ସିବିଆଇ ତଦନ୍ତ ପାଇଁ ହାଇକୋର୍ଟରେ ମାମଲା

**କଟକ :** ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଥମି ନଥିବାବେଳେ ମହାପ୍ରଭୁଙ୍କ ହୁଣ୍ଡିରୁ ମିଳିଥିବା ଅଳଙ୍କାର ଗାଏବ ଘଟଣାକୁ ନେଇ ବିଜେପି ପୁଣି ହାଇକୋର୍ଟରେ ପହଁଚିଛି । ହୁଣ୍ଡିରୁ ମିଳିଥିବା ଅଳଙ୍କାରର ହିସାବ ଠିକ୍ ନାହିଁ ଦର୍ଶାଇ ଏହାର ସିବିଆଇ ତଦନ୍ତ ପାଇଁ ବିଜେପି ପକ୍ଷରୁ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଛି । ଏହି ଘଟଣାର ସିବିଆଇ ତଦନ୍ତ ନିମନ୍ତେ ଦଳର ରାଜ୍ୟ ଉପ ସଭାପତି ସମୀର ମହାନ୍ତି ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି । ଏଥିରେ କୁହାଯାଇଛି ଯେ ଗତ ୧୯୮୩ ମସିହାରୁ ୨୦୧୮ ଜାନୁୟାରୀ ମାସ ପର୍ଯ୍ୟନ୍ତ ଭକ୍ତଙ୍କ ଦାନରୁ ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରୁ ୧୮ କେଜି ୨୬୦ ଗ୍ରାମ୍‌ର ସ୍ୱର୍ଣ୍ଣ ଓ ଅନ୍ୟାନ୍ୟ ଅଳଙ୍କାର ମିଳିଥିଲା । ତେବେ ଏଥିରୁ ୧୪ କେଜି ଅଳଙ୍କାର ଥିବାବେଳେ ଆଉ ପାଖାପାଖି ସାଢେ ତିନି କେଜି ସୁନା ଅଳଙ୍କାରର ହିସାବ ମିଳୁନାହିଁ । ଭକ୍ତଙ୍କ ଦାନରୁ ମିଳିଥିବା ଅର୍ଥ, ଅଳଙ୍କାର ଆଦିର ତତ୍ତ୍ୱାବଧାନ ଦାୟିତ୍ୱ ନେଇଛନ୍ତି ଶ୍ରୀମନ୍ଦିର ଫାଉଣ୍ଡେସନ୍ ଟ୍ରଷ୍ଟ୍। ମୁଖ୍ୟମନ୍ତ୍ରୀ ଉକ୍ତ ଟ୍ରଷ୍ଟ୍‌ର ଅଧ୍ୟକ୍ଷ ଥିବାବେଳେ ରାଜ୍ୟ ସରକାରଙ୍କ ଆଇନମନ୍ତ୍ରୀ, ଆଇନ ସଚିବ, ପୁରୀ ଜିଲ୍ଲାପାଳ ପ୍ରମୁଖ ଏହି ଟ୍ରଷ୍ଟ୍‌ର ସଦସ୍ୟ ଅଟନ୍ତି । ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ସଚିବଙ୍କ ସମେତ ବରିଷ୍ଠ ପଦାଧିକାରୀ ଏହି ଟ୍ରଷ୍ଟ୍‌ରେ ଥିବାରୁ ସିବିଆଇ ତଦନ୍ତ ହେଲେ ଗାଏବ ଅଳଙ୍କାର ସମ୍ପର୍କରେ ତଥ୍ୟ ମିଳିପାରିବ । ମାମଲାରେ ପୁଣି ଦର୍ଶାଯାଇଛି ଯେ ରତ୍ନ ଭଣ୍ଡାର ଚାବି ହଜିବା ଘଟଣାକୁ ନେଇ ବିଜେପି ପକ୍ଷରୁ ସାରା ରାଜ୍ୟରେ ଜନ ଜାଗରଣ ସମାବେଶ ଆୟୋଜନ କରାଯାଇଥିଲା । ସେହିପରି ଅଳଙ୍କାର ହିସାବ ନ ମିଳିବା ସମ୍ପର୍କରେ ବିଜେପି ପକ୍ଷରୁ ମଧ୍ୟ ଗତ ମାସ ୧୯ ତାରିଖରେ ଭିଜିଲାନସ୍‌ରେ ଅଭିଯୋଗ କରାଯାଇଥିଲା । ମାତ୍ର ଭିଜିଲାନସ୍ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ । ଫଳରେ ଆବେଦନକାରୀ ବାଧ୍ୟ ହୋଇ ଘଟଣାର ସିବିଆଇ ତଦନ୍ତ ପାଇଁ ପ୍ରାର୍ଥନା କରିଛନ୍ତି । ରୁଜୁ ମାମଲାରେ ଭିଜିଲାନସ୍ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଅଦାଲତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରାର୍ଥନା କରାଯାଇଛି ।

# ଲୋକାୟୁକ୍ତକୁ ଡର !

**ଭୁବନେଶ୍ୱର :** ଶାସକ ବିଜେଡି କେବଳ ପ୍ରଚାର ସର୍ବସ୍ୱ ବୋଲି ବିଜେପି ଅଭିଯୋଗ କରିଛି। ଗତ ୨୦୧୪ ଫେବୃଆରୀ ୧୪ରେ ଲୋକାୟୁକ୍ତ ବିଲ୍ ପାରିତ କରିବା ପ୍ରସଙ୍ଗରେ ପ୍ରଥମ ରାଜ୍ୟ ଭାବେ ଶାସକ ବିଜେଡି ମିଛରେ ବାହାବା ନେଇଥିଲା। କିନ୍ତୁ ୪ ବର୍ଷରୁ ଊର୍ଦ୍ଧ୍ୱ ବିତିଗଲା ପରେ ବି ରାଜ୍ୟସରକାର କୌଣସି ବିଜ୍ଞପ୍ତି ପ୍ରକାଶ ନକରି ଚୁପ୍ ରହିବା ଦୁର୍ଭାଗ୍ୟଜନକ ବୋଲି ରାଜ୍ୟ ବିଜେପି ମୁଖପାତ୍ର ଗୋଲକ ମହପାତ୍ର କହିଛନ୍ତି। ଶ୍ରୀ ମହାପାତ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାୟୁକ୍ତ ନିଯୁକ୍ତ ପ୍ରସଙ୍ଗରେ ବିଧାନସଭାରେ ସୁପ୍ରିମକୋର୍ଟରେ ମାମଲା ଥିବାରୁ ବିଳମ୍ବ ହେଉଥିବା କଥା ଆଗରୁ ବାହାନା ଦେଖାଇଥିଲେ । ହେଲେ ସୁପ୍ରିମକୋର୍ଟରେ ରିଟ୍ ପିଟିସନ ନମ୍ବର ୬୮୪/୨୦୧୬ରେ ଓଡ଼ିଶା ସରକାରଙ୍କର ମୁଖ୍ୟ ଶାସନ ସଚିବ ସତ୍ୟପାଠ ଦାଖଲ କରି କହିଥିଲେ କି ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ପ୍ରକିୟା ଚାଲିଛି ।ସୁପ୍ରିମ କୋର୍ଟଙ୍କ ନୋଟିସ୍ ପରେ ମଧ ସର୍ଚ୍ଚ କମିଟି ଗଠନ ପାଇଁ ବିଜ୍ଞପ୍ତି ପ୍ରକାଶ କରିବା ରାଜ୍ୟ ସରକାରଙ୍କ ଅପାରଗତାକୁ ଦର୍ଶାଉଛି। ଲୋକାୟୁକ୍ତ ନିଯୁକ୍ତି କମିଟିର ଅଧ୍ୟକ୍ଷ ହେଉଛନ୍ତି ନିଜେ ମୁଖ୍ୟମନ୍ତ୍ରୀ। ସବୁବେଳେ ସ୍ୱଚ୍ଛ ଭାବମୂର୍ତ୍ତିର କଥା କହୁଥିବା ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କର ଯଦି ସତ୍‌ସାହାସ ଅଛି ତା'ହେଲେ ତୁରନ୍ତ ଲୋକାୟୁକ୍ତ ନିଯୁକ୍ତି ପାଇଁ ରାଜ୍ୟ ସରକାର ପ୍ରକିୟା ଆରମ୍ଭ କରନ୍ତୁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ଲୋକାୟୁକ୍ତ ପ୍ରସଙ୍ଗରେ ସର୍ଚ୍ଚ କମିଟି କେବେ ଗଠନ ହେବ, ସର୍ଚ୍ଚ କମିଟି କେବେ ସୁଦ୍ଧା ସରକାରଙ୍କୁ ରିପୋର୍ଟ ଦେବେ ଏବଂ ସରକାର କେବେ ଲୋକାୟୁକ୍ତ ନିଯୁକ୍ତ କରିବେ ଏହାର ଉତ୍ତର ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ଭାବେ ରାଜ୍ୟବାସୀଙ୍କୁ ଦିଅନ୍ତୁ ବୋଲି ଶ୍ରୀ ମହାପାତ୍ର ଦାବି କରିଛନ୍ତି। ଲୋକାୟୁକ୍ତକୁ ନେଇ ରାଜ୍ୟ ସରକାରଙ୍କର ଏତେ ଡ଼ର କାହିଁକି ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି। ନିଜେ ଛନ୍ଦି ହୋଇଯିବାର ଭୟରେ ଲୋକାୟୁକ୍ତ ନିଯୁକ୍ତି ଦିଗରେ ସରକାର ଆଗଉନାହାନ୍ତି କି ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି।

# ଭୁବନେଶ୍ୱରରେ ହେବ ଗ୍ରୀନ୍‌ଫିଲ୍ଡ ଟାଟା କ୍ୟାନସର ହସ୍ପିଟାଲ



**ଭୁବନେଶ୍ୱର :** ଭୁବନେଶ୍ୱର ଠାରେ ଗ୍ରୀନ୍ ଫିଲଡ୍ ଟାଟା ମେମୋରିଆଲ୍ କ୍ୟାନସର୍ ହସ୍ପିଟାଲ ପ୍ରତିଷ୍ଠିତ ହେବ। ଟାଟା ଟ୍ରଷ୍ଟ ସହାୟତାରେ ଏହା ପ୍ରତିଷ୍ଠିତ ହେବ। ଏନେଇ ରାଜଧାନୀରେ ଖୁବଶୀଘ୍ର ଜାଗା ଚିହ୍ନଟ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସୂଚନା ଦେଇଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓଡ଼ିଶା କ୍ୟାନସର ଚିକିତ୍ସା ଯୋଜନାର ପ୍ରଥମ ପରାମର୍ଶଦାତା କମିଟି ବୈଠକ ପରେ ସେ ଏହି ସୂଚନା ଦେଇଛନ୍ତି। କ୍ୟାନସର କ୍ଷେତ୍ରରେ ଚିକିତ୍ସା ଯୋଗାଣ ନିମନ୍ତେ ରାଜ୍ୟରେ ତ୍ରି-ସ୍ତରୀୟ ହସ୍ପିଟାଲ୍ ନେଟ୍‌ୱର୍କ ବ୍ୟବସ୍ଥା କରାଯିବ। ଏହାଛଡ଼ା ତୃଣମୂଳ ସ୍ତରରେ ବ୍ୟାପକ ସଚେତନତା ଓ ପ୍ରାକ୍ ଚିହ୍ନଟ ବ୍ୟବସ୍ଥା କରାଯିବା ନେଇ ମଧ ଆଜି ଆଲୋଚନା କରାଯାଇଛି। ରାଜ୍ୟରେ ବ୍ୟାପକ କ୍ୟାନସର ଚିକିତ୍ସା ସୁବିଧା ସୃଷ୍ଟି କରିବା ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ଟାଟା ଟ୍ରଷ୍ଟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ତଦନୁସାରେ ଏହି ଯୋଜନା ପାଇଁ ଉଭୟ ରାଜ୍ୟ ସରକାର ଏବଂ ଟାଟା ଟ୍ରଷ୍ଟ ପାଣ୍ଠି ଯୋଗାଇ ଦେବେ। ଏଥିପାଇଁ ପ୍ରାରମ୍ଭିକ ଭାବରେ ୧୦୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ତନ୍ମଧ୍ୟରୁ ରାଜ୍ୟ ସରକାର ୫ଶହ କୋଟି ଟଙ୍କା ଯୋଗାଇଦେବାକୁ ଥିବା ବେଳେ ଟାଟା ଟ୍ରଷ୍ଟ ବାକି ୫୦୦ କୋଟି ଟଙ୍କା ପ୍ରଦାନ କରିବ। ଭିତ୍ତିଭୂମି ପ୍ରସ୍ତୁତି କାର୍ଯ୍ୟ ତ୍ୱରାନ୍ୱିତ କରି ଆସନ୍ତା ୨ ବର୍ଷ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ଚିକିତ୍ସା ସେବା ଯୋଗାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଆଜି ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

# ସୁଭାଷ ବୋଷ ସେତୁ ଦେଇ ଗଡିବ ସିଟିବସ୍

**କଟକ :** ନବନିର୍ମିତ ନେତାଜୀ ସୁଭାଷ ବୋଷ ସେତୁ ଦେଇ କଟକରୁ ଖୁବ୍ ଶୀଘ୍ର ରାଜଧାନୀ ଭୁବନେଶ୍ୱରକୁ ସିଟିବସ୍ ଚଳାଚଳ କରିବା ପାଇଁ କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ଦାବି ହୋଇଛି। ଏହି ରାସ୍ତାରେ ସିଟି ବସ୍ ଚଳାଚଳ ଦ୍ୱାରା ତ୍ରିଶୂଳିଆ, ବାରଙ୍ଗ ଓ ଉତ୍ତର ଭୁବନେଶ୍ୱରର ଲୋକେ ଦୁଇ ନଗରୀ ମଧ୍ୟରେ ସୁବିଧାରେ ଯାତାୟତ କରିପାରିବେ ବୋଲି ମହାସଭା ପକ୍ଷରୁ କୁହାଯାଇଛି। କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ଏହି ସିଟିବସ୍ ଚଳାଚଳ ସମେତ ଆଉ କେତେକ ପ୍ରସ୍ତାବ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ଜରିଆରେ ଦିଆଯାଇଥିଲା। ଡ. ରବି ରଞ୍ଜନ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବିଧାୟକଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବା ସହ ପ୍ରସ୍ତାବଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଏ ସଂକ୍ରାନ୍ତରେ କଟକ ଜିଲ୍ଲାପାଳ ସୁଶାନ୍ତ ମହାପାତ୍ରଙ୍କ ସହ ଆଲୋଚନା କରିବା ପରେ ଖୁବ୍ ଶୀଘ୍ର ନେତାଜୀ ସେତୁ ଦେଇ କଟକ-ଭୁବନେଶ୍ୱର ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ୨ଟି ସିଟିବସ୍ ଚଳାଚଳ କରାଇବାକୁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ପରବର୍ତ୍ତୀ ସମୟରେ ଏହି ରାସ୍ତା ଦେଇ ୫ଟି ସିଟିବସ୍ ଚଳାଚଳ କରାଇବାକୁ ଜିଲ୍ଲାପାଳ ରାଜି ହୋଇଥିବା ମଧ ଜଣାପଡ଼ିଛି। ଏହାଛଡ଼ା ହାଇକୋର୍ଟ ପାଖ ସେତୁ ମୁଣ୍ଡରେ ନଈକୂଳରେ ଥିବା ଖାଲି ସ୍ଥାନରେ ପାର୍କ ନିର୍ମାଣ, ଅନତି ଦୂରରେ ଏକ ଗାଡ଼ି ଟର୍ମିନାଲ ନିର୍ମାଣ ଏବଂ ଏହି ଅଞ୍ଚଳର ସୌନ୍ଦର୍ଯ୍ୟକରଣ ବୃଦ୍ଧି ପାଇଁ ନାଗରିକ ମହାସଭା ଦେଇଥିବା ପ୍ରସ୍ତାବଗୁଡ଼ିକୁ ପର୍ଯ୍ୟାୟ କ୍ରମେ କାର୍ଯ୍ୟକାରୀ କରାଯିବ ଏବଂ ଜିଲ୍ଲାପାଳଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ବିଧାୟକ ଶ୍ରୀ ସାମନ୍ତରାୟ ସୂଚନା ଦେଇଛନ୍ତି। ଡ. ସାହୁଙ୍କ ସମେତ ଏହି ପ୍ରତିନିଧି ମଣ୍ଡଳୀରେ ଆଇନଜୀବୀ ଗଗନ ମେହେର, ବିଦ୍ୟୁତ୍ ଲାଲା, ବିଶ୍ୱନାଥ ଦାସ, କରୁଣାକର ରଥ, ଅଞ୍ଜନ ଲାଲା, ଉମେଶ ଚନ୍ଦ୍ର ନାୟକ ପ୍ରମୁଖ ବିଧାୟକଙ୍କୁ ଭେଟିଥିଲେ।

# ଅଗଷ୍ଟରୁ ଅନ୍‌ଲାଇନ ପେନ୍‌ସନ ଦରଖାସ୍ତ ବାଧ୍ୟତାମୂଳକ

## ରାଜସ୍ୱ ଆଦାୟ ନେଇ ସଚିବସ୍ତରୀୟ ବୈଠକରେ ସମୀକ୍ଷା

## ରାଜସ୍ୱ ସଂଗ୍ରହ ୨୯%, ବିନିଯୋଗ ୧୯% ବୃଦ୍ଧ

**ଭୁବନେଶ୍ୱର :** ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସିକ ରାଜସ୍ୱ ପ୍ରଦର୍ଶନରେ ଉତ୍ସାହଜନକ ଅଭିବୃଦ୍ଧି ଘଟିଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରୁ ଏହା ଜଣାପଡ଼ିଛି। ବିଭିନ୍ନ ବିଭାଗର ପ୍ରଥମ ତ୍ରୈମାସିକ ରାଜସ୍ୱ କାର୍ଯ୍ୟ ସମ୍ପାଦନ ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ଜିଲ୍ଲା ଖଣିଜ ପାଣ୍ଠି ଅନ୍ତର୍ଗତ ପ୍ରକଳ୍ପଗୁଡ଼ିକର ମଞ୍ଜୁରୀ ଏବଂ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେବା ପାଇଁ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ବିଭାଗ ଅଗ୍ରାଧିକାର କ୍ଷେତ୍ରରେ ନୂଆ ଆବଶ୍ୟକତା ଭିତ୍ତିକ ପ୍ରକଳ୍ପ ପ୍ରସ୍ତାବ ଦାଖଲ କରିବା ପାଇଁ ମଧ ଶ୍ରୀ ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ। ବଜେଟ୍ ଅନ୍ତର୍ଗତ ପ୍ରକଳ୍ପ ଓ ଯୋଜନାଗୁଡ଼ିକ ପରି ଜିଲ୍ଲା ଖଣିଜ ପାଣ୍ଠି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଓ ପରିଚାଳନା କରିବା ନିମନ୍ତେ ଉନ୍ନୟନ କମିଶନର ଆର୍. ବାଲକ୍ରିଷ୍ଣନ୍ ପରାମର୍ଶ ଦେଇଥିଲେ। ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ବୈଠକରେ ଅର୍ଥ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତୁହିନକାନ୍ତ ପାଣ୍ଡେ ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସିକ ରାଜସ୍ୱ ସ୍ଥିତି ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। ସମୀକ୍ଷାରୁ ଜଣାପଡ଼ିଥିଲା ୨୦୧୮-୧୯ ଆର୍ଥିକ ବର୍ଷ ଜୁନ୍ ଶେଷସୁଦ୍ଧା ବଜେଟ୍‌ଭୁକ୍ତ ବିଭିନ୍ନ ଯୋଜନା ଓ ପ୍ରକଳ୍ପ ବାବଦ ଅର୍ଥ ବିନିଯୋଗରେ ପୂର୍ବବର୍ଷ ଅପେକ୍ଷା ୧୯% ବୃଦ୍ଧି ହୋଇଛି। ଗତବର୍ଷ ଜୁନ୍ ମାସ ସୁଦ୍ଧା ସମୁଦାୟ ୧୧,୪୦୯ କୋଟି ଟଙ୍କା ବିନିଯୋଗ ହୋଇଥିବା ବେଳେ ଚଳିତ ବର୍ଷ ଏହା ୧୩,୫୯୧ କୋଟିକୁ ବୃଦ୍ଧି ପାଇଛି। ସାମାଜିକ ବିକାଶ କ୍ଷେତ୍ରରେ ପୂର୍ବବର୍ଷ ଅପେକ୍ଷା ୬୫% ଅଧିକ ଅର୍ଥ ବିନିଯୋଗ ହୋଇଛି। ଚଳିତ ବର୍ଷ ଏହି କ୍ଷେତ୍ରରେ ବିନିଯୋଗ ପରିମାଣ ୬୬୭୧ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ୩୫୧୬ ଏବଂ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ୨୮୪୦ କୋଟି ଟଙ୍କାର ବଜେଟ୍ ଅର୍ଥ ବିନିଯୋଗ କରାଯାଇଛି। ଅନୁରୂପଭାବେ ଚଳିତ ଆର୍ଥିକ ବର୍ଷ ପ୍ରଥମ ତିନିମାସରେ ରାଜସ୍ୱ ସଂଗ୍ରହରେ ମଧ ଉତ୍ସାହଜନକ ଅଭିବୃଦ୍ଧି ଘଟିଛି। ଏହି ହାର୍ ୨୯ ପ୍ରତିଶତ ରହିଛି। ଜୁନ୍ ଶେଷସୁଦ୍ଧା ୮୯୮୮ କୋଟି ଟଙ୍କା ରାଜସ୍ୱ ସଂଗ୍ରହ ହୋଇଛି। ପୂର୍ବବର୍ଷ ଏହି ସମୟ ମଧ୍ୟରେ ୬୯୩୬ କୋଟି ଟଙ୍କା ରାଜସ୍ୱ ସଂଗ୍ରହ ହୋଇଥିଲା। ସଂଗୃହୀତ ରାଜସ୍ୱ ମଧ୍ୟରେ ୬,୪୪୫.୫୨ କୋଟି ଟଙ୍କା ନିଜସ୍ୱ ଟିକସ ଏବଂ ୨୪୮୨.୩୪ କୋଟି ଟଙ୍କା ଅଣଟିକସ ରାଜସ୍ୱ ରହିଛି। ଖଣି ଓ ଇସ୍ପାତ ବିଭାଗ ମାଧ୍ୟମରେ ସଂଗୃହୀତ ଖଣିଜ ରାଜସ୍ୱରେ ସର୍ବାଧିକ ୬୯% ଅଭିବୃଦ୍ଧି ଘଟିଛି। ପୂର୍ବବର୍ଷ ଜୁନ୍ ମାସ ଶେଷସୁଦ୍ଧା ୧୨୭୬ କୋଟି ଟଙ୍କା ଆଦାୟ ହୋଇଥିବା ବେଳେ ଚଳିତ ବର୍ଷର ଆଦାୟ ୨୧୫୭ କୋଟିରେ ପହଞ୍ଚିଛି। ସେହିପରି ଆସନ୍ତା ଅଗଷ୍ଟଠାରୁ ପେନ୍‌ସନ୍ ଦରଖାସ୍ତ ଦାଖଲ, ପ୍ରକ୍ରିୟାକରଣ ଏବଂ ମଞ୍ଜୁରୀକୁ ସମ୍ପୂର୍ଣ୍ଣ ଭାବେ ଅନ୍‌ଲାଇନ୍ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏବେ ଉଭୟ ଅନ୍‌ଲାଇନ୍ ଏବଂ ଅଫ୍-ଲାଇନ୍ ବ୍ୟବସ୍ଥା ରହିଛି। ବର୍ତ୍ତମାନ ସୁଦ୍ଧା ୬୬୭ ଜଣ ଅବସରପ୍ରାପ୍ତ କର୍ମଚାରୀ ଅନ୍‌ଲାଇନ୍‌ରେ ପେନ୍‌ସନ୍ ଦରଖାସ୍ତ ଦାଖଲ କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ୨୦୧୯ ଜାନୁଆରୀ ସୁଦ୍ଧା ଏହି ଅନ୍‌ଲାଇନ୍ ମଞ୍ଜୁରୀ ପ୍ରକ୍ରିୟାକୁ ଏଜି ଅଫିସ୍ ସହ ସଂଯୋଜିତ କରାଯିବ ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପାଣ୍ଡେ କହିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଅନୁଦାନ ଏବଂ ସ୍ୱତନ୍ତ୍ର ପ୍ରକଳ୍ପଗୁଡ଼ିକ ବାବଦରେ ବିନିଯୋଗ ପ୍ରମାଣପତ୍ର (ୟୁସି) ଦାଖଲକୁ ମଧ ଚଳିତ ବର୍ଷ ନଭେମ୍ବର ମାସଠାରୁ ପୂର୍ଣ୍ଣଭାବେ ଅନ୍‌ଲାଇନ୍ କରାଯିବ। ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍)ରେ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲ୍ଲାର ସମୁଦାୟ ୭୯୮୨ଟି ପ୍ରକଳ୍ପ ମଞ୍ଜୁର ହୋଇଥିବା ସମୀକ୍ଷାରୁ ଜଣାପଡ଼ିଥିଲା। ଏହିସବୁ ପ୍ରକଳ୍ପ ବାବଦରେ ପ୍ରାୟ ୨୯୩୪ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଏହି ପାଣ୍ଠିରେ ଅନ୍ତର୍ଭୁକ୍ତ କରିବା ପାଇଁ ଅଧିକ ନୂଆ ପ୍ରକଳ୍ପ ଦାଖଲ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ କମିଶନର ଆର୍. ବାଲାକ୍ରିଷ୍ଣନ୍, କୃଷି ଉତ୍ପାଦନ କମିଶନର ଗଗନ କୁମାର ଧଳ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଅସୀତ କୁମାର ତ୍ରିପାଠୀ ଓ ଲକ୍ଷ୍ମୀନାରାୟଣ ଗୁପ୍ତା, ତୁହିନକାନ୍ତ ପାଣ୍ଡେଙ୍କ ସମେତ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଏବଂ ସ୍ୱତନ୍ତ୍ର ଶାସନ ସଚିବମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଐତିହ୍ୟ କ୍ୟାବିନେଟ୍ ପାଇଁ ବିଜ୍ଞପ୍ତି

**ଭୁବନେଶ୍ୱର :** ଐତିହ୍ୟ କ୍ୟାବିନେଟ୍ ଗଠନ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ତଥା ଐତିହ୍ୟର ସଂରକ୍ଷଣ ଓ ସମୃଦ୍ଧି ସମ୍ପର୍କରେ ବିଚାର ବିମର୍ଶ କରି ନୀତି ନିର୍ଦ୍ଧାରଣ କରିବା ଓ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ଏହି କ୍ୟାବିନେଟ୍ ଗଠନ କରିଛନ୍ତି। ଏହି ଐତିହ୍ୟ କ୍ୟାବିନେଟ୍‌ରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷ ଓ ୭ ଜଣ ମନ୍ତ୍ରୀ ସଦସ୍ୟ ରହିବେ। ସେମାନେ ହେଲେ ଅର୍ଥମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ପର୍ଯ୍ୟଟନ ମନ୍ତ୍ରୀ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ, ଅନୁସୂଚିତ ଜାତି, ଅନୁସୂଚିତ ଉପଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିକାଶ ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଏହାର ସଦସ୍ୟ ରହିବେ। ଏହି କ୍ୟାବିନେଟରେ ମୁଖ୍ୟ ଶାସନ ସଚିବଙ୍କୁ ସଚିବ ରଖାଯାଇଥିବା ବେଳେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବଙ୍କୁ ଆବାହକ କରାଯାଇଛି। ଅନ୍ୟ ସମସ୍ତ ବିଭାଗର ଶାସନ ସଚିବଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟଭାବରେ ଗ୍ରହଣ କରାଯାଇଛି। ଉକ୍ତ କ୍ୟାବିନେଟ୍ ସମସ୍ତ ବିଭାଗ ସହିତ ଯୋଗାଯୋଗ ରକ୍ଷା କରି ନିର୍ଦ୍ଧାରିତ ଲକ୍ଷ୍ୟ ଦିଗରେ କାର୍ଯ୍ୟ କରିବ ବୋଲି କୁହାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀଠାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଐତିହ୍ୟ କ୍ୟାବିନେଟ୍ ଗଠନ କରାଯିବା ନେଇ ଘୋଷଣା କରାଯାଇଥିଲା। କୃଷି କ୍ୟାବିନେଟ୍ ପରେ ଦ୍ୱିତୀୟ ଅତିରିକ୍ତ କ୍ୟାବିନେଟ୍ ଭାବରେ ଐତିହ୍ୟ କ୍ୟାବିନେଟ୍ ଗଠନ କରାଯାଇଛି।

# ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲରେ ଗୋପବନ୍ଧୁଙ୍କ ଶ୍ରାଦ୍ଧୋତ୍ସବ



**ଭୁବନେଶ୍ୱର :** ସ୍ଥାନୀୟ ମଳିପଡା ସ୍ଥିତ ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲରେ ଓଡ଼ିଆ ଜାତିର ଜନନାୟକ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୦ତମ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଯାଇଛି। ବିଦ୍ୟାଳୟର ଚେୟାରମ୍ୟାନ୍ ପବିତ୍ର ରାଉତରାୟ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ପିଲାମାନଙ୍କୁ ଗୋପବନ୍ଧୁଙ୍କ ଜୀବନ ଓ କାର୍ଯ୍ୟଧାରା ସମ୍ପର୍କରେ କହିବା ସହିତ ସାମ୍ପ୍ରତିକ ସମୟରେ ପ୍ରତ୍ୟେକ ମଣିଷ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସ୍ୱରୂପାନନ୍ଦ ମିଶ୍ର ଛାତ୍ରଛାତ୍ରୀ, କର୍ମଚାରୀ ଓ ଅଭିଭାବକମାନଙ୍କୁ ସ୍ୱାଗତ ଜଣାଇ ନିଜର ବକ୍ତବ୍ୟ ରଖିଥିଲେ। ଉପାଧ୍ୟକ୍ଷ କବୀନ୍ଦ୍ର ଦାଶ ପରାମର୍ଶ ଦେଇଥିଲେ ଯେ, ଛାତ୍ରଛାତ୍ରୀମାନେ ବର୍ତ୍ତମାନ ଠାରୁ ଗୋପବନ୍ଧୁଙ୍କ ପଦାଙ୍କ ଅନୁସରଣ କରିବା ଉଚିତ୍। ଦୁର୍ଗତ ଲୋକଙ୍କ ସେବା କରିବା ଦ୍ୱାରା ଜୀବନ ସାର୍ଥକ କରିବା ପ୍ରତ୍ୟେକଙ୍କ ଲକ୍ଷ୍ୟ ହେବା ଉଚିତ୍।

**ପବିତ୍ର ରଥଯାତ୍ରା ଅବସରରେ କେନ୍ଦ୍ରାପଡାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ**

**କେନ୍ଦ୍ରାପଡ଼ା ପୌର ପରିଷଦ, କେନ୍ଦ୍ରାପଡ଼ା**


ଓଡ଼ିଶାର ସର୍ବପୁରାତନ ତଥା ଐତିହାସିକ ପୌରସଂସ୍ଥା ଆପଣମାନଙ୍କୁ ଅଭିନନ୍ଦନ ଜଣାଉଛି। କେନ୍ଦ୍ରାପଡ଼ା ସହରକୁ ଏକ ଆଦର୍ଶ ସହରରେ ପରିଣତ କରିବା ପାଇଁ ପୌରସଂସ୍ଥା ତରଫରୁ ନିମ୍ନଲିଖିତ କାର୍ଯ୍ୟ ଗୁଡିକର ଉନ୍ନତି ନିମନ୍ତେ ଆପଣଙ୍କ ସହଯୋଗ କାମନା କରୁଅଛୁ।

**ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଆମର ସଫଳତା ଓ ଲକ୍ଷ୍ୟ**

୧. ୪୦ ଲକ୍ଷ ଟଙ୍କା ବ୍ୟୟରେ ହଜାରିବଗିଚାସ୍ଥିତ ରାତ୍ର ଆଶ୍ରୟସ୍ଥଳୀ ସମ୍ପୂର୍ଣ୍ଣ କରାଯାଇଅଛି।
୨. ୨୦ଲକ୍ଷ ଟଙ୍କା ବ୍ୟୟରେ ୪୭ ଗୋଟି ଭେଣ୍ଡିଜୋନ୍ ନିର୍ମାଣ କରାଯାଇଅଛି ଏବଂ ୨୦ଲକ୍ଷ ଟଙ୍କା ବିନିମୟରେ ଭେଣ୍ଡି ଜୋନ୍ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଅଛି।
୩. ୩୫ଲକ୍ଷ ଟଙ୍କା ବ୍ୟୟରେ ୨ ଗୋଟି ନୂତନ ପାର୍କ ନିର୍ମାଣ ଓ କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ନିକଟସ୍ଥ ବିଜୁ ପଟ୍ଟନାୟକ ପାର୍କର ପୁନରୁଦ୍ଧାର ନିମନ୍ତେ ଡି.ପି.ଆର୍ ପ୍ରସ୍ତୁତି।
୪. ୭୧ଲକ୍ଷ ଟଙ୍କା ବ୍ୟୟରେ ଉଦୟନଗର ଠାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ନିମନ୍ତେ ଟେଣ୍ଡର ଆହ୍ୱାନ ଜାରି ରହିଛି।
୫. ୩ କୋଟି ଟଙ୍କା ବ୍ୟୟରେ କେନ୍ଦ୍ରାପଡ଼ାର ବିଭିନ୍ନ ୱାର୍ଡରେ ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ।
୬. କେନ୍ଦ୍ରାପଡ଼ା ପୌରପାଳିକାରେ ଇଣ୍ଟରନାଲ ଡ୍ରେନେଜ୍ ସିଷ୍ଟମର ଯୋଜନା ରହିଅଛି।
୭. ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୮୭ ଜଣ ହିତାଧିକାରୀଙ୍କର ଗୃହକାର୍ଯ୍ୟ ଚାଲୁଅଛି ଏବଂ ଅଧିକ ୩୦୦ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଚାଲୁ ରହିଛି।
୮. ୨ କୋଟି ୭୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମହାଭୋଇ ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଟେଣ୍ଡର ଆହ୍ୱାନ ଜାରି ରହିଛି।
୯. ସରକାରଙ୍କ ଦ୍ୱାରା EESL କମ୍ପାନୀ ଜରିଆରେ କେନ୍ଦ୍ରାପଡ଼ା ପୌରପାଳିକା ଅନ୍ତର୍ଗତ ଷ୍ଟ୍ରିଟ୍ ଲାଇଟଗୁଡିକ LED ବଲ୍‌ବ ଦ୍ୱାରା ଉଜ୍ୱଳ ଆଲୋକର ଶୁଭାରମ୍ଭ।
୧୦. କେନ୍ଦ୍ରାପଡ଼ା ସହର ଉପକଣ୍ଠ ତିନିମୁହାଣୀ, ପୁରୁଣା ମଟର ଷ୍ଟାଣ୍ଡ, ମେଡିକାଲ ଓ ଇଚ୍ଛାପୁରଠାରେ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ପରିସରରେ Highmast Light ଲଗାଯାଇଅଛି।
୧୧. ପ୍ରତ୍ୟେକ ୱାର୍ଡରେ 'ଉନ୍ନତି' ଯୋଜନାରେ ୨୫ଲକ୍ଷ ଟଙ୍କା ବ୍ୟୟ କରାଯାଇ ପ୍ରତ୍ୟେକ ୱାର୍ଡରେ ରାସ୍ତା, ଡ୍ରେନ ଓ କମ୍ୟୁନିଟ୍ ସେଣ୍ଟରର ଶୁଭାରମ୍ଭ।
୧୨. ବିଜୁ ଯୁବ ବାହିନୀ ଗଠନ କରାଯାଇ ବେକାରୀ ଯୁବଗୋଷ୍ଠୀଙ୍କୁ ନିୟୋଜନ।
୧୩. କେନ୍ଦ୍ରାପଡା କେନାଲ ଲଜ୍ ଠାରୁ ସାନ୍ତାସାହି ପର୍ଯ୍ୟନ୍ତ ସ୍ୱଚ୍ଛତା ଅଭିଯାନ ଚାଲୁରହିଛି।

**ଶ୍ରୀଯୁକ୍ତ ଦେବପ୍ରସାଦ ବଳ**
ନିର୍ବାହୀ ଅଧିକାରୀ

**ଶ୍ରୀ ସଞ୍ଜୟ କୁମାର ମିଶ୍ର,** ଓ.ପ୍ର.ସେ (ଏସ୍‌ବି)
ପ୍ରଶାସକ
ଉପଜିଲ୍ଲାପାଳ, କେନ୍ଦ୍ରାପଡ଼ା



ନିଜ ସୁଖ ପାଇଁ କରାଯାଇଥିବା କର୍ମ ସୀମିତ ସୁଖ ଦେଇଥାଏ; କିନ୍ତୁ ପରୋପକାର ପାଇଁ କରାଯାଇଥିବା କର୍ମ ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୬ - ୨୨ ଜୁଲାଇ, ୨୦୧୮

# ସେବାରେ କଳଙ୍କ ନଲାଗୁ

ସମ୍ପାଦକୀୟ
ତାରକ ମହାନ୍ତି



**ଶ୍ରୀ**ମନ୍ଦିର ଓ ଶ୍ରୀଜିଉ ହେଉଛନ୍ତି ଓଡ଼ିଆ ଅସ୍ମିତାର ପ୍ରତୀକ। ଯାହାକୁ ନେଇ ଆମେ ଗର୍ବ ଅନୁଭବ କରିବା ସହ ଶ୍ରୀଜଗନ୍ନାଥଙ୍କ ନାଁରେ ଦେଶ ବିଦେଶରେ ଆମର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛୁ। ପୃଥିବୀ ଭୂଖଣ୍ଡରେ ଶ୍ରୀକ୍ଷେତ୍ର ଓ କଳାଠାକୁରଙ୍କୁ ହୃଦୟର ଦେବତା ଭାବେ ସମସ୍ତେ ପୂଜା କରିଥାନ୍ତି। ସବୁ ଧର୍ମର ଲୋକଙ୍କ ଦର୍ଶନ ପାଇଁ ଘୋଷଯାତ୍ରାର ପରମ୍ପରା କାହିଁ କେଉଁ ପ୍ରାଚୀନ କାଳରୁ ପ୍ରଚଳିତ ରହିଆସିଛି। କୋଟି ପ୍ରାଣର ଦେବତା ଶ୍ରୀଜଗନ୍ନାଥଙ୍କୁ ନେଇ ଉତ୍କଳୀୟ ମାଟିରେ ସବୁ ପ୍ରଥା ଓ ପରମ୍ପରାର ଚଳଣି ଆରମ୍ଭ ବୋଲି କୁହାଯାଏ। ପବିତ୍ର କାର୍ଯ୍ୟ ଆରମ୍ଭରେ ହିଁ ତାଙ୍କୁ ସ୍ମରଣ ଦ୍ୱାରା ହୃଦୟକୁ ଶାନ୍ତି ମିଳେ ବୋଲି ବର୍ଣ୍ଣିତ ରହିଛି। ବାର ମାସରେ ତେର ପର୍ବର କଥାଟିକୁ ଅନୁଶୀଳନ କଲେ ପ୍ରଭୁଙ୍କ ମହାତ୍ମ୍ୟ ଆମ ଜୀବନକୁ କିଭଳି ପ୍ରଭାବିତ କରିଛି ତାହା ଅନୁଭବ କରିହୁଏ। ମାତ୍ର ସମୟକ୍ରମେ ଶ୍ରୀମନ୍ଦିର ପରିଚାଳନା ଓ ସେବାୟତଙ୍କ ଭୂମିକାକୁ ନେଇ ଏବେ ସଂଶୟ ସୃଷ୍ଟି ହୋଇଛି। ଯେଉଁଥିପାଇଁ ସର୍ବୋଚ୍ଚ ଅଦାଲତରେ ଏଥିପାଇଁ ମାମଲା ମଧ୍ୟ ରୁଜୁ ହୋଇଥିବା ପରିପ୍ରେକ୍ଷୀରେ ଅନେକ ବାଦ ବିବାଦ ଦେଖିବାକୁ ମିଳୁଛି। ତେବେ ଏ ସଂଶୟ ଓ ବାଦ ବିବାଦର କାରଣ କ'ଣ ତାହାକୁ ପ୍ରମାଣ କରିବା ଅପେକ୍ଷା ଏହାର କାରଣ କ'ର ତାକୁ ଖୋଜିବା ଦରକାର। ବିଗତ କିଛିବର୍ଷ ଧରି ଶ୍ରୀମନ୍ଦିର ପରିଚାଳନାରେ ନାନା ବିଶୃଙ୍ଖଳା ଦେଖା ଦେଇଛି। ଯେଉଁଥିପାଇଁ ସେବାୟତମାନେ ପ୍ରଶାସନକୁ ଅଡୁଆରେ ପକାଉଥିଲା ବେଳେ ପ୍ରଶାସନ ଯେଭଳି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେବା କଥା ତାହା ନେଇପାରୁନାହିଁ। ଯେଉଁଥିପାଇଁ ଚାରିଆଡୁ ଶ୍ରୀମନ୍ଦିର ପରିଚାଳନାକୁ ନେଇ ନିନ୍ଦା ଶୁଣିବାକୁ ମିଳୁଛି। ଶ୍ରୀମନ୍ଦିରରେ ରୀତିନୀତି ଠିକ୍ ରହୁଥିଲେ ହୁଏତ ଏଭଳି କଥା ସାମ୍ନାକୁ ଆସୁନଥାନ୍ତା ଓ ଭକ୍ତଙ୍କ ମନରେ ଏଥିପାଇଁ ଉଦ୍‌ବେଗ ପ୍ରକାଶ ପାଆନ୍ତାନାହିଁ। ହେଲେ ଏହା ସମ୍ଭବ ହୋଇପାରୁନି କାହିଁକି ତାହାହିଁ ଅସଲ ପ୍ରଶ୍ନବାଚୀ।

ରାଜତନ୍ତ୍ର ଲୋପ ପରେ ଶ୍ରୀମନ୍ଦିର ପରିଚାଳନାର ଭାର ପ୍ରଶାସନ ହାତକୁ ଦିଆଯାଇଥିଲା। ସରକାର ସିଧାସଳଖ ପ୍ରଶାସକ ନିଯୁକ୍ତି କରି ଶ୍ରୀମନ୍ଦିରକୁ ଚଳାଇବାର ଦାୟିତ୍ୱ ନେଇଥିଲେ। ସେତେବେଳେ କାଁ ଭାଁ ମନ୍ଦିର ପରିଚାଳନାରେ ତ୍ରୁଟି ସାମ୍ନାକୁ ଆସିଥିଲେ ହେଁ ତାହାକୁ ଅକ୍ଳେଶରେ ସମାଧାନ କରାଯାଇ ପାରୁଥିଲା। ଅଳ୍ପ କେତେକ ସେବାୟତ ତାଙ୍କର ବିଶୃଙ୍ଖଳିତ ଆଚରଣ ପାଇଁ ଭର୍ତ୍ସିତ ହେଉଥିଲା ବେଳେ ଏବେ ସମଗ୍ର ସେବାୟତ ସମାଜ ନିନ୍ଦିତ ହେବାକୁ ଯାଉଛନ୍ତି। ବର୍ତ୍ତମାନର ସରକାରଙ୍କ ଅମଳରେ ଶ୍ରୀମନ୍ଦିର ପରିଚାଳନା ବିଭ୍ରାଟ ବେଶୀ ବେଶୀ ଲୋକ ଲୋଚନକୁ ଆସିବା ଦ୍ୱାରା ଏହା ଦାଣ୍ଡରେ ପଡି ହାଟରେ ଗଡିଲା ଭଳିଆ ପରିସ୍ଥିତି ସୃଷ୍ଟି କରିଛି। ପ୍ରଶାସନ-ସେବାୟତ ଓ ଭକ୍ତଙ୍କ ମଧ୍ୟରେ ଶ୍ରୀମନ୍ଦିରକୁ ନେଇ ଅନେକ ସନ୍ଦେହ ସୃଷ୍ଟି ହିଁ ଏକ ବିପଥଗାମୀ ଦିଗର ସନ୍ଧାନ ଦେଇଛି। ଯେଉଁଥିରେ ଗତ ନବକଳେବର ବେଳେ ବ୍ରହ୍ମ ପରିବର୍ତ୍ତନକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଶ୍ରୀମନ୍ଦିର ନୀତି ବିରୁଦ୍ଧରେ ଯାଇ ସେବାୟତ ଓ ପ୍ରଶାସନ ନିର୍ଦ୍ଦିଷ୍ଟ ସମୟ ବାହାରେ ବ୍ରହ୍ମ ପରିବର୍ତ୍ତନ କରିବା ଓ ଏହାର ସବିଶେଷ ତଥ୍ୟ ପଦାରେ ପଡିବା ହିଁ ବିବାଦକୁ ଅଧିକ ଜଟିଳ କରିଥିଲା। ତତ୍କାଳୀନ ଆଇନ ମନ୍ତ୍ରୀଙ୍କ ଆଚରଣ ମଧ୍ୟ ଆଧ୍ୟାତ୍ମିକ ଭାବନା ସହିତ ଭକ୍ତମାନଙ୍କୁ କଠୋର ଆଘାତ ଦେଇଥିଲା। ଯାହାକୁ ନେଇ ରାଜ୍ୟ ତଥା ରାଜ୍ୟ ବାହାରୁ ଅଗଣିତ ଜଗନ୍ନାଥପ୍ରେମୀ ବିରୋଧାଭାଷ ଦେଖାଇଥିଲେ। ପରେ ଉକ୍ତ ଘଟଣାକୁ ପ୍ରଶମିତ କରିବା ଉଦ୍ଦେଶ୍ୟରେ ସରକାର ଏହାର ତଦନ୍ତ କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ବ୍ରହ୍ମ ପରିବର୍ତ୍ତନର କଳଙ୍କ ଧୋଇଯିବା ପୂର୍ବରୁ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ ପ୍ରଶାସନକୁ ପୁଣି ଅଡୁଆ ଭିତରକୁ ଠେଲି ଦେଲା। ବିରୋଧୀ ରାଜନୈତିକ ଦଳମାନେ ଏଥିପାଇଁ ବର୍ତ୍ତମାନର ମନ୍ଦିର ପରିଚାଳନା କମିଟି ଓ ସରକାରଙ୍କୁ ଦାୟୀ କରୁଥିଲା ବେଳେ ଭକ୍ତମାନେ ସେବାୟତଙ୍କୁ ଏହାର ସମସ୍ତ ଦୋଷ ଲଦିବାକୁ ପଛଘୁଞ୍ଚା ଦେଇ ନଥିଲେ। ହେଲେ ଘଟଣାର ସମାଧାନ କରିବା ଉଦ୍ଦେଶ୍ୟରେ ପୁରୀ ଜିଲ୍ଲାପାଳ ରତ୍ନଭଣ୍ଡାରର ଡୁପ୍ଲିକେଟ୍ ଚାବି ପ୍ରସଙ୍ଗ ଉଠାଇ ବିବାଦରେ ପାଣି ପକାଇବା ପରିବର୍ତ୍ତେ ପୁଣି ଯେମିତି ନିଆଁରେ ଘିଅ ଢାଳିଦେଲେ। ଯାହାକୁ ନେଇ ଚାରିଆଡେ ପ୍ରଶାସନର ବିକଳ ଚେହେରା ପଦାରେ ପଡିଲା ଓ ଜଗନ୍ନାଥ ପ୍ରେମୀମାନେ ଭାବିଲେ ଏଥିରେ କିଛି କେଁ ରହିଛି। ଚାବି କେଁ ନ ସରୁଣୁ ସେବାୟତଙ୍କ ବିଶୃଙ୍ଖଳା ଓ ପ୍ରଶାସନିକ ବିଫଳତାକୁ ସାମ୍ନାକୁ ଆଣିଲେ ସର୍ବୋଚ୍ଚ ନ୍ୟାୟାଳୟ। ଶ୍ରୀମନ୍ଦିର ସଂସ୍କାର ନେଇ ସୁପ୍ରିମ୍‌କୋର୍ଟ ବହୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଓ ନିର୍ଦ୍ଦେଶ ଦେବା ଦ୍ୱାରା ଶ୍ରୀମନ୍ଦିର ପରିଚାଳନା କମିଟି ପୁଣି ଅଡୁଆରେ ପଡିଗଲା। କାରଣ ଶ୍ରୀମନ୍ଦିରକୁ ଭକ୍ତ ଦେଉଥିବା ଦାନ-ଦକ୍ଷିଣା ମନ୍ଦିର ଉନ୍ନତିରେ ଲାଗିବା ପରିବର୍ତ୍ତେ ଏହା ସେବାୟତଙ୍କ ଅଣ୍ଟିକୁ ଚାଲିଯାଉଛି ବୋଲି ସ୍ପଷ୍ଟ ଜଣାପଡିଲା। ଏତଦ୍‌ବ୍ୟତୀତ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ସେବାୟତଙ୍କ ଅସଦ୍ ବ୍ୟବହାର ଓ ମାଡଗାଳି ଭଳି ନିନ୍ଦନୀୟ ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ଅଧିକାର ବାହାରକୁ ଯାଇ ସେବାୟତମାନେ ଅତ୍ୟନ୍ତ ବେପରୁଆ ଭାବେ ଭକ୍ତମାନଙ୍କୁ ଅଧିକରୁ ଅଧିକ ହଇରାଣ କରିବା ସହିତ ଦାନ ଦକ୍ଷିଣା ପାଇଁ ଅଡି ବସୁଛନ୍ତି। ଏଥିରେ ସେବାୟତଙ୍କର ବ୍ୟକ୍ତିଗତ ସ୍ୱାର୍ଥ ସାଧନ ହେଉଥିଲା ବେଳେ ଶ୍ରୀମନ୍ଦିର କିମ୍ବା ଶ୍ରୀଜିଉଙ୍କର କୌଣସି ଉନ୍ନତି ହେଉନାହିଁ। ବଂଶାନୁକ୍ରମିକ ସେବା କହି ଅଧିକରୁ ଅଧିକ ସେବାୟତ ଶ୍ରୀମନ୍ଦିରରେ ପ୍ରବେଶ କରିବା ଏବଂ ରୀତିନୀତିରେ ଅଂଶଗ୍ରହଣ କରିବା ଦ୍ୱାରା ବିବାଦ ଅଧିକ ଜଟିଳ ହେଉଛି। କାରଣ ଯେଉଁ ସମୟରେ ଶ୍ରୀମନ୍ଦିର ସେବା ପାଇଁ ବଂଶାନୁକ୍ରମିକ ସେବାର ପ୍ରଚଳନ କରାଯାଇଥିଲା ସେ ସମୟର ସେବାୟତଙ୍କ ସଂଖ୍ୟା ଠାରୁ ବର୍ତ୍ତମାନ ଶ୍ରୀମନ୍ଦିରରେ ସେବା କାର୍ଯ୍ୟ କରୁଥିବା ସେବାୟତଙ୍କ ସଂଖ୍ୟା କେତେ ଗୁଣରେ ଅଧିକ ତାହା ଭାବିହେବନାହିଁ। ଆବଶ୍ୟକତା ଠାରୁ ଅଧିକ ଲୋକ କାର୍ଯ୍ୟ କଲେ ବିବାଦ ହିଁ ଉପୁଜିଥାଏ। ଏକଥା ପ୍ରଶାସନ ବିଚାର କରିବା କଥା। ଭାରତରେ ଥିବା ଅନ୍ୟାନ୍ୟ ବଡ ବଡ ମନ୍ଦିରରେ ପ୍ରଚଳିତ ସେବାନୀତିର ଧାରାକୁ ଅନୁସରଣ କରି ଏଠାରେ ଆବଶ୍ୟକୀୟ ସେବାୟତଙ୍କୁ ନିଯୁକ୍ତି ଦିଆନଯିବା ଦ୍ୱାରା ସେମାନେ ନିଜକୁ ପ୍ରଶାସନ ଅପେକ୍ଷା ଅଧିକ ଦାବିଦାର ମନେ କରୁଛନ୍ତି। ଯାହାକୁ ପ୍ରତିହତ କରିବା ପାଇଁ ମନ୍ଦିର ପରିଚାଳନା କମିଟିର ଜୁ' ପାଉନାହିଁ। ତେଣୁ ଏବେ ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ ଅଙ୍କୁଶ ଲଗାଇବାକୁ ଯାଉଛନ୍ତି ସେଥିରେ ପ୍ରଶାସନିକ ସହଯୋଗ ମିଳିଲେ ଏହା ନିଶ୍ଚୟ ସଫଳ ହୋଇପାରିବ। ଫଳରେ ଶ୍ରୀମନ୍ଦିର ସଂସ୍କାର ପାଇଁ ବାଟ ପାଉ ନଥିବା ମନ୍ଦିର ପରିଚାଳନା କମିଟି ନିଜକୁ ସୁରକ୍ଷିତ ରଖିବା ସହିତ ଶ୍ରୀମନ୍ଦିରକୁ ସୁଚାରୁରୂପେ ପରିଚାଳନା କରିପାରିଲେ ଏଥିରେ ସମସ୍ତଙ୍କର ମଙ୍ଗଳ ହେବ। ଧାର୍ମିକ ଭାବନାକୁ ଅକ୍ଷୁଣ୍ଣ ରଖି ଶ୍ରୀମନ୍ଦିରରେ ସଂସ୍କାର ଅଣାଯାଇ ସେବାୟତମାନଙ୍କୁ ସେମାନଙ୍କ ଯଥାବିଧି ପାଉଣା ପ୍ରଦାନ କରିବା ସହିତ ସମ୍ମାନ ପ୍ରଦାନ କରାଗଲେ ଆଉ ବିଶୃଙ୍ଖଳା ଦେଖାଦେବନାହିଁ। ତେଣୁ ଏ ଦିଗରେ କେବଳ ନ୍ୟାୟାଳୟ କାହିଁକି ଜନସାଧାରଣ ଓ ସରକାର ସମପରିମାଣରେ ଚେଷ୍ଟା କରିବା ଦରକାର।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬ ,ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଶ୍ରୀକ୍ଷେତ୍ରରେ ଘୋଷଯାତ୍ରା



ଅମିନୀଲୁ ରାୟ

ଘୋଷଯାତ୍ରା ସମ୍ପର୍କରେ ପ୍ରଚଳିତ ପୌରାଣିକ ମତ ଅନୁଯାୟୀ – ଜଗତର ନାଥ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ର ଧାମରେ ପ୍ରତିଷ୍ଠିତ ହେବା ପୂର୍ବରୁ ପ୍ରଥମେ ନୀଳମାଧବ ନାମରେ ଓ ରୂପରେ ଘୋର ଜଙ୍ଗଲ ମଧ୍ୟସ୍ଥ ଏକ ଗିରିଗହ୍ୱରରେ ରହି ଶବର ରାଜା ବିଶ୍ୱାବସୁଙ୍କ ଦ୍ୱାରା ପୂଜା ପାଉଥିଲେ । ପରେ ସ୍ୱପ୍ନାଦେଶ ପାଇ ରାଜା ଇନ୍ଦ୍ରଦ୍ୟୁମ୍ନ ମନ୍ତ୍ରୀ ବିଦ୍ୟାପତିଙ୍କ ଦ୍ୱାରା ନୀଳମାଧବଙ୍କୁ କୌଶଳରେ ଅପହରଣ କରିନେଇ ଶ୍ରୀକ୍ଷେତ୍ରରେ ଜଗନ୍ନାଥ ନାମରେ ପ୍ରତିଷ୍ଠା କରିଥିଲେ। ଶେଷରେ ରାଜା ବିଶ୍ୱାବସୁ ପ୍ରଭୂଙ୍କୁ ନପାଇ ବିଚଳିତ ହୋଇ ଅତି ବ୍ୟାକୁଳ ଭାବେ ଠାକୁରଙ୍କର ଅନୁସନ୍ଧାନ କରି, ପୁରୀରେ ଉପସ୍ଥିତ ହୋଇ ଭଗବାନଙ୍କୁ ଥରେ ଦର୍ଶନ କରିବା ନିମନ୍ତେ ରାଜାଙ୍କ ନିକଟରେ ପ୍ରାର୍ଥନା କଲେ, ମାତ୍ର ସେ ଅଦୃଶ୍ୟ ହୋଇଥିବାରୁ ତଥା ରାଜା ତାଙ୍କ ନିବେଦନକୁ ପ୍ରତ୍ୟାଖ୍ୟାନ କରିବାରୁ ଭକ୍ତ ବତ୍ସଳ ପ୍ରଭୂ ଜଗନ୍ନାଥ ଏଥିରେ କ୍ଷୁବ୍ଧ ହୋଇ ଅର୍ଦ୍ଧରାତ୍ରରେ ଧର୍ମପ୍ରାଣା ରାଣୀ ଗୁଣ୍ଡିଚା ଦେବୀଙ୍କୁ ସ୍ୱପ୍ନରେ ଆଦେଶ ଦେଇ ରଥଯାତ୍ରା ଭଳି ଏକ ଉତ୍ସବର ଆୟୋଜନ କରିବାକୁ କହିଲେ। ଏହା ଫଳରେ ଭକ୍ତ ବିଶ୍ୱାବସୁ ସମେତ ଜାତି, ଧର୍ମ ନିର୍ବିଶେଷରେ ଆଚାଣ୍ଡାଳ ବ୍ରାହ୍ମଣ ସମସ୍ତେ ଜଗନ୍ନାଥଙ୍କର ଦର୍ଶନ ଲାଭ କରିବାର ସୁଯୋଗ ପାଇଲେ । ଉକ୍ତ ରଥଯାତ୍ରାକୁ ସେଥିପାଇଁ 'ଗୁଣ୍ଡିଚା ଯାତ' ନାମରେ ନାମିତ କରାଯାଇଛି।

ପୁନଶ୍ଚ ଐତିହାସିକ ମତରେ- ପୂର୍ବେ ପୁରୀର ଶ୍ରୀକ୍ଷେତ୍ର ଥିଲା ଏକ ବୌଦ୍ଧପୀଠ ଏବଂ ରଥଯାତ୍ରା ହେଉଛି ବୌଦ୍ଧ ସଂସ୍କୃତି ଓ ପରମ୍ପରାର ଏକ ପ୍ରତୀକ କହିବା ଠିକ୍ ହେବ । କାରଣ ପରିବ୍ରାଜକ ଫାହିୟାନ୍‌ଙ୍କ ବିବରଣୀ ଅନୁଯାୟୀ ମହାଯାନପନ୍ଥୀ ବୌଦ୍ଧମାନଙ୍କର ରଥଯାତ୍ରାର ବିବରଣୀ ଉଲ୍ଲେଖ ଥିବାରୁ ପୁରୀର ରଥଯାତ୍ରା ତାହାରି ଆଦର୍ଶରେ ସୃଷ୍ଟି ବୋଲି କେହି କେହି ମତବ୍ୟକ୍ତ କରନ୍ତି । ଜୈନ ତୀର୍ଥଙ୍କରମାନେ ମଧ୍ୟ ପୂର୍ବେ ରଥଯାତ୍ରା ପାଳନ କରୁଥିଲେ । ଆଉ କେତେକଙ୍କ ମତରେ ଦ୍ୱାପର ଯୁଗ ସମୟରେ କୃଷ୍ଣ ବଳରାମଙ୍କ ମଥୁରା ଯାତ୍ରାକୁ ଭିତିକରି ଏହା ପୁରୀରେ ପ୍ରଚଳିତ ହୋଇଅଛି । ତେବେ ଆମକୁ ଏହା ମାନିନେବାକୁ ହେବ- ରଥଯାତ୍ରା ଯେ ଏକ ପ୍ରାଚୀନ ଅନୁଷ୍ଠାନ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । କେହି କେହି ମଧ୍ୟ ବିଶ୍ୱାସ କରନ୍ତି – ଜଗନ୍ନାଥଙ୍କ ବିଗ୍ରହର ନାଭି ମଣ୍ଡଳରେ ବୁଦ୍ଧଦେବଙ୍କର ଅସ୍ଥି ବା ଗୋଟିଏ ଦାନ୍ତକୁ ସୁରକ୍ଷିତ ରଖାଯାଇଛି । ଏହାକୁ 'ଦାରୁବ୍ରହ୍ମ' କହନ୍ତି । ପ୍ରତି ନବକଳେବର ସମୟରେ ପୁରାତନ ମୂର୍ତ୍ତି ମଧ୍ୟରୁ ନୂତନ ମୂର୍ତ୍ତି ମଧ୍ୟକୁ ଏହି ବ୍ରହ୍ମକୁ ସ୍ଥାନାନ୍ତର କରାଯାଏ । ଏହାକୁ କେହି ଦର୍ଶନ ବା ସ୍ପର୍ଶ କରନ୍ତି ନାହିଁ ।

ପ୍ରତି ବର୍ଷ ବୈଶାଖ ମାସ ଅକ୍ଷୟ ତୃତୀୟା ଦିନଠାରୁ ବିଧିମୁତାବକ ପୂଜାର୍ଚ୍ଚନା କରାଯାଇ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ ଓ ଆଷାଢ ଶୁକ୍ଳ ପ୍ରତିପଦ ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥାଏ। ପ୍ରତିପଦ ଦିନ ଶ୍ରୀମନ୍ଦିର ସମ୍ମୁଖକୁ ରଥଗୁଡିକୁ ଅଣାଯାଇ ପ୍ରତ୍ୟେକ ରଥର ଶୀର୍ଷରେ ନେତ ବନ୍ଧାଯାଏ। ଏହାକୁ 'ନେତ୍ରୋତ୍ସବ' କୁହନ୍ତି। ପରଦିନ ଅର୍ଥାତ ଶୁକ୍ଳ ଦ୍ୱିତୀୟା ଦିନ ଅନୁଷ୍ଠିତ ହୁଏ ବହୁ ପ୍ରତୀକ୍ଷିତ ତଥା ଆକାଂକ୍ଷିତ ରଥଯାତ୍ରା। ଅଦୂର ସମୁଦ୍ର ବକ୍ଷରେ ଉତ୍‌ଥିତ ଉତାଳ ତରଙ୍ଗମାଳା ସଦୃଶ ପୁରୀ ବଡଦାଣ୍ଡରେ ସେଦିନ କୋଳାହଳମୁଖର ଏକ ବିଶାଳ ଜନ ସମୁଦ୍ର ତରଙ୍ଗାୟିତ ହୋଇଉଠେ । ଶ୍ରୀମନ୍ଦିର ମଧ୍ୟରେ ବିଧିପୂର୍ବକ ତିନି ଠାକୁରଙ୍କର ସ୍ନାନାଦି ପୂଜାର୍ଚ୍ଚନା କାର୍ଯ୍ୟ ଶେଷ କରାଯିବା ପରେ ସେବକମାନେ ଶଙ୍ଖ, ମୃଦଙ୍ଗ, ଘଂଟ ଓ କାହାଳୀ ଧ୍ୱନୀ ମଧ୍ୟରେ ଆଳଟଚାମର ଧରି ପହଣ୍ଡି କରି ଦିଅଁମାନଙ୍କୁ ଆଣି ରଥରେ ଉପବେଶନ କରାନ୍ତି । ଉକ୍ତ ପହଣ୍ଡି ବିଜେ ସମୟର ଦୃଶ୍ୟ ଯେମିତି ଅପୂର୍ବ, ଭକ୍ତମାନଙ୍କ ପକ୍ଷେ ସେମିତି ଅନିର୍ବଚନୀୟ । ଏହାପରେ ପୁରୀର ଗଜପତି ମହାରାଜା ପାରମ୍ପରିକ କ୍ରମେ ଶ୍ରୀନଅରରୁ ଆସି ରଥ ଉପରେ ସ୍ୱର୍ଣ୍ଣବେଂଟ ନିର୍ମିତ ଖଡିକା ଧରି ସୁବାସିତ ଚନ୍ଦନ ଜଳରେ ଛେରାପହରା କାର୍ଯ୍ୟ ସମାପନ କରନ୍ତି । ମହାରାଜା ଦିବ୍ୟସିଂହ ଦେବ ରଥରୁ ଅବତରଣ କରିବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୁଏ । ଅତି ବ୍ୟାକୁଳ ପ୍ରାଣରେ ପ୍ରତୀକ୍ଷା କରି ରହିଥିବା ଲକ୍ଷ ଲକ୍ଷ ଭକ୍ତ ତିନୋଟି ଯାକ ରଥରେ ସଂଯୋଜିତ ଶକ୍ତ ଦଉଡିକୁ ଧରି ରଥଗୁଡିକୁ ଗୁଣ୍ଡିଚା ମନ୍ଦିରଆଡକୁ ଟାଣି ଟାଣି ନେଇଯାଆନ୍ତି । ସେକାଳର ଅପୂର୍ବ ଶୋଭା ତଥା ଆନନ୍ଦ ଉଲ୍ଲାସ ବାସ୍ତବରେ ଅବର୍ଣ୍ଣନୀୟ । ସେତେବେଳେ ଜାତି, ଧର୍ମ, ଉଚ୍ଚ-ନୀଚ, ଧନୀ-ଦରିଦ୍ର ଇତ୍ୟାଦି ସମସ୍ତ ପ୍ରକାର ଭେଦଭାବ ଭୂଲି ଲକ୍ଷ ଲକ୍ଷ ଜନତା ଏକାକାର ହୋଇଯାଆନ୍ତି। ରଥ ଉପରେ ତିନି ଠାକୁରଙ୍କୁ ଦର୍ଶନ କରି ଓ ରଥ ସଂଲଗ୍ନ ଦଉଡିକୁ ଥରେ ସ୍ପର୍ଶ କରି ଜୀବନକୁ ସେମାନେ ଧନ୍ୟ ମନେକରନ୍ତି ।

ଅତ୍ୟଧିକ ସମାଗମ କାରଣରୁ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାର ନିରାପତାମୂଳକ ବ୍ୟବସ୍ଥାମାନ କରାଯାଇଥାଏ। କୌଣସି ଅଘଟଣକୁ ଦୃଷ୍ଟିରେ



ରଖି ଆଇନ୍ ଶୃଙ୍ଖଳା ରକ୍ଷାକାରୀମାନେ ସଦାବେଳେ ଜାଗ୍ରତ ଥାଆନ୍ତି। ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ରକ୍ଷା ଓ ସହରର ପରିଷ୍କାର ପରିଚ୍ଛନ୍ନତା ପ୍ରତି ମଧ୍ୟ ଧ୍ୟାନ ଦିଆଯାଏ। ଏତଦ୍ ବ୍ୟତୀତ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉକ୍ତ କାର୍ଯ୍ୟରେ ସ୍ୱତଃ ପ୍ରବୃତ ହୋଇ ସରକାରୀ କର୍ମଚାରୀମାନଙ୍କୁ ସାହାଯ୍ୟ କରିଥାନ୍ତି। ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଯାତ୍ରୀମାନଙ୍କୁ ଆବଶ୍ୟକ ସୂଚନା ଦିଆଯିବା ସହ ଦୂରଦର୍ଶନ ଓ ଆକାଶବାଣୀ ପକ୍ଷରୁ ଧାରା ବିବରଣୀ ପରିବେଷଣ କରାଯାଏ। ଦଶମୀ ଦିନ ତିନି ଠାକୁର ପୁଣି ଥରେ ରଥ ଆରୋହଣ କରି ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତନ କରିବା ପରେ ଉତ୍ସବର ପରିସମାପ୍ତି ଘଟେ ।

ପୁନଶ୍ଚ ଜଗନ୍ନାଥଙ୍କର ନବକଳେବର ପର୍ବ ହେଉଛି ଏକ ରହସ୍ୟପୂର୍ଣ୍ଣ ଏବଂ କୌତୁହଳପ୍ରଦ ଘଟଣା। ଯେଉଁ ବର୍ଷ ମଳମାସ ସ୍ୱରୂପ ଦୁଇଟି ଆଷାଢ ପଡେ, ସେହି ବର୍ଷ ହିଁ କେବଳ ନବକଳେବର ଉତ୍ସବ ସଂପାଦିତ ହୁଏ । ଏହା ରଥଯାତ୍ରା ସହିତ ସଂଯୁକ୍ତ ହୋଇଥାଏ ଏବଂ ପ୍ରାୟ ପନ୍ଦରରୁ କୋଡିଏ ବର୍ଷ ବ୍ୟବଧାନରେ ଏଭଳି ସୁଯୋଗ ଆସିଥାଏ । ଗତ ୧୯୯୬ ମସିହା ଜୁନ୍ ମାସରେ ଏକ ନବକଳେବର ସଂଘଟିତ ହୋଇଥିଲା । ଏହି ଅବସରରେ ତିନି ଠାକୁରଙ୍କର ପୁରାତନ ମୂର୍ତ୍ତିକୁ ପରିବର୍ତନ କରାଯାଇ ନୂତନ ମୂର୍ତ୍ତି ନିର୍ମାଣ କରାଯାଏ । ମୂର୍ତ୍ତିଗୁଡିକ ନିମ୍ବ କାଷ୍ଠରେ ନିର୍ମିତ ହୋଇଥାଏ । ଏହି ଉଦ୍ଦେଶ୍ୟରେ ନିମ୍ବଦାରୁ ସଂଗ୍ରହ କରିବା ଏକ କଠିନ ବ୍ୟାପାର ନିଶ୍ଚୟ । କେତେକ ନିର୍ଦ୍ଦିଷ୍ଟ ଲକ୍ଷଣଯୁକ୍ତ ସ୍ଥାନରୁ ଦାରୁ ସଂଗ୍ରହ କରିବା ଆବଶ୍ୟକ ହୁଏ । ଏଥିପାଇଁ ମନ୍ଦିରର ପ୍ରଧାନ ପୂଜକ ପୁରୀ ଜିଲ୍ଲା କାକଟପୁରସ୍ଥ ମଙ୍ଗଳା ଠାକୁରାଣୀଙ୍କ ନିକଟରେ ଅଧାବ୍ରତ ଅବଲମ୍ବନ କରନ୍ତି ଏବଂ ଦାରୁ କେଉଁ ଦିଗରୁ ମିଳିବ ତାହା ଠାକୁରାଣୀ ସ୍ୱପ୍ନାଦେଶ ଦ୍ୱାରା ତାହାଙ୍କୁ ଜଣାଇ ଦିଅନ୍ତି। ପରେ ସେବକମାନେ ନିର୍ଦ୍ଦେଶିତ ଦିଗରେ ଯାତ୍ରା କରି ସ୍ୱର୍ଣ୍ଣ କୁଠାର ସାହାଯ୍ୟରେ ବୃକ୍ଷକୁ ଛେଦନ କରି ବିଧି ପୂର୍ବକ ଶ୍ରୀମନ୍ଦିରକୁ ବୋହି ଆଣନ୍ତି । ଏହି ନୂତନ ଦାରୁକୁ ବେଢାରେ ସାଇତି ରଖି ପୂର୍ବ ନବକଳେବର ସମୟରେ ସଂଗ୍ରହ କରାଯାଇଥିବା ଦାରୁରେ ତ୍ରିମୂର୍ତ୍ତି ନିର୍ମାଣ କରାଯାଏ । ନିର୍ମାଣ ଶେଷ ପରେ ପୁରାତନ ବିଗ୍ରହର ନାଭି ମଣ୍ଡଳରେ ଥିବା ଦାରୁବ୍ରହ୍ମଙ୍କୁ ଅତି ଗୋପନୀୟ ଭାବରେ ନିଶାର୍ଦ୍ଧରେ ନୂତନ ବିଗ୍ରହ ମଧ୍ୟରେ ସ୍ଥାପନ କରାଯାଏ । ଏହାପରେ ପୁରାତନ ବିଗ୍ରହଗୁଡିକୁ ନେଇ ମନ୍ଦିରର ପଶ୍ଚାତ ଭାଗରେ ଥିବା କୋଇଲି ବୈକୁଣ୍ଠପୁରରେ ହିନ୍ଦୁ ପାରମ୍ପରିକ ରୀତିରେ ସମାଧି ଦିଆଯାଏ ।

ରଥଯାତ୍ରା ଏକ ନବଦିନ ବ୍ୟାପୀ ମହୋତ୍ସବ ହେଲେ ମଧ୍ୟ ଏହାର ସାମାଜିକ ଉପଯୋଗିତା ଅପରିସୀମ । ଏହା ହେଉଛି ସମତା ଓ ସମନ୍ୱୟର ପ୍ରତୀକ । ଜାତି, ଧର୍ମ ନିର୍ବିଶେଷରେ ଲକ୍ଷ ଲକ୍ଷ ଜନତା କେଉଁ ଅତୀତ କାଳରୁ ପୁରୀର ବଡଦାଣ୍ଡରେ ସମବେତ ହୋଇଆସୁଛନ୍ତି । ସମସ୍ତେ ଏକ ସ୍ୱରରେ ଆରାଧ୍ୟ ଦେବତାଙ୍କର ଜୟଧ୍ୱନି କରନ୍ତି । ଏକ ମନ ଓ ଏକ ପ୍ରାଣ ହୋଇ କାନ୍ଧକୁ କାନ୍ଧ ମିଶାଇ ରଥ ଦଉଡି ପ୍ରତି ହାତ ବଢାଇ ଦିଅନ୍ତି । କ୍ଷଣକ ପାଇଁ ହେଲେ ମଧ୍ୟ ସମସ୍ତଙ୍କ ପ୍ରାଣରେ ଏକ ଉଦାର ମାନବୀୟ ଚିନ୍ତା ଜାଗ୍ରତ ହୁଏ ଏବଂ ସେହି ମୁହୂର୍ତରେ ସେମାନେ ଅନୁଭବ କରନ୍ତି ଯେ ସବୁ ମଣିଷ ସମାନ ଏବଂ ସମସ୍ତେ ହେଉଛନ୍ତି ଭଗବାନଙ୍କର ପ୍ରିୟ ସନ୍ତାନ । ଏତଦ୍ ବ୍ୟତୀତ ଏକ ସମୟରେ ଭାରତର ବିଭିନ୍ନ ସ୍ଥାନରୁ ଆସିଥିବା ଭକ୍ତମାନେ ସମବେତ ହେଉଥିବାରୁ ଭାବ, ଭାଷା ଓ ବନ୍ଧୁତ୍ୱର ବିନିମୟ ଘଟେ ଓ ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ ସ୍ଥାପିତ ହୁଏ ।

ଉତ୍କଳୀୟମାନଙ୍କର ପରମ ଆରାଧ୍ୟ ଦେବତା ପ୍ରଭୂ ଶ୍ରୀ ଜଗନ୍ନାଥ ହେଉଛନ୍ତି ସମଗ୍ର ହିନ୍ଦୁ ଜାତିର ନମସ୍ୟ । ତାଙ୍କର ଅଧିଷ୍ଠାନ କ୍ଷେତ୍ର ଲୀଳାମୁଖର ଜଗନ୍ନାଥ ଧାମକୁ କେନ୍ଦ୍ରକରି ଗଢିଉଠିଛି କେତେ ପର୍ବପର୍ବାଣି, ପାରମ୍ପରିକ ଉତ୍ସବ ଓ ମହୋତ୍ସବ। ରଥଯାତ୍ରାର ମୂଳ ଅଧିଷ୍ଠାନ ପୁରୀ ହେଲେ ମଧ୍ୟ ଅଧୁନା ଓଡିଶାର ବିଭିନ୍ନ ସ୍ଥାନରେ ଉକ୍ତ ଉତ୍ସବ ମହା ସମାରୋହରେ ପାଳିତ ହେଉଅଛି । ଏମାନଙ୍କ ମଧ୍ୟରେ କଟକ, କୁଜଙ୍ଗ,କେନ୍ଦ୍ରାପଡା, ବାରିପଦା ଓ କୋରାପୁଟ ଇତ୍ୟାଦି ସ୍ଥାନର ନାମ ଉଲ୍ଲେଖଯୋଗ୍ୟ । ଓଡିଶାର ଗ୍ରାମାଂଚଳରେ ମଧ୍ୟ ଅଧିକାଂଶ ସ୍ଥାନରେ ରଥଯାତ୍ରା ପାଳନ କରାଯାଇଥାଏ । ପୁନଶ୍ଚ ଦିଲ୍ଲି, କଲିକତା, ଅହମ୍ମଦାବାଦ୍ ଇତ୍ୟାଦି ଭାରତର ଅନ୍ୟାନ୍ୟ ସ୍ଥାନରେ ରଥଯାତ୍ରାର ଆୟୋଜନ କରାଯାଇଥିବାବେଳେ ଆମେରିକା, ବ୍ରିଟେନ୍ ପ୍ରଭୃତି ଦେଶରେ ମଧ୍ୟ ଜଗନ୍ନାଥ ମନ୍ଦିର ଓ ରଥଯାତ୍ରାର ଆୟୋଜନ କରାଯାଇଛି । । ତେଣୁ ସଂକ୍ଷେପରେ କହିବାକୁ ଗଲେ ରଥଯାତ୍ରା ଓଡିଆ ଯାତିର ଏକ ମହାନ୍ ପର୍ବ । ଏହି ଯାତ୍ରା ସମଗ୍ର ହିନ୍ଦୁ ଜଗତକୁ ପ୍ରଭାବିତ କରିପାରୁଥିବାରୁ ସେଥିପାଇଁ ଆମେ ଗର୍ବିତ ।

*ଜଗତ୍‌ସିଂହପୁର*
*ମୋ-୯୯୩୭୪୧୨୫୧୫*

# ଭଗବାନ ଶ୍ରୀଜଗନ୍ନାଥ



କେଦାରନାଥ ଜେନା

**ଶ୍ରୀ**କ୍ଷେତ୍ରରେ ଶ୍ରୀଗୁଣ୍ଡିଚା ଯାତ୍ରା ଶ୍ରୀମନ୍ଦିରର ମାଲିକ ଶ୍ରୀଜଗନ୍ନାଥଙ୍କ ଏକ ପ୍ରଧାନ ପର୍ବ। ଏହା ରଥଯାତ୍ରା ବା ଘୋଷଯାତ୍ରା ଭାବେ ସର୍ବାଦୃତ। ଏହି ଶ୍ରେଷ୍ଠ ଯାତ୍ରାକୁ ଲକ୍ଷ୍ୟକରି କେଉଁ ପ୍ରାଚୀନ କବି ଲେଖିଥିଲେ-

'ରଥ କହେ ମୁଁ ଦେବତା,
ପଥ କହେ ମୁଁ ଦେବତା
ରଥ ପଥ କିଛି ନାହିଁ,
ସବୁ ସେ ଜଗତ ସ୍ୱାଇଁ'

ରଥଯାତ୍ରାର ଅୟମାରମ୍ଭ କେବେଠାରୁ ସେଥିପାଇଁ ଗବେଷଣା ଚାଲିଥିଲେ ମଧ୍ୟ ମହାନ୍ ଲେଖକ ସୁରେନ୍ଦ୍ର ମହାନ୍ତିଙ୍କ ପ୍ରଖ୍ୟାତ ପୁସ୍ତକ 'ନୀଳଶୈଳ'ର ଚରିତ୍ର 'ସର' 'ଜଗୁନି' ଇତ୍ୟାଦି ଉତ୍କଳ ମାଟିର ଚିଲିକା କୂଳର ଚଟି ଘରମାନ ହିଁ ତାର ମୂକସାକ୍ଷୀ।

ଅନ୍ୟ କେତେକ ଲେଖକଙ୍କ ମତରେ ବାଟଘାଟର ସୁବିଧା ନଥିବାରୁ ଯାତ୍ରୀମାନେ ଭାରତର କୋଣ ଅନୁକୋଣରୁ ଶହ ଶହ ସଂଖ୍ୟାରେ ଦଳ ଦଳ ହୋଇ ପେଡିପୁଟୁଳା ବାନ୍ଧି ମାସ ମାସ ଧରି ପାଦରେ ଚାଲି ଚାଲି ଏବଂ କେହି କେହି ହସ୍ତୀ ଓ ଓଟ ପୃଷ୍ଠରେ ବସି ଏ ମହାନ ଯାତ୍ରାର ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ପହଞ୍ଚୁଥିଲେ। ଯାତ୍ରୀମାନଙ୍କ ସୁବିଧା ପାଇଁ ବଦାନ୍ୟ ବ୍ୟକ୍ତିମାନେ ମୁଖ୍ୟ ରାସ୍ତାର ପାର୍ଶ୍ୱରେ ଧର୍ମଶାଳା, ଚଟିଘର, କୂପ, ପୁଷ୍କରିଣୀମାନ ନିର୍ମାଣ କରି ଓ ଯାତ୍ରୀମାନଙ୍କ ପାଇଁ ଖାଦ୍ୟପେୟର ବ୍ୟବସ୍ଥା କରି ପ୍ରଶଂସାର ପାତ୍ର ହେଉଥିଲେ। ଭକ୍ତମାନେ ଶ୍ରୀଠାକୁରଙ୍କୁ ରଥରେ ଦର୍ଶନ କରିବା ପାଇଁ ଅତି ଆକୁଳ ନିବେଦନ କରୁଥିଲେ। ତେଣୁ କବି ଲେଖିଛନ୍ତି-

'ଜଗବନ୍ଧୁ ହେ ଗୋସାଇଁ,
ତୁମ୍ଭ ଶ୍ରୀଚରଣ ବିନୁ ଅନ୍ୟ ଗତିନାହିଁ
ସାତଶ ପଚଶ କୋଶ ଦିଗ ଦିଶୁନାହିଁ'
ମୋହ ଯିବା ଯାଏ ନନ୍ଦିଘୋଷେ ଥିବ ଚାହିଁ'

ଶ୍ରୀବିଗ୍ରହଙ୍କ ଦର୍ଶନରେ ଭକ୍ତ ପ୍ରାଣ ପୁଲକିତ ହୋଇଥାଏ । ସେ ଜନ୍ମ ଜନ୍ମାନ୍ତର କଳୁଷ ରାଶିରୁ ମୁକ୍ତି ପାଇଥାଏ ବୋଲି ବିଶ୍ୱାସ କରେ। ବେଦାନ୍ତରେ ଶ୍ରୀବିଗ୍ରହଙ୍କୁ ଦାରୁମୟ ବ୍ରହ୍ମ ବୋଲି ବିବେଚନା କରାଯାଏ। ସ୍କନ୍ଦ ଉତ୍କଳଖଣ୍ଡ ଅନୁସାରେ-

'ଜ୍ୟୋତି ସଂସାର ଦୁଃଖାନି ଜଜାତି ମୁଖମବ୍ୟୟମ୍
ତସ୍ମାତ୍ ଦାରୁମୟବ୍ରହ୍ମ ବେଦାନେଷୁ ପଗୀୟତେ'

ଯେତେବେଳେ ଶ୍ରୀନବକଳେବର ହୋଇଥାଏ, ସେବକମାନେ ଆଜ୍ଞାମାଳ ନେଇ 'ଦାରୁ' ସନ୍ଧାନରେ ଯାଇ ଉତ୍ତମ ଲକ୍ଷଣଯୁକ୍ତ ନିମ୍ବ ବୃକ୍ଷ ଛେଦନ କରି ତହିଁରେ ଶ୍ରୀବିଗ୍ରହମାନ ନିର୍ମାଣ କରାଯାଏ। ପୁନଶ୍ଚ ରଥ ନିର୍ମାଣ ବେଳେ ୩ ରଥ ପାଇଁ ମଧ୍ୟ ଦାରୁ = ବୃକ୍ଷ = ଗଛର ଆବଶ୍ୟକତା ହୋଇଥାଏ। ସୁତରାଂ ଗଛର ଉପକାରିତାକୁ ଲକ୍ଷ୍ୟକରି ଶ୍ରୀବିଗ୍ରହଙ୍କୁ ଦାରୁମୟ ବ୍ରହ୍ମ ବୋଲି ପଣ୍ଡିତମାନେ ମତ ପ୍ରକାଶ କରିଥାନ୍ତି। ଶ୍ରୀବିଗ୍ରହ ହିଁ ପ୍ରାଣୀମାନଙ୍କର ସାଂସାରିକ ଦୁଃଖ ବିନାଶ କରି ଭବ ସାଗରରୁ ପ୍ରାଣୀଙ୍କୁ ଉଦ୍ଧାର କରିଥାନ୍ତି। ପୁନଶ୍ଚ ବୈଜ୍ଞାନିକ ଦୃଷ୍ଟିକୋଣରୁ ଲକ୍ଷ୍ୟ କଲେ ପ୍ରାଣୀମାନଙ୍କର ପୃଥିବୀ ପୃଷ୍ଠରେ ବଞ୍ଚି ରହିଥିବା ପାଇଁ ବୃକ୍ଷ (ଦାରୁ) ହିଁ ଏକାନ୍ତ ଭାବେ ପ୍ରୟୋଜନ। ଜୀବ ଜଗତର ଖାଦ୍ୟ, ପାନୀୟ, ବସ୍ତ୍ର, ବାସଗୃହ ଏବଂ ଆସବାବପତ୍ର ପାଇଁ ବୃକ୍ଷ ସର୍ବାଗ୍ରେ ଓ ସର୍ବଦା ପ୍ରୟୋଜନ ହୋଇଥାଏ।

ବୋଧହୁଏ, ପ୍ରକାରାନ୍ତରେ ପ୍ରଭୁ ମର୍ତ୍ତ୍ୟବାସୀଙ୍କୁ ଉପଦେଶ ଛଳରେ କହିଛନ୍ତି- ହେ ମାନବ! ମୁଁ ଯେପରି 'ଦାରବ' ମୂର୍ତ୍ତିକୁ ଆଦରି ନେଲି ତୁମ୍ଭେମାନେ ଦାରୁ = ବୃକ୍ଷ = ଗଛର ଆଦର କର ଓ ପୃଥିବୀକୁ ଶ୍ୟାମଳିମାପୂର୍ଣ୍ଣ କର। ତାହାହେଲେ ତୁମ୍ଭମାନଙ୍କର ମଙ୍ଗଳ ଓ ଉନ୍ନତି ହେବ। ଏ ଧରା ଚିରଦିନ ପାଇଁ ଶସ୍ୟ ଶ୍ୟାମଳା ହୋଇ ତିଷ୍ଠି ରହିବ। ସେଥିପାଇଁ ଅନେକ କହିଥାନ୍ତି : 'A GREEN NEIGHBOUR IS A GOOD NEIGHBOUR' ଏହାହିଁ ହେଉ ଜଗତବାସୀଙ୍କୁ ଶ୍ରୀପ୍ରଭୁଙ୍କର ରଥଯାତ୍ରାର ବାର୍ତ୍ତା।

**ଜୟ ଜଗନ୍ନାଥ**

*ଶୈଳଶ୍ରୀ ବିହାର, ଭୁବନେଶ୍ୱର - ୨୧*

# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୧୩

"ଜନନୀ ବୋଇଲେ ଦେଖିଲୁ ପ୍ରତ୍ୟକ୍ଷ
ସଦଗୁରୁ ପୂଜା କଲେ।
ପିଣ୍ଡ ମୋକ୍ଷ ତୋର ହୋଇବ କୁମର ତୁହି
ତାହାଙ୍କୁ ସେବିଲେ ॥"

ଛଦ୍ମବେଶରେ ହାଡ଼ିପାଙ୍କର କାର୍ଯ୍ୟକଳାପ ସ୍ୱଚକ୍ଷୁରେ ଦେଖିବା ପରେ ଯୁବରାଜ ଗୋବିନ୍ଦ ସେଠାରୁ ଚାଲିଗଲେ। ବିସ୍ମୟରେ ଭାଳି ହେଲେ ବାସ୍ତବରେ ତପଶକ୍ତି କେତେ ବଳୀୟାନ ! ସେ ଅବିଳମ୍ବେ ମାତାଙ୍କ ଅନ୍ତଃପୁରରେ ପହଞ୍ଚି ସବୁ ଦୃଶ୍ୟର ଘଟଣା ବର୍ଣ୍ଣନା କଲେ। ନମ୍ର କଣ୍ଠରେ କହିଲେ-ହେ'ମାତା, ତୁମ୍ଭେ ଯାହା କହିଲ ତହା ସତ୍ୟ। ହାଡ଼ିପା ସାଧାରଣ ମନୁଷ୍ୟ ନୁହନ୍ତି, ସିଦ୍ଧଯୋଗୀ ! ପ୍ରାତଃକାଳରେ ହାଡ଼ିପାଙ୍କର ନିତ୍ୟକର୍ମ ସ୍ୱଚକ୍ଷୁରେ ଦେଖି ମୋର ଚିତ୍ତ ପରିବର୍ତ୍ତନ ହୋଇଛି। ନଡ଼ିଆ ବୃକ୍ଷକୁ ତଳକୁ ନୁଆଁଇ ଫଳ ତୋଳିବା, ବେତାଳଙ୍କ ଦ୍ୱାରା ମଇଳା ସଫା କରିବା ଭଳି କର୍ମରହସ୍ୟ ଜାଣିବା ପରେ ଦ୍ୱିଧାବୋଧ ଅପସରି ଯାଇଛି। ବାସ୍ତବରେ ତୁମ୍ଭେ ମହାନ ! ତୁମ୍ଭ ଭଳି ଗର୍ଭଧାରୀ ମାତାଙ୍କ ଚରଣରେ ମୋର କୋଟି ନମସ୍କାର। ମାୟାର ଆବରଣ ଭିତରେ ଜନ୍ମମୃତ୍ୟୁର ଜଗତକୁ ଶ୍ରେଷ୍ଠ ମଣୁଥିବା ପୁତ୍ରର ଦୋଷ କ୍ଷମା କରି ଦିଅ ମାତା। ଯୋଗୀର ଜୀବନ କେତେ ନିଭୃତ, କେତେ ଶକ୍ତିଶାଳୀ ତାହା ଏବେ ହୃଦବୋଧ ହୋଇଛି। ହେ'ମାତା, ଦୁର୍ଲଭ ମନୁଷ୍ୟ ଜୀବନର ଜନ୍ମଦାତ୍ରୀ, ପରମ ପ୍ରେମମୟୀ, ମହାମାୟା ସ୍ୱରୂପା ତୁମ୍ଭ ଭଳି ଜନନୀ ପାଇ ମୋର ଜୀବନ ଧନ୍ୟ ହୋଇଛି। କାଲି ପ୍ରଭାତରେ ଯୋଗୀ ଗୋବିନ୍ଦକୁ ପ୍ରଥମ ଭିକ୍ଷା ଦାନ କରି ଅମରତ୍ୱ ସନ୍ଧାନରେ ପ୍ରେରଣ କର ମାତା ! ତୁମର ଜୟ ହେଉ, ଗୁରୁଙ୍କର ଜୟ ହେଉ !

ପୁତ୍ରର ଅନ୍ତିମ ନିଷ୍ପତ୍ତି ଶ୍ରବଣ କରି ରାଣୀ ମୁକ୍ତାଦେଈ ମହାଆନନ୍ଦରେ ପୁତ୍ରର ମଥାକୁ ସାଉଁଳି କହିଲେ-ହେ'ଗୋବିନ୍ଦ, ଭାବପ୍ରବଣତା ଦ୍ୱାରା ମାୟାରୁ ମୁକ୍ତ ହେବା ସମ୍ଭବ ନୁହେଁ। ଗୁରୁ ହାଡ଼ିପାଙ୍କ ଦର୍ଶନ ପାଇ ତୋ ମନରେ କେବଳ ଆଗ୍ରହ ପ୍ରକାଶ ପାଇଛି। ବିଭୁ କାର୍ଯ୍ୟ ସଂପାଦନ ବେଳେ ଜଣା ପଡ଼ିବ ଭଗବତ୍ ଶକ୍ତି ପ୍ରାପ୍ତ ନିମନ୍ତେ ତୁ କେତେଦୂର ସମର୍ଥ। ପ୍ରେମ ଓ ତ୍ୟାଗର ତୀକ୍ଷ୍ଣଧାରରେ କିପରି ସମ୍ଭାଳ ଧରି ଚାଲି ପାରୁଛୁ ତାହା ନିର୍ଣ୍ଣୟ ହେବ ଏବେ, ଏଇକ୍ଷଣରୁ। ହେ'ପୁତ୍ର, ଯୋଗୀ ଜୀବନର ସୂତ୍ରକୁ ଧରି ପାରିଲେ ପ୍ରକୃତ ଯୋଗୀ ବୋଲାଇବୁ। ମନକୁ ଥୟ ନ କରି ଯୋଗୀବେଶରେ ସାରା ପୃଥ୍ୱୀ ଭ୍ରମଣ କରି କି ଲାଭ ଅଛି। ଜିଭ ଟକଟକ୍, ଆଖି ଚକମକ୍, ମନ ଧଡ଼ପକ୍, ଏ ସବୁ ନିଷ୍ଫଳ ଯୋଗର କାରଣ। ନିମିତ୍ତଭାବ, ମଉନବ୍ରତ, ଦୀନହୀନ ଚେତନା ଜାଗ୍ରତ ନ ହେବା ଯାଏଁ ଯୋଗୀର ଜୀବନ ପରିପୁଷ୍ଟ ନୁହେଁ। ସେଇ ପ୍ରାଥମିକ ସୂତ୍ରରୁ କିଛି ବତାଇ ଦେଉଛି ମନ ଦେଇ ଶ୍ରବଣ କର। ସଦାସର୍ବଦା ଶ୍ରୀହରିଙ୍କ ନାମ ସ୍ମରଣ କରିବୁ। ଚଉପାଶେ ନାମବ୍ରହ୍ମ ଅଗ୍ନି ଜାଳି ସଂସାରମାୟାକୁ ଦୂରେଇ ରଖିବୁ। ଶିବ ନାରାୟଣଙ୍କ ପାଦପଦ୍ମରେ ଲୟ ରଖି ଗ୍ରାମେ ଗ୍ରାମେ ବୁଲି ଭିକ୍ଷାଂଦେହିମ୍ ମାତା ଡାକ ଛାଡ଼ିବୁ। ଗୁରୁ ଯାହା ଅନ୍ତରରେ ଦେବେ ତାହା ଜନକଲ୍ୟାଣ ଉଦ୍ଦେଶ୍ୟରେ ବାହାରେ ପ୍ରକାଶ କରିବୁ। ଦେହରେ ବିଭୂତି ବୋଳି, ତ୍ରିକାଛାରେ ବସ୍ତ୍ର ପିନ୍ଧି ବାମହସ୍ତରେ ଶିବଙ୍କ ତ୍ରିଶୂଳ ଧରିବୁ। ଡାହାଣ ହସ୍ତରେ ଲାଉଥାଳ ଧରି ପ୍ରଥମେ ତୋରି ନଗ୍ର ଦ୍ୱାରେ ଦ୍ୱାରେ ବୁଲି ଭିକ୍ଷା ଗ୍ରହଣ କରିବୁ। ଗୁରୁଙ୍କ ନିର୍ଦ୍ଦେଶରେ ଯେତିକି ଆବଶ୍ୟକ ସେତିକି ମାଗିବୁ। ଆସନ୍ତାକାଲିକୁ କିଛି ସାଇତିବୁ ନାହିଁ। ମନେ ରଖିଥିବୁ ସୁପୁରୁଷ ନିମନ୍ତେ ନାରୀମାୟା ଅଗ୍ନି ପରି। ମୋକ୍ଷପଥର ସାଧକକୁ ଯୋଗମାୟା ବଳପୂର୍ବକ ଅଟକାଇବାରେ ସଫଳ ହୋଇଥାନ୍ତି। ଏହିମତରେ ଭିକ୍ଷାଦାତ୍ରୀ ଗୃହିଣୀଙ୍କ ମୁଖକୁ ନ ଚାହିଁ ପାଦଦର୍ଶନ ପୂର୍ବକ ହୃଦୟରୁ ପ୍ରଣାମ ଜଣାଇବୁ। ପୁରୁଷମାନଙ୍କୁ ପିତୃତୁଲ୍ୟ ମଣିବୁ। ଦାଣ୍ଡରେ ପିଲାଙ୍କୁ ଦେଖିଲେ ସ୍ନେହ, ଆଦର, ଦୟାଭାବ ରଖିବୁ। ଗାଈ, ବ୍ରାହ୍ମଣ, ଋଷିଙ୍କୁ ଦେଖିଲେ ମୁଣ୍ଡପାତି ଦଣ୍ଡବତ କରିବୁ। ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ପୀଠ ଦେଖିଲେ ସାଷ୍ଟାଙ୍ଗେ ପ୍ରଣିପାତ କରିବୁ। ସବୁ ପ୍ରାଣୀଙ୍କ ଭିତରେ ଭଗବାନଙ୍କ ସ୍ୱରୂପକୁ ଦର୍ଶନ କରିବୁ। କିଏ ଭିକ୍ଷା ଦେଲା ନ ଦେଲା ସେଥିପ୍ରତି ରୋଷ କରିବୁ ନାହିଁ। ହିଂସା, ଦ୍ୱେଷ, କାମ, କ୍ରୋଧ, ଲୋଭକୁ ସମୂଳେ ନାଶ କରିବୁ। ନିଦ୍ରା, ବ୍ୟଞ୍ଜନରେ ଆସକ୍ତି ରଖିବୁ ନାହିଁ। ଶ୍ରୀହରିଙ୍କ ବିନୁ କ୍ଷଣମାତ୍ର ସମୟ ଅପଚୟ କରିବୁ ନାହିଁ। କାହାରି ଗାଳି ଭର୍ତ୍ସନାକୁ କର୍ଣ୍ଣପାତ କରିବୁ ନାହିଁ। ଗୁରୁଙ୍କୁ ଦର୍ଶନମାତ୍ରେ ପୟରପୂଜା କରିବୁ। ତାଙ୍କ ଉପଦେଶ ମାନି ଜୀବନ ଗଢ଼ିଲେ ଯାଇଁ ଜୀବନ ପାଇବୁ। ଚଉରାଶୀ ଲକ୍ଷ ଗର୍ଭରୁ ଜାତ ଜୀବଙ୍କୁ ଧାରଣ କରି ଯେଉଁ ନାବ ଗଭୀର ସିନ୍ଧୁଜଳ ଉପରେ ମାୟାକଳ୍ପକୁ ଅତିକ୍ରମ କରୁଛି, ସେଇ ବିଷ୍ଣୁମାୟାର ସରହଦ ଭିତରୁ ଉର୍ଦ୍ଧ୍ୱକୁ ଉଠି ଅମରତ୍ୱ ଲାଭ କରି ପାରିବୁ !

ମାତାଙ୍କ ମୁଖରୁ କଥା ନ ସରୁଣୁ ଯୁବରାଜ ଗୋବିନ୍ଦ ଉଚ୍ଚସ୍ୱରରେ କହିଲେ-ତରିଲି ତରିଲି ମାତ ! ତୁମ୍ଭ କରୁଣାରୁ ଆତ୍ମ ପରିଚୟ ପାଇ ସଂସାର ବନ୍ଧନରୁ ତରିଗଲି ! ହାଡ଼ିପାଙ୍କ ଦର୍ଶନ ପରେ ସଂସାର ବନ୍ଧନ ଅନାସକ୍ତ ହୋଇ ପଡ଼ିଛି ! ରାଜ୍ୟ, ସିଂହାସନ, ସୁନ୍ଦରୀରମଣୀ ସବୁ ତୁଚ୍ଛ ବୋଧ ହେଉଛି ! ହେ'ମାତା, ଏଇ ଛୋଟିଆ ରାଜ୍ୟରେ କିଛି ନାହିଁ। ବ୍ରହ୍ମକର୍ମ ବଳରେ ମୃତ୍ୟୁର ଦ୍ୱାରଦେଶକୁ ଅତିକ୍ରମ କରି ମୋକ୍ଷପଦ ପାଇଲେ ସମଗ୍ର ବ୍ରହ୍ମାଣ୍ଡରେ ସ୍ୱଇଚ୍ଛାରେ ଭ୍ରମଣ କରିବା ସମ୍ଭବ ହେବ ! ଆଜ ଦିବସରୁ ମୋର ଜୀବନ ସାରଣୀକୁ ତୁମ ପ୍ରେମମୟ ଝରଣା ଜଳରେ ପୂର୍ଣ୍ଣ କରିଦିଅ ମାତ ! ମାୟା ଛାଡ଼ି, କାୟା ଛାଡ଼ି ମୁକ୍ତବିହଙ୍ଗ ପରି ଅନ୍ତରୀକ୍ଷରେ ଉଡ଼ିବା ଦିଗରେ ସହାୟତା କର ! ତୁମ କଲ୍ୟାଣ ଗୁରୁଙ୍କର ପଥ ପ୍ରଦର୍ଶନ ମୋତେ ଅମର ପଥରେ ବାହି ନେଉ ! ହରି ଓଁ ତତସତ୍ !

*ଦୂରଭାଷ-୯୬୬୮୬୩୧୨୫୭*




**ବା**ପା..ତୁମ ଦେହ ଭଲ ନାହିଁ। କଣ ଯାଡୁସ୍ୟାଡୁ ଶୁଣି ଦେଇଛ ବୋଲି ଏମିତି ଲାଗୁଛି। ସେ ଦିନେ ତ ନିଶ୍ଚୟ ଫେରିବ ତା ମାଟିକୁ। ଫେରିବ ସେ ବାପା। ମୁଁ ଜାଣେ ତା ମାଆ ମିନିଖୁଡୀର ମୋହକୁ ସେ ଏଡେଇ ରହିପାରିବ ନାହିଁ। ବିଶ୍ୱାସ କର ଟିକେ।

ହଉ ତୋ ଇଚ୍ଛା..ଯାହା କର। ମୋର କିନ୍ତୁ ବିଶ୍ୱାସ ନାହିଁ। ଯେବେ ତୁ ନିଜେ ବୁଝିବୁ ସେତେବେଳେ ବିଷ ଟିକେ ମୋ ପାଟିରେ ଦେଇଦେବୁ କାରଣ ତୋର ଏ ଅଭିଆଡୀ ରୂପକୁ ମୁଁ ଆଉ ଦେଖିପାରିବିନି। ସାହସ ନଥିବ ଏ ଦେହରେ। କାନ୍ଦିଲା ପାରୋ। ବାପା ଏମିତି ଗରଗର ହୋଇ ଶୋଇପଡିଥିଲେ। ହୁଏତ ଥକିପଡିଥିଲେ ନିଜର ଏକମାତ୍ର ଅଲିଅଳୀ ଝିଅକୁ ବୁଝାଇ ବୁଝାଇ।

ପାରୋ ଛାତ ଉପରକୁ ଗଲା..। ତ୍ରୟୋଦଶୀ ଜହ୍ନର ଆଭାରେ ଚମକି ଉଠୁଛି ଆଖପାଖ। ସେଇଠି ସେ ଅନତି ଦୂରରେ ଦେବଦାସର ଘର ଦିଶୁଛି। ବାପା ଅରାଜି ହେବା ସତ୍ୱେ କାଲି ଲୋକ ଡାକି ଘର ଛପର କରିଥିଲେ। କମଳୀ ଆଇ ସପ୍ତାହକୁ ଦୁଇଦିନ ଯାଇ ଲିପା ପୋଛା କରିଆସେ। ସେ ବି ନିଇତି ସକାଳ ସନ୍ଧ୍ୟାରେ ଘର ଦ୍ୱାର ଓଳାଇ ଧୂପ ଦୀପ ଦେଇ ଆସେ। କେହି ରହିଲା ପରି ଲାଗେ ସେଠି !

ଲୋକେ କହନ୍ତି-ମିନିର ପୁଅ ଯାହା ନକରିପାରିଲା ପର ପିଲା ହୋଇ ପାରୋ ସଂପର୍କ ନିଭାଉଛି। ପୁଅ ତ ଗଲା ଯେ ଆଉ ଫେରିବାର ନାଁ ଗନ୍ଧ ନାହିଁ। ଭଲ ଯାଗାରେ ଚାକିରୀ ବି କରିସାରିଲାଣି କାଳେ। ମୋଟା ଅଙ୍କର ରୋଜଗାର କରୁଛି। ଫେରିବ ଫେରିବ ବୋଲି ସମସ୍ତେ ଚାହିଁଛନ୍ତି। ସବୁଠୁ ବେଶୀ ପାରୋ ଚାହିଁଛି। ହେଲେ ଆଖି ପାଣି ଆଖିରେ ମଲାଣି। ଦେବଦାସର ଦେଖା ନାହିଁ। ସତରେ ସେ କଣ ଗାଁ ମାଟିକୁ ଭୁଲିଗଲା ? ବନ୍ଧା ପଡିଥିବା ଘରଡିହ,ଜମିବାଡିକୁ ଭୁଲିଗଲା ?

ଦେବା..ସତରେ ତୁ ଭୁଲିଗଲୁ ସବୁ? ସଂପର୍କର ଗଢା ସୁନାର ତାଜମହଲକୁ ନିଜ ହାତରେ ଭାଙ୍ଗିଦେଇ କି ଖୁସି ପାଇଲୁ କହ? ମୁଁ କଣ କେବେ କିଛି ତୋତେ କହିଛି? କିଛି ମାଗିଛି? ତୋ ଅପମାନ,ନିନ୍ଦାକୁ ଦେହରେ ତେଲ ହଳଦୀ ପରି ବୋଳିହୋଇଛି। ତୋ ଗାଳି ଓ ଘୃଣାକୁ ହୃଦୟରେ ଚନ୍ଦନ ପରି ମାଖି ଦେଇଛି। ତୋ ଅସନ୍ତୋଷକୁ ମୋ ଭାଗ୍ୟ ଭାବି ଆଦରି ନେଇଛି ! କିଛି ଦରକାର ନାହିଁ ମୋର ଆଜି ବି। ଖାଲି ତୁ ଫେରିଆ'। ମୁକୁଳାଇ ନେ'ତୋର ସଂପତି। ତେଣିକି ତୋ ଇଚ୍ଛା ! ଆଜି ବି ଅଭିଯୋଗ କରିବିନି। ହେଲେ ତୁ..! କୋଉ ରାଜରାଣୀର ଅନ୍ତଃପୁରେ ନା ମାଲ୍ୟାଣୀର କୁହୁକ ଜାଲରେ..! କିଛି ବି ଠିକଣା ନାହିଁ! କେବେ ତୋର ମନେପଡେନି ଅତୀତ ?

ମାନୁଛି,ବିଜୁଳିବତୀର ମୋହରେ ମଣିଷ ବାଟ ଭୁଲୁଥିବା ମେଟ୍ରୋସିଟିରେ ଅଛୁ ତୁ..। ଯୋଉଠି ଲୋକେ ଟେନାଏ ଆଲୁଅ ପାଇଁ ଅନ୍ଧକାର ସହିତ ସାଲିସ୍ କରନ୍ତି। ଜୀବନ ପାଇଁ ମୃତ୍ୟୁର ଶୀତଳ ଆଲିଙ୍ଗନକୁ ଗ୍ରହଣ କରି ନିଅନ୍ତି। ସେଠି ଏ ଉଙ୍କୁଣୀ ମୁଣ୍ଡି କଥା ତ ଜମାରୁ ମନେ ପଡୁନଥିବ। ହେଲେ ତୋ ମାଆର ଘର,ଜମିବାଡି..ଏସବୁକୁ ବି ଭୁଲିଯାଇଛୁ ? କେମିତି ପାରିଲୁ ତୁ ? କେବେ ବି ତୋ ମାଆର ଶ୍ରାଦ୍ଧ ଦେଲୁନି। ପ୍ରଥମ ବର୍ଷ ମୁଁ ଆଶିଷ ଭାଇଙ୍କୁ ଖଣ୍ଡେ ଚିଠି ଦେଇ ଜଣାଇଥିଲି ବୋଲି ସେ ତୋତେ ବୋଧେ କହିଥିବେ। ହେଲେ ସେ ଗାଁକୁ ଫେରିବା ପରେ..ତୋ ଖବର ଆଉ କିଛି ବି ନାହିଁ। ଚିଠିଟିଏ ଲେଖିବାକୁ ବି କଣ ତୋ ମନ ହୁଏନା ?

ଗାଁ କଣ ଏମିତି ଏକ ଜଂଗଲ ଥିଲା ଯେ ତୁ ଏଠୁ ଚାଲିଗଲୁ ଆଉ ପଛକୁ ନଫେରିବାର ଶପଥ ନେଇ। ଭାବିଲୁନି ଏଇଠି ତୋତେ ଭଲପାଉଥିବା ଲୋକ ଅଛନ୍ତି। ବାଘଭାଲୁଙ୍କ ମେଳରେ ଗୋଟେ ମଣିଷ ଅଛି ଯେ ତୋ ବାଟକୁ ଚାତକ ପରି ଚାହିଁବସିଛି। ତୋ ପାଦଶବ୍ଦକୁ କାନ ଡେରିଛି। ତୋ ଛାଇକୁ ବୁଲି ବୁଲି ଖୋଜିଛି ! ତୋ ରାଗ ଘୃଣା ସବୁକିଛି ସାଇତି ରଖିଛି ଏ ହୃଦୟରେ ! ଏମିତି କଣ ଭୁଲିଯାଆନ୍ତି ନିଜ ଲୋକଙ୍କୁ? ଏତେ ପଢି ବି ବୁଝିପାରିଲୁନି ? ଶୁଣିପାରିଲୁନି ଆତ୍ମାର ଡାକକୁ? କେବେ ବି ମନେପକାଇଲୁନି ଅତୀତକୁ? ବଣବୁଦା ଘେରା ଗୋଟେ ମଫସଲି ଗାଁକୁ! ତୁ ଘୃଣାରେ ଠେଲିଦେଇଛୁ ବୋଲି ବି ଦୁଃଖ କରିନି। ଗ୍ରହଣ କରିନେଇଛି ତୋର ଉପେକ୍ଷାକୁ, ରାଗକୁ। ସବୁତକ ଘୃଣାକୁ ଆବୋରି ନେଇ ତୋତେ ଏତେ ଟିକେ ବି ଘୃଣା କରିପାରିନି। ମନତଳେ ଟିକେ ବି ଅବଶୋଷ ରଖିନି। ହେଲେ..କାଇଁ ଫେରୁନୁ ତୁ ତୋ ଘର ପାଇଁ? ଭାବିଥିଲି ଦିନେ ନା ଦିନେ ପାଷାଣତ୍ୱରୁ ମୁକୁଳି ଆସିବୁ। ନହେଲେ ଏ ପାଷାଣୀକୁ ଗୌତମୀ କରିଦେବୁ। ହେଲେ ନା..ତୁ ଫେରିଲୁନି ଏ ମୋହରୁ।

ମାଟିର ସମ୍ମୋହନକୁ କଣ କେହି ଏଡେଇ ଦେଇପାରେ? ତୁ କେମିତି ପାରିବୁ? ଏଇ ମାଟି ପାଣି ପବନରେ ତୋ ପିଲାଦିନ ବିତିଛି। ଏଇଠି ତୁ ନିଜର ଲୋକଙ୍କୁ ହରାଇଛୁ। ନିଜେ ଭାଙ୍ଗି ରୁଜି ଯାଉଥିବା ବେଳେ ପୁଣି ଏକଜୁଟ କରିବାର ସ୍ୱପ୍ନ ଦେଖିଛୁ। ରକ୍ତକୁ ପାଣି କରି ନିଗାଡିଛୁ ଏ ମାଟିରେ। ପୁଣି ଶୂନ୍ୟତାକୁ ମୁଠେଇ କେତେ କାନ୍ଦିଛୁ,ସବୁ ଦେଖିଛି ମୁଁ। ତୋ ସହିତ ଆଉ ଗୋଟେ ମନ ବି ଛନ୍ଦି ହୋଇଥିଲା ଦେବା। ଆଉ ଜଣେ ବି ତୋ ସହିତ ଭାଙ୍ଗୁଥିଲା ଓ ଗଢୁଥିଲା ନିଜକୁ। ତୋ ଆଖି ଓଦା ହେଲେ ସେ ବି କାନ୍ଦୁଥିଲା। ହେଲେ ତୁ କଣ ତାକୁ ଟିକେ ବି ବୁଝିଲୁ? ଭଲ ନପାଇଲୁ ନାହିଁ ହେଲେ ଘୃଣା କରି କରି ଏଠୁ ଚାଲିଗଲୁ ?

ଦେବା ଦେବା ବୋଲି ୧୦୮ ଥର ଘୋଷି ହେଉଥିବି ମୁଁ। ଆଉ ତୁ ଜବାବ୍ ଦେବାକୁ ବି ଉଚିତ୍ ମଣୁନା। ତେବେ ବି ମୁଁ ତୋତେ ଭଲପାଏ। ଖୁବ୍ ଭଲପାଏ, ନିଜଠାରୁ,ନିଶ୍ୱାସ ପ୍ରଶ୍ୱାସମାନଂକଠାରୁ। ସକାଳ, ଫୁଲ, ପ୍ରଜାପତି ଆଉ ..ଆଉ ଈଶ୍ୱରଙ୍କଠାରୁ। ଏକଥା ତୁ କେବେ ବୁଝିବୁ ଜାଣିନି। ବୁଝିଲେ ବି ମୋ ଅତୀତ ମୋତେ କେବେ ବି ଫେରାଇ ଦେଇ ପାରିବୁନି। ମୋ ସ୍ମୃତି ଜରଜର ରାତି,ବେଦନା ବିଧୂର ରାଗିଣୀ,ଦେହର ଜଡତାରେ ନେସି ହୋଇଯାଉଥିବା ଗୋଟେ ନାଁ..ନିଶ୍ୱାସରେ କମ୍ପି ଉଠୁଥିବା ମୋର ଛୋଟ ପୃଥିବୀ..ତୁ କଣ ଫେରଇପାରିବୁ ମୋର ସେ ଅଭୁଲା ଅମୂଲ୍ୟ ମୁହୂର୍ତମାନଙ୍କୁ ନା ଦେଇପାରିବୁ ତୋ ସ୍ମୃତିରେ ନିତି ନିତି ଝରୁଥିବା ଲୋତକ ବର୍ଷାର ମୂଲ! ତୋ ଅର୍ଥ ବି ନିଅଂଟ ପଡିବ ମୋ ପ୍ରେମ ସାଉଁଟିବାକୁ। ତାହା ହିଁ ହେବ ତୋର ପ୍ରାୟଶ୍ଚିତ !

ଦେବା..ରେ..ମୁଁ ତ କୋଉ ମୁହୂର୍ତରେ ତୋତେ ଭୁଲିନି। ତୁ ମୋ ଈଶ୍ୱର ପାଲଟିଯାଇଛୁ ପରା! ଏମିତି କଣ ସକାଳ ଅଛି ଯେବେ ତୋ ରୂପ ଆଖିରେ ବତୁରି ଯାଇନି। ଏମିତି କୋଉ ରାତି ଅଛି..ଯାହା ଭିତରେ ମୁଁ ତୋତେ ଖୋଜିନି ! ତୁ ମୋ ନିଶ୍ୱାସ ପ୍ରଶ୍ୱାସ ଭିତରେ ମିଶିଯାଇଛୁରେ ଦେବା। ତୋ ଛଡା ମୁଁ କିଛି ଦେଖୁନି କାହା କଥା ବି ଭାବୁନି। ମୋ ମନପ୍ରାଣ ସବୁ ଯେମିତି ତୋ କଳ୍ପନାର ଆଶ୍ଳେଷରେ। ମୁଁ ଯେମିତି ତୋ ନିଶାରେ ଆଛନ୍ନ ହୋଇ କଣ ସବୁ କରିଯାଏ ନିଜେ ବୁଝିପାରେନି। ଚାରିଆଡ ମୋର ଦେବାମୟ। ଆଉ ମୁଁ ତୋ ପୂଜାରୀଣି ପାଲଟିଯାଇଛି !

ବାପା ଖୁବ୍ ବ୍ୟସ୍ତ ତାଙ୍କ ଦାୟିତ୍ୱ ସାରିବା ପାଇଁ। ହେଲେ ସେ କଣ ମୋ ମନର ଅବସ୍ଥାକୁ ବୁଝନ୍ତି! ନା ସେ କଣ ମୁଁ ହୋଇ ମୋ ଭିତରର ଅସହାୟତାକୁ ପଢି ବୁଝିପାରିବେ? ମୁଁ ତ ପ୍ରତିକ୍ଷଣ ତୋ ଖିଆଲରେ ହଜୁଛି! ସେଇଥିରେ ବି ମୋ ଆନନ୍ଦ! କିନ୍ତୁ ଲୋକେ ଯା'କୁ ବିଡମ୍ବନା ବୋଲି କହିବେ। ମୋ ପ୍ରେମକୁ ଏକତରଫା ନାଁ ଦେବେ। କଣ କରିବି କହ! ମୁଁ କଣ ଆଉ ମୁଁ ହୋଇ ଅଛି ଯେ ଜୀବନର ମୋଡ ବଦଳାଇ ପାରିବି! ପିଲାବେଳଠାରୁ ଯେ ତୋ ରୂପକୁ ଦେଖି କଳ୍ପନାରେ ହଜିଛି,ତୁ ଯେତେ ଘୃଣା କଲେ ବି ତୋତେ ଆଡେଇ ଆଗକୁ ଯିଏ ବଢିଯାଇପାରିନି ସେଭଳି ପାଗେଳୀଟାକୁ କେମିତି ବୁଝେଇବି! କୋଉ ଭାଷାରେ..? ପଥର ହୋଇଯାଇଛି ମୁଁ..ତୁ ଯେବେ ଆସି ଛୁଇଁଦେବୁ,ସତ କହୁଛି ନାରୀ ପାଲଟିଯିବି ! ନହେଲେ ଏମିତି ପଡିଥିବି..ଅନନ୍ତ କାଳ ଯାଏଁ। **(କ୍ରମଶଃ...)**

ବିଶେଷ କବିତା

# ମହାପ୍ରଭୁ



**ସ୍ନା**ନପୂର୍ଣ୍ଣିମାରେ ଯିବି ଘୋଷଯାତ୍ରା ଯିବି
ସୁନାବେଶ ଦେଖିଯିବି ନବବର୍ଷେ ଯିବି
ଶ୍ରୀକ୍ଷେତ୍ରେ ମୁଁ ଯିବି
ମହାପ୍ରଭୁ ଶ୍ରୀମୁଖ ଯେ ଦର୍ଶନ କରିବି।
କାହିଁକି ଏ ଭାବନା ମୋ ଅନ୍ତରେ ଜାଗୁନି
ଅହରହ ଏ ପରାଣ ବ୍ୟାକୁଳ ହେଉନି।





ଗାୟତ୍ରୀ ଦାଶ

ଏଥିପାଇଁ ବୋଧେ
ଜୀବନ ସଂଗ୍ରାମର କ୍ଷତାକ୍ତ ପଥରେ
କ୍ଷଣେ କ୍ଷଣେ ଆଶ୍ୱାସନା ବାଣୀ ଯେ ଶୁଣିଛି
ସୁଧାସିକ୍ତ ଆନନ୍ଦ ବେଳାରେ
ମର୍ମେ ମର୍ମେ ଅନୁଭବ ତାଙ୍କୁଇ କରିଛି।

ଶିଶୁର ନିଷ୍ପାପ ହସରେ
ପୁଣି ପ୍ରସ୍ଫୁଟିତ ପୁଷ୍ପ ସୁଗନ୍ଧରେ
ମନୋହର ରୂପକାନ୍ତି ଆଖିରେ ନାଚିଛି।
କୋମଳ ପକ୍ଷୀ କାକଳୀରେ
ସବୁଜବନାନୀ ଛାୟାରେ
ଦୁର୍ଲ୍ଲଭ ସେ ପ୍ରାପ୍ତି ମନେ ପୁଲକ ଭରିଛି।

ରତ୍ନସିଂହାସନୁ ଆଣି
ମୁଁ ପରା କେଉଁ କାଳୁ ମୋ ହୃଦୟ ସିଂହାସନେ
ଆରାଧ ଦେବତାଙ୍କୁ ବସାଇ ସାରିଛି।

**ଭୁବନେଶ୍ୱର**

# ଆ ଥରେ ...





ଉପାଳି ଦାଶ

**ଚା**ରିଆଡେ ବର୍ଷା ଆଉ ବର୍ଷା
ଆନନ୍ଦ ସାଗର ଶୁଷ୍କ
ଜୀବ ସବୁ
ଯନ୍ତ୍ରଣାରେ ଛଟପଟ
ଅଧିକ ମଲେଣି,
ଅଧିକ ବଞ୍ଚିବାର
ପ୍ରୟାସରେ କ୍ଲିଷ୍ଟ
ତୋର କିବା ଯାଏ ଆସେ !
ତୁ ତ ଦାରୁବ୍ରହ୍ମ
ରତ୍ନସିଂହାସନେ ବସିଛୁ,
ମୁରୁକୁ ମୁରୁକି ହସୁଛୁ
ଜଣା ପଡେନାହିଁ ହସ ତୋର
ବାତ୍ସଲ୍ୟର ନା ତାତ୍ସଲ୍ୟର !
ଓହ୍ଲେଇ ଆ' ଥରେ
ରତ୍ନବେଦୀ ଉପରୁ





ଏବେ ତ ସମୟ ହେଲାଣି
ଲୁକ୍କାୟିତ ହସ୍ତ ପାଦ ତୋର
ବାହାରକୁ କାଢ଼ିଦେଇ
ସାଗରକୁ ଶୋଷୁଥିବା ଅସୁରଙ୍କୁ
ସଂହାର କରିବାର ବେଳ।
ଜାଣିଛି, ହଟିଆ ସାଆନ୍ତ !
ହଟ କରି ବସିଲେ
ତୋତେ ଶୁଭେନା କାହା ଡାକ
ତୁ କାହିଁ ଭୁଲି ଯାଉଛୁ
ତୁ ପରା; ଗୋପୀଙ୍କ ପ୍ରେମିକ
ଏବେ କାନ୍ଦୁଛନ୍ତି ଗୋପୀମାନେ
ତୋ ନୀରବତାରେ
ତେଣୁ ଡାକ ଶୁଣି ଆ' ଥରେ
ବସାଇଦେ ପୁଣି ତାଙ୍କୁ
ତୋ ହୃଦୟ କନ୍ଦରେ।

***ଅହମ୍ମଦାବାଦ, ଗୁଜୁରାଟ***

# ବକଧାର୍ମିକମାନେ

## ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

**ସ**ଞ୍ଜ ବେଳ। କେନାଲ ହୁଡ଼ାରେ ବସି ଯୋଗ ସାଧୁଛି ବଗ। ପକ୍ଷୀମାନେ ନିଜ ନିଜ ବସାକୁ ଫେରିଗଲେଣି କେତେବେଳୁ। ତଥାପି ସେଥିପ୍ରତି ତାର ନଜର ନାହିଁ। ଏକ ମନ, ଏକ ଧ୍ୟାନରେ ଚାହିଁ ରହିଛି ସେ କେନାଲ୍ ପାଣିକୁ। ତାକୁ ଦେଖିଲେ ଲାଗୁଛି, ସତେ ଯେମିତି ପରମାର୍ଥ ପ୍ରାପ୍ତି ପାଇଁ ଧ୍ୟାନସ୍ଥ ଯୋଗୀଟିଏ ସେ। ଅନେକ ବେଳ ହେଲାଣି ବାଲ୍‌କୋନିରେ ବସି ଏକଲୟରେ ବଗକୁ ଚାହିଁ ରହିଛନ୍ତି ଅବିନାଶ ବାବୁ। ମନେ ମନେ କେତେ କଣ ଭାବି ଚାଲିଛନ୍ତି ସେ।

"ହଇହେ, ଶୁଣୁଛ ?" ଶ୍ରୀମତୀଙ୍କ ପ୍ରେମପୂର୍ଣ୍ଣ ଡାକରେ ଧ୍ୟାନ ଭଙ୍ଗହେଲା ଅବିନାଶ ବାବୁଙ୍କର। ତାଙ୍କ ମୁହଁକୁ ଏକ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଚାହିଁରହିଲେ ସେ। "କଣ ଏମିତି ମଉନ ହୋଇ ଚାହିଁ ରହିଛ ସେଇ କେନାଲ ପାଣିକୁ ?" ବ୍ୟସ୍ତ ବିବ୍ରତ ହୋଇ ପଚାରି ଚାଲିଥିଲେ ଶ୍ରୀମତୀ "ଅଫିସ୍‌ରେ କେହି କିଛି କହିଲା କି ଆଜି ? ଦେହମନ ଠିକ୍ ଅଛି ତ ତୁମର ? ଆଜିକାଲିକାର ବେଳକାଳ ଯାହା ହେଲାଣି ନା ଭଲରେ ଭଲରେ ସମୟ କଟିଲେ ହେଲା। ପେଜପିଆର ସୁଖକୁ ଭଲ ଆଖିରେ ଦେଖି ପାରୁନାହିଁ ଭାତଖିଆମାନେ। ନେତାମାନଙ୍କ କଥା ତ ନକହିବା ଭଲ। କେତେବେଳେ କାହା ପଛରେ ପଡ଼ି ଯାଉଛନ୍ତି ଯେ ବୁଝିବା ମୁସ୍କିଲ। ଆହୁରି ମଧ୍ୟ ବିନାମେଘରେ ବଜ୍ରପାତର ବି ଡର ଅଛି। ତେଣୁ ତୁମେ ଏମିତି ଚୁପ୍ ରହିଲେ ନା କେଜାଣି କାହିଁକି ଯେ ମୋତେ ଖୁବ୍ ଭୟଲାଗେ।"


"କେନାଲ୍ ପାଣିରେ ବସିଥିବା ସେଇ ବଗଟିକୁ ଦେଖୁଛ ଶ୍ରୀମତୀ ? ବଗ ନୁହେଁ ତ ସାକ୍ଷାତ ରାଜକୀୟ ଯୋଗୀ। ସଂସାରର ସବୁତକ ମାୟାମୋହରୁ ଊର୍ଦ୍ଧ୍ୱରେ ଥିବା ସନ୍ୟାସୀଟିଏ। 'ଏକଧ୍ୟାନେ ଯୋଗ ସାଧୁ ଥିବ, ବେଳ କାଳ ଉଣ୍ଡି ବାନ୍ଧୁଥିବ।' ଠିକ୍ ଯେମିତି ଆଜିକାର ଭଦ୍ରମୁଖା ଧାରୀ ଧାର୍ମିକ ପୁରୁଷଟିଏ। ସହସ୍ର ପାପକର୍ମରେ ମନଥିବ, ହେଲେ ଯୋଗୀ ରଷୀ ପରି ପ୍ରବଚନ ଦେଉଥିବ ଅହରହ। କଥାରେ କଥାରେ ଶୁଣାଉଥିବ ପାପ ଆଉ ପୂଣ୍ୟର କଥା।" ଜଣେ ଦିବ୍ୟଦ୍ରଷ୍ଟା ଦାର୍ଶନୀକ ପରି କହି ଚାଲିଥିଲେ ଅବିନାଶ ବାବୁ "ପାପ କଣ ? ପୂଣ୍ୟ କଣ ? ପାପ ଆଉ ପୂଣ୍ୟ ଭିତରେ ଦୂରତା କେତେ ? ତାଙ୍କ ମଧ୍ୟରେ ପ୍ରଭେଦ କଣ ? କାହିଁକି ପାପକୁ ଭୟ କରେ ମଣିଷ ? ପୂଣ୍ୟ ପଛରେ କାହିଁକି ଗୋଡ଼ାଇଥାଏ ଅହର୍ନିଶ ? ଧର୍ମପୀଠକୁ କାହିଁକି ଧାଉଁଥାଏ ସେ ? କାହିଁକି ଶରଣାପର୍ଣ୍ଣ ହୁଏ ତଥାକଥିତ ଧର୍ମଗୁରୁ ଅଥବା ପଣ୍ଡିତ, ପୁରୋହୀତଙ୍କ ପାଦତଳେ ? ପ୍ରତିଦିନ ଏମିତି ଅଜସ୍ର ଅମୀମାଂସୀତ ପ୍ରଶ୍ନର ଅଡୁଆ ସୂତାରେ ଗୁଡ଼େଇ ହୋଇ ଯାଉଥାଏ ମୁଁ, ଯାହାର ସମାଧାନ ସୂତ୍ର ମୋତେ ମିଳିନାହିଁ ଆଜି ପର୍ଯ୍ୟନ୍ତ।" ସ୍ୱାମୀଙ୍କ ମୁହଁକୁ ଅବୋଧ ଶିଶୁପରି ଚାହିଁ ରହିଥିଲେ ଶ୍ରୀମତୀ।

"ଆଜିକାଲି ଗାଆଁରେ ଗାଆଁରେ ପାଳିତ ହେଉଛି ଧନୁଯାତ୍ରା ନହେଲେ ଦୁର୍ଗାପୂଜା।" ଅବିନାଶ ବାବୁ ପୁଣି କହିବାକୁ ଆରମ୍ଭ କଲେ "କଂସବଧ ଅଥବା ରାବଣ ପୋଡ଼ି ପର୍ବ ମଧ୍ୟ ଅନୁଷ୍ଠିତ ହେଉଛି ପ୍ରତିବର୍ଷ। ଅସଦ୍ ଉପାୟରେ ହେଉପଛେ ଧନ ଅର୍ଜନ କରିଚାଲ। ପାପ କି ଅଧର୍ମ ହେଲେ ହେବ। ସେଇକଥାକୁ ଜମା ଚିନ୍ତା କରନାହିଁ। କେବଳ ବଡ଼ ବଡ଼ ଧର୍ମପୀଠମାନଙ୍କରେ ମୋଟା ଅଙ୍କର ଚାନ୍ଦା ଦେଇ ପାରିଲେ ହେଲା। ତାପରେ ସହଜରେ ମିଳିଯିବ ଜଣେ ଶ୍ରେଷ୍ଠଭକ୍ତ ଅଥବା ସାଧୁ ପୁରୁଷର ପ୍ରମାଣପତ୍ର। ଜୀବନ ସାରା ଦୁର୍ନୀତି କରି ମନ୍ଦିରଟିଏ ଗଢ଼ିଦେଲେ ପାପରୁ ମୁକ୍ତି ମିଳିଯାଏ କେମିତି ? ଏହାର ଗୁଢ଼ ଅର୍ଥ ବୁଝି ପାରେନାହିଁ ମୁଁ। ବର୍ଷସାରା ଦେବାଳୟମାନଙ୍କରେ ଲାଗି ରହିଛି ଭକ୍ତଙ୍କ ଭିଡ଼। ତାଙ୍କ ଭିତରେ ଶ୍ରେଷ୍ଠଭକ୍ତ ହେବାକୁ ମଧ୍ୟ ଲାଗି ରହିଛି ପ୍ରତିଯୋଗୀତା। ବୁଝିଲ ଶ୍ରୀମତୀ, ସମସ୍ତେ ଧାର୍ମିକ ହେବା ଏକ ଶୁଭ ଲକ୍ଷଣ ଏଇ ଦେଶ ପାଇଁ। ତେବେ ଏତେ ଏତେ ଧର୍ମପୁରୁଷ ଥାଉ ଥାଉ ସମାଜରେ ଏତିକି ଅନ୍ୟାୟ ଅନୀତି ବଢୁଛି କିପରି ? ହତ୍ୟାକାରୀ, ମିଥ୍ୟାବାଦୀ, ଚୋର ଡକାୟତ ତଥା ବ୍ୟଭିଚାରୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି କେମିତି ସମୁଦ୍ର ଜୁଆର ପରି ? ଏପରିକି ଧର୍ମପୀଠମାନଙ୍କରେ ସୁଦ୍ଧା ଅନୁଢ଼ା କନ୍ୟା ଅଥବା ମହିଳାମାନେ ସୁରକ୍ଷୀତ ରହି ପାରୁନାହାଁନ୍ତି କାହିଁକି ? ଏମିତି ଅନେକ ପ୍ରଶ୍ନର ସମାଧାନ କରିବ କିଏ ଶ୍ରୀମତୀ ! ତାର ସଠିକ୍ ଜବାବ ଦେବ କିଏ ?"

"ଏତେ ସବୁ କଥା ମୋତେ ଜଣା ନାହିଁ ବାବା। ମୋ ରୋଷେଇ ଘର ଭଲ ତ ମୁଁ ଭଲ। ତୁମେ ଆଉ ମୋ ପିଲାମାନେ ସୁଖରେ ରହିଲ ତ ମୋର ଦୁନିଆଁ ଠିକ୍‌ଅଛି। ବେଳେ ବେଳେ ତୁମେ ଏ କି ପ୍ରକାର କଥା କୁହ ମୁଁ ମୋର କ୍ଷୁଦ୍ର ମସ୍ତିଷ୍କରେ ବୁଝି ପାରେନାହିଁ। କିଏ ଧର୍ମକରୁ କି ପାପ। ତା କଥା ସେ ବୁଝିବ। ଆମେମାନେ ନିଜ ନିଜର ଧର୍ମ ପାଳନ କରି ସୁଖରେ ବଂଚିଲେ ହେଲା।" ଶ୍ରୀମତୀ କହିଲେ।

"ଆଜିକାର ମଣିଷ କଣ ଛଳନାରେ ବଂଚିଛି ଶ୍ରୀମତୀ ? ତାର ଯେତେସବୁ ପୂଣ୍ୟକର୍ମ କଣ ଲୋକ ଦେଖାଣିଆ ? ? ରାସ୍ତାକଡ଼ରେ ବସି ମୁଠେ ଆହାର ପାଇଁ ଚାହିଁ ରହିଥିବ ଫୁଙ୍ଗୁଳା ଦେହରେ ଭୋକିଲା ଶିଶୁଟିଏ, ହେଲେ ଗଣେଶଙ୍କ ପଥର ପ୍ରତିମାକୁ ପିଇବାକୁ ଦେଉଥିବା ଆମେ ଲିଟର ଲିଟର କ୍ଷୀର। ଶୋଷରେ ଛଟପଟ ହେଉଥିବ ଦୁର୍ଘଟଣାଗ୍ରସ୍ତ ମଣିଷ। ଶୁଖି ଯାଉଥିବ ତୋଟି। ପାଣିମୁନ୍ଦେ ପାଇଲେ ବଂଚିଯାଇପାରେ ଜୀବନ। ହେଲେ ତାକୁ ଅଣଦେଖା କରି ଶିବଲିଙ୍ଗରେ ଢାଳୁଥିବ ଆମେ ଢାଳ ଢାଳ ପାଣି। କରୁଥିବା ଜଳଶାୟୀ ମହା ଆଡ଼ମ୍ବରରେ। ଏସବୁ ଭାବିଲା ବେଳକୁ ଗୋଳମାଳ ହୋଇଯାଏ ମୋର ମୁଣ୍ଡ। ତେଣୁ ଯେତେ ଚାହିଁଲେ ବି ପାପ ଆଉ ପୂଣ୍ୟ ଭିତରେ ଥିବା ପ୍ରଭେଦକୁ ବୁଝି ପାରେନାହିଁ ମୁଁ।"

ଠିକ୍ ଏତିକି ବେଳେ ପାଣି ଉପରକୁ ମୁଣ୍ଡ କାଢ଼ିଲା କେରାଣ୍ଡିଟିଏ କି କଣ, ବଡ଼ ସନ୍ତର୍ପଣରେ ତାକୁ ଝାମ୍ପିନେଲା ବଗ। ସଙ୍ଗେ ସଙ୍ଗେ କିଛି ନଜାଣିଲା ପରି ସେସ୍ଥାନ ଛାଡ଼ି ଉଡ଼ିଗଲା ସେ କାହିଁ କେତେଦୂର। ହଠାତ୍ କଣ୍ଠ ଫଟେଇ ହୋ ହୋ ହୋଇ ହସି ଉଠିଲେ ଅବିନାଶ ବାବୁ। ବଡ଼ ବିଚିତ୍ର ସେ ହସ। ସେମିତି ହସୁ ହସୁ କହିଲେ "ଦେଖ, ଦେଖ ସେଇ ବଗକୁ ଦେଖ ଶ୍ରୀମତୀ ! କେମିତି ତାର ସ୍ୱାର୍ଥସିଦ୍ଧି ପରେ ଉଡ଼ି ଯାଉଛି ଅନନ୍ତ ଆକାଶରେ, ନୂତନ ଏକ ସ୍ଥାନର ସନ୍ଧାନରେ। ହୁଏତ ସେଇଠି ପୁଣି ପ୍ରତିଷ୍ଠା କରିବ ସେ ନିଜର ଧର୍ମ ସାମ୍ରାଜ୍ୟ। ପୁଣି ଶିକାର କରିବ କିଛି ନିରିହ ମୀନଙ୍କୁ। ଆହା କି ଯୁଗ ନହେଲା ସତରେ। ଆଜିକାର ଏଇ ବକ ଧାର୍ମିକମାନେ ତାହେଲେ ଏମିତି ?" ବଗର ଯିବା ବାଟକୁ ତାଟକା ହୋଇ ଚାହିଁ ରହିଥିଲେ ଅବିନାଶ ବାବୁ। ସ୍ୱାମୀଙ୍କୁ କଣ ଅବା କହିବେ କିଛିହେଲେ ଶବ୍ଦ ପାଉନଥିଲେ ଶ୍ରୀମତୀ।



*ଭାରତୀ କୁଟୀର , ଢୁଙ୍ଗୁରିପାଲି,ସୁବର୍ଣ୍ଣପୁର*
*ମୋ. ୯୪୩୭୬୪୦୩୧୬*






ଭୁବନେଶ୍ୱରୀ ଦାଶ
ଷ୍ଟାଣ୍ଡାର୍ଡ-୫
ବିଜେଇଏମ୍ ସ୍କୁଲ
ଭୁବନେଶ୍ୱର





ଅଦିତି ଦାସ



## ଚଢ଼େଇ

ଚଢ଼େଇ ସେ ମୋ' ଚଢ଼େଇ
ଉଡିବା ପସନ୍ଦ ହୁଅଇ
ତା' ଘର ତ' ବସା
କରେ ସେଠି ବାସ, ବସା।

କିଛି - କିଛି ମିଳେନାହିଁ
ଭରସା ଝଡକୁ ନାହିଁ
ତା' ଘରେ ସେ ବସିଥାଏ
ଦୁଃଖ-ସୁଖ, ପରବା ନଥାଏ।

ତା' ଆଖିରେ ଲୁହ ଆସେ
ତା' ସଂସାର ଯେବେ ହସେ
ଏତିକି ଗୁଣ ମୁଁ କହଇ
ଚଢ଼େଇ ସେ ଚଢ଼େଇ।

ଷ୍ଟାଣ୍ଡାର୍ଡ-୪
ବିଜେଇଏମ୍ ସ୍କୁଲ-୨
ଭୁବନେଶ୍ୱର

# ପାଠ ପଢ଼େଇଲେ ଜିଲ୍ଲାପାଳ

**ସୋନପୁର :** ସୁବର୍ଣ୍ଣପୁର ଜିଲାର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାଦାନ କିରି ଚାଲିଛି ସେ ସମ୍ପକୟଙ୍କର ଅନୁଧାନ କରିବା ପାଇଁ ଜିଲ୍ଲାପାଳ ଦାଶରଥି ଶତପଥି ଏକ ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରି ନିଜେ ଶିକ୍ଷକ ସାଜି ଶ୍ରେଣୀରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିବା ଘଟଣା ଅଚଂଳରେ ଚର୍ଚ୍ଚାର ବିଷୟ ହୋଇଛି । ତେବେ ଖୋଦ ଜିଲାପାଳ ଏଭଳି ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରି ଶିକ୍ଷାଦାନ କରିବା ଘଟଣା ଜଣାପଡିବା ପରେ ଜିଲାର ଶିକ୍ଷକ ମହଲରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଯାଇଛି । ସୂଚନା ଅନୁସାରେ ଜିଲାପାଳ ତରଭା ବ୍ଲକରେ ହେଉଥିବା ମିଳିତ ଜନଶୁଣାଣି କାର୍ଯ୍ୟକ୍ରମରୁ ଫେରିବା ବେଳେ ରାସ୍ତା କଡରେ ଥିବା ଶିବତୁଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ହଠାତ ପହଞ୍ଚି ସପ୍ତମ ଓ ଅଷ୍ଟମ ଶ୍ରେଣୀ କକ୍ଷରେ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ଶୈଳୀ ଅନୁଧାନ କରିଥିଲେ । ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ଜ୍ଞାନ ପରୀକ୍ଷା ପାଇଁ ଜିଲାପାଳ ଇଂରାଜୀ ଏ ଅକ୍ଷରେ ଦଶଟି ଶବ୍ଦ ଲେଖିବାକୁ ଡାକିଥିଲେ। ପରେ ଜିଲାପାଳ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କୁ ଭୂଗୋଳ ସମ୍ପକଙ୍କୟତ କିଛି ପ୍ରଶ୍ନ ପଚାରିବା ସହ ବିଭିନ୍ନ ପାଠ୍ୟ ସମ୍ପକୟଙ୍କର ପଚାରି ବୁଝିଥିଲେ। ଦୃଢ ପରିଶ୍ରମ, ନିଷ୍ଠା ଓ ଏକାଗ୍ରତା ବଳରେ ଛାତ୍ରଛାତ୍ରୀ ପରୀକ୍ଷାରେ ସଫଳ ହେବା ସହ ଜୀବନରେ ମଧ୍ୟ ସଫଳତା ଅର୍ଜନ କରିରିବେ ବୋଲି ପ୍ରକାଶ କରିଥିଲେ। ଏହା ପରେ ମଧାହ୍ନ ଭୋଜନରେ ଦିଆଯାଉଥିବା ଖାଦ୍ୟର ମାନ ପରୀକ୍ଷା ପାଇଁ ନିଜେ ଖାଦ୍ୟ ଖାଇ ଏହାକୁ ଆହୁରି ଉତ୍କୃଷ୍ଟମାନରେ ପ୍ରସ୍ତୁତ କରିବାକୁ ସମ୍ପରକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲାପାଳଙ୍କ ଏହି ଅଚାନକ ପରିଦର୍ଶନ ସମୟରେ ସିଆରସିସି ସୁଶାନ୍ତ କୁମାର ମେହେର, ଶିକ୍ଷୟିତ୍ରୀ ପ୍ରତିଭା ଅଞ୍ଜଳି ସାହୁ, ଜିଲା ସୂଚନା ଓ ଲୋକ ସମ୍ପକୟ ଅଧିକାରି ଭୂଜଙ୍ଗ ଭୂଶଣ ରାଓ ଉପସ୍ଥିତ ଥିଲେ।

# ପାରାଦୀପ ଇଫକୋ ଦ୍ୱାରା ସୁରକ୍ଷା ଅଭ୍ୟାସ କୌଶଳ ଅୟୋଜିତ



**ପାରାଦୀପ :** ପାରାଦୀପ ଇଫକୋ ଦ୍ୱାରା ଦୃର୍ଘଟଣା ସମୟରେ କିପରି ପ୍ରସ୍ତୁତ ହେବା ଦରକାର ସେ ସମ୍ବନ୍ଧରେ ଏକ ଅଭ୍ୟାସ କୌଶଳ ଗତ ଜୁଲାଇ ୧୦ତାରିଖରେ ଇଫକୋ ପରିସରରେ ଆୟୋଜିତ ହୋଇଯାଇଅଛି । ଆମୋନିଆ ଟାଙ୍କି ବା ପାଇପରୁ ଆମୋନିଆ ଗ୍ୟାସ ଲିକେଜ ହେଲେ କିପରି ପ୍ରସ୍ତୁତ ହେବାକୁ ପଡିବ ଏହି ଅଭ୍ୟାସ କୌଶଳର ମୁଖ୍ୟ ବିଷୟ ଥିଲା। ଏହିକାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର, ପିପିଏଲ, ଆଇଓସିଏଲ ଓ ଆଇଓସିଏଲ ବଟଲିଙ୍ଗ ବିଭାଗର ଅଧିକାରୀମାନେ ଅଂଶ ଗ୍ରହଣ କରି ଇଫକୋର ଏପରି ଅଭ୍ୟାସ କୌଶଳକୁ ବେସ୍ ପ୍ରସଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଇଫକୋ ୟୁନିଟ ମୁଖ୍ୟ ଏ.କେ. ପଣ୍ଡାଙ୍କ ସମେତ ଏଫଆଣ୍ଡବି ପାରାଦୀପ ଜୋନର ଉପନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳାଇ, ଇଫକୋର ଜିଏମ୍ କେ.ଜେ ପଟେଲ, ଜେଜିଏମ୍ ଜେପି.ଶ୍ରିବାସ୍ତବ, ଡିଜିଏମ୍ (ଏଚ୍ଆର) ଜିସି. ଆଚାର୍ଯ୍ୟ ଫାୟାର ଆଣ୍ଡ ସେଫଟିର ମ୍ୟାନେଜର ଏସ୍.କେ. କମ୍ବଲେ ଉପସ୍ଥିତ ରହି ଏଥିରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

# ଜିଲ୍ଲାସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

**ଭବାନୀପାଟଣା :** ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବୁଧବାର ଦିନ ଜିଲାସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ ଜିଲା ସ୍ୱାସ୍ଥ୍ୟ ବିଭାଗର ସମ୍ମିଳନୀ କକ୍ଷରେ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ସିଡିଏମଓ ଡ. ସରୋଜ କୁମାର ତିଆଡି ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥିଭାବେ ଜିଲା ଯକ୍ଷ୍ମାରୋଗ ନିୟନ୍ତ୍ରଣ ଅଧିକାରୀ ଡ. ମୋନ ମାଝୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲାପ୍ରକଳ୍ପ ପରିଚାଳକ ଅବନି ରଞ୍ଜନ ମହାପାତ୍ର, ଜିଲା କୁଷ୍ଠରୋଗ ସଂଯୋଜକ ଡ.ରବିନ୍ଦ୍ର କୁମାର ପାଣିଗ୍ରହୀ, ଆଇସିଡିଏ ଲେଡିଜ ସୁପର ଭାଇଜର ଶ୍ରୀମତୀ ସୁଷମା ଦେବୀ, ଡିପିଏଚଏନ ଶ୍ରୀମତୀ ଆନାସ୍ଟେସିଆ ବା, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଖଗେନ୍ଦ୍ର ମାଝୀ ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଆଶାକର୍ମୀ, ବିଭିନ୍ନ ସ୍ୱେଚ୍ଛାସେବି ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ । ଜାତିସଂଘର ଅନୁମୋଦନ କ୍ରମେ ୧୯୯୦ ମସିହାରୁ ପ୍ରତିବର୍ଷ ଜୁଲାଇ ୧୧ ତାରିଖରେ ବିଶ୍ୱ ସ୍ତରରେ 'ବିଶ୍ୱ ଜନସଂଖ୍ୟା ଦିବସ' ପାଳନ କରାଯଉଛି । ଜନସଂଖ୍ୟା ସମ୍ପର୍କିତ ବିଭିନ୍ନ ସମ୍ବେଦନଶୀଳ ବିଷୟ ଯଥା - ପରିବାରନିୟୋଜନ, ଲିଙ୍ଗଗତ ସମ୍ୟତା, ଦାରିଦ୍ର୍ୟ, ମାତୃସ୍ୱାସ୍ଥ୍ୟ, ମାନବିକ ଅଧିକାର ଆଦି ବାବଦରେ ସଚେତନତା ସୃଷ୍ଟିକରିବା ଏହି ଦିବସର ମୂଳ ଲକ୍ଷବୋଲି ସିଡିଏମଓ ସରୋଜ କୁମାର ତିଆଡି ପ୍ରକାଶ କରିଛନ୍ତି । ଜୁଲାଇ ୧୧ ରୁ ୨୪ ତାରିଖ ଯାଏ ପରିବାର ନିୟନ୍ତ୍ରଣ ପାଇଁ ସ୍ତ୍ରୀ ବନ୍ଧ୍ୟାକରଣ ପାଇଁ ୭୩୫ ଏବଂ ପୁରୁଷ ବନ୍ଧ୍ୟାକରଣ ପାଇଁ ୨୨୫ ଧାର୍ଯ୍ୟହୋଇଛି । ଏହା ସହିତ ମହିଳା ମାନଙ୍କ ପାଇଁ ଆଇ.ୟୁ.ସି.ଡିର ଧାର୍ଯ୍ୟ ଲକ୍ଷ୍ୟ୧୭୮୫ ଓ ଅନ୍ତରା (ମହିଳା ମାନଙ୍କ ପାଇଁ ଗର୍ଭ ନିରୋଧକ ଇଞ୍ଜେକସନ ୩ ମାସପାଇଁ ) ଧାର୍ଯ୍ୟ ଲକ୍ଷ୍ୟ ୭୨୫ ସ୍ଥିରକୃତ ହୋଇଛି । ଉପରୋକ୍ତ ଧାର୍ଯ୍ୟ ଲକ୍ଷ୍ୟ ପୁରଣପାଇଁ ଜିଲାସଦର ମହକୁମା ମୁଖ୍ୟ ଚିକିତ୍ସାଳୟ ସମେତ ଅନ୍ୟ ୧୩ ଗୋଟି ବ୍ଲକରେ ମଧ ଜନସଚେତନତା ରଥ, ଶୋଭାଯାତ୍ରା, ସଭା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ବକ୍ତୃତା ଓ କ୍ୱିଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ନୂତନ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

**ଭବାନୀପାଟଣା :** କଳାହାଣ୍ଡି ଜିଲ୍ଲା ଶିଶୁ ମଙ୍ଗଳ କମିଟିର ନୂତନ ଅଧ୍ୟକ୍ଷ ଓ ସଦସ୍ୟ ବୁଧବାର ପୁରୁଣା କମିଟି ଅଧ୍ୟକ୍ଷ ଡ. ଅଜୟ ମିଶ୍ରଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରି କାର୍ଯ୍ୟରେ ଯୋଗ ଦେଇଛନ୍ତି । ଓଡିଶା ସରାକରଙ୍କ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗର ୧୯.୬.୨୦୧୮ ତାରିଖ ନୋଟିଫିକସନ ସଂଖ୍ୟା ପିଟି ୧୯-ଡବ୍ଲୁଏସସି-୦୦୧୯ - ୨୦୧୫/୧୦୧୫୭/ଡବ୍ଲୁସିଡି ଓ ଏମଏସ ରେ କଳାହାଣ୍ଡି ଶିଶୁ ମଙ୍ଗଳ ସମିତିର ଚୟନ ହୋଇଥିବା ନୂତନ ଅଧ୍ୟକ୍ଷ ଓ ସଦସ୍ୟ ମାନଙ୍କ ତାଲିକା ଘୋଷଣା କରାଯାଇଥିଲା । କଳାହାଣ୍ଡି ଜିଲ୍ଲା ନୂତନ ଶିଶୁ ମଙ୍ଗଳର ଅଧ୍ୟକ୍ଷ ଭାବେ




ରାଜେଶ କୁମାର ନାୟକ, ମହିଳା ସଦସ୍ୟା ସ୍ୱର୍ଣ୍ଣଲତା ମହାନ୍ତି ଓ ସଦସ୍ୟ ଭାବେ ନିରଂଜନ ମିଶ୍ର, ସତ୍ୟନାରାୟଣ ମହାପାତ୍ର ଓ ସୁଧାଂଶୁ କୁମାର ନନ୍ଦ ଆଜି ଶିଶୁ ମଙ୍ଗଳ ସମିତି କାର୍ଯ୍ୟାଳୟରେ ବିଦାୟୀ ଅଧ୍ୟକ୍ଷ ଡ.ମିଶ୍ରଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରି କାର୍ଯ୍ୟ ଆରମ୍ଭ କରିଥିଲେ। ନୂତନ ଶିଶୁ ମଙ୍ଗଳ କମିଟି ପ୍ରଥମ ଦିନରେ ଦୁଇଟି ମାମଲାର ବିଚାର କରି ଦୁଇଟି ଅର୍ଡର କରିଥିଲେ। ଦାୟିତ୍ୱ ହସ୍ତାନ୍ତର ସମୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ବିଦାୟୀ କମିଟିର ସଦସ୍ୟା ପୁଷ୍ପାମିତ୍ର କାନୁନ୍‌ଗୋ, ସଦସ୍ୟା ସଂପୂର୍ଣ୍ଣାନନ୍ଦ ମହାନ୍ତି ଉପସ୍ଥିତ ରହି ନୂତନ କମିଟି ଅଧ୍ୟକ୍ଷ ଓ ସଦସ୍ୟ ମାନଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୁଣି ମୋଦିଙ୍କୁ ...

ପ୍ରକଳ୍ପ ନିର୍ମାଣ କାମ ଶେଷ ହୋଇସାରିଥିବ ଏବଂ ଏହି କାରଣରୁ ଓଡ଼ିଶାର ଲୋକେ ପ୍ରଭାବିତ ହେବେ ବୋଲି ସେ ଚିଠିରେ ଦର୍ଶାଇଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ମାଲକାନଗିରି ଜିଲ୍ଲାର ଜଙ୍ଗଲ, ଉର୍ବର ଜମି ଏବଂ ସ୍ଥାନୀୟ ଆଦିବାସୀଙ୍କ ଉପରେ ପ୍ରଭାବ ପଡ଼ିବ। ଲୋକେ ବିସ୍ଥାପିତ ହେବା ସହିତ ଆଡ଼ିବନ୍ଧ କାରଣରୁ ଉର୍ବର ଜମିରେ ବନ୍ୟା ପରିସ୍ଥିତ ସୃଷ୍ଟି ହେବାର ସମ୍ଭାବନା ରହିଛି। ତେଣୁ ପ୍ରଧାନମନ୍ତ୍ରୀ ଓଡ଼ିଶାର ଏହି ଦାବି ପ୍ରତି ବ୍ୟକ୍ତିଗତ ଭାବରେ ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ସମ୍ପୃକ୍ତ ମନ୍ତ୍ରଣାଳୟକୁ କାର୍ଯ୍ୟବନ୍ଦ ଆଦେଶ ବାତିଲ ନକରିବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ଲେଖିଛନ୍ତି। ଏହାସହ ଗୋଦାବରୀ ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ରାୟ ଆଧାରରେ ବିବାଦର ସମାଧାନ କରାଯାଉ ବୋଲି ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

### 'ଦକ୍ଷତାର ଅନ୍ୟନାମ ...

ଷ୍ଟ୍ରକ୍‌ଚରାଲ୍ ଇଞ୍ଜିନିୟର ଥିବେ, ମନ୍ଦିରର ସୁରକ୍ଷା ପାଇଁ କେମିକାଲ ଇଞ୍ଜିନିୟର ମଧ କାମ କରୁଥିବେ। ରଥଯାତ୍ରା ପାଇଁ ରଥ ନିର୍ମାଣ ଦକ୍ଷତା ସହ ରୋଜଗାରକୁ ଯୋଡ଼ିବାର ବ୍ୟବସ୍ଥା ରହିଛି। ଶ୍ରୀମନ୍ଦିର ଭିତରେ ଅନନ୍ୟ ଉପାୟରେ ମହାପ୍ରଭୁଙ୍କ ପ୍ରସାଦ ପ୍ରସ୍ତୁତ ପାଇଁ ବିଶେଷ ଦକ୍ଷତା ରୋଜଗାର ସହ ଯୋଡ଼ି ହୋଇଛି। ଯେଉଁ ଓଡ଼ିଶାର ଲୋକମାନେ ନିଜ ଉଦ୍ୟମିତା ପାଇଁ ଦକ୍ଷିଣ ପୂର୍ବ ଦେଶକୁ ବୋଇତରେ ଯାଇ ବ୍ୟବସାୟ ବାଣିଜ୍ୟ କରିଥିଲେ, ଆଜି ସେହି ରାଜ୍ୟର ଲୋକମାନଙ୍କୁ ରୋଜଗାର ପାଇଁ ବିଦେଶକୁ ଯିବାକୁ ପଡୁଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ କେବଳ ୟୁଏଇକୁ ଓଡ଼ିଶାରୁ ଦୁଇ ଲକ୍ଷ ମାଟ୍ରିକ ପାସ୍ କରି ନ ଥିବା ପିଲା କାମ କରିବାକୁ ଯାଉଛନ୍ତି। ଏମାନଙ୍କୁ ସେଠାରେ କାମ ଶିଖି କାମ କରିବାକୁ ପଡୁଛି। ତେଣୁ ଏମାନଙ୍କୁ ଏଠାରେ କାହିଁକି ପୂର୍ବରୁ କାମ ଶିଖାଇ ସିଧା ସିଧା ରୋଜଗାର କରିବାର ସୁଯୋଗ ତିଆରି କରାଯାଇ ପାରିବ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ସେ କହିଲେ ଯେ ପୂର୍ବ ଭାରତ ହିଁ ଏହି ମାନବ ସମ୍ବଳ ଯୋଗାଣର କେନ୍ଦ୍ର ହୋଇପାରିବ। ଜର୍ମାନୀରେ ସେ ଦେଢ଼ ଶହ ପୁରୁଣା ସ୍କିଲ୍ ଇକୋ ସିଷ୍ଟମକୁ ବୁଲି ଦେଖିଛନ୍ତି। ଦେଶର ୧୧୫ଟି ଆକାଂକ୍ଷୀ ଜିଲ୍ଲା ସମେତ ଓଡ଼ିଶାର ଦଶଟି ଜିଲ୍ଲାର ଯୁବପିଢ଼ିଙ୍କୁ ରୋଜଗାର ସହ ଯୋଡ଼ିବା ପାଇଁ ବିଶେଷ କାର୍ଯ୍ୟକ୍ରମ ସ୍ଥିର ହୋଇଛି। କେବଳ ସରକାରୀ ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ। ରାଜ୍ୟରେ ଗଢ଼ି ଉଠିଥିବା ଆଇଟିଆଇଗୁଡ଼ିକରେ ଉତ୍ତମ ଶିକ୍ଷାର ମାନ ରହୁ, ଏଥିପାଇଁ ମାନକ ଓ ବ୍ୟବସ୍ଥା ତିଆରି କରିବା ସରକାରଙ୍କ ଦାୟିତ୍ୱ। ଯଦି ଆଜିର ଯୁବପିଢ଼ିକୁ ରୋଜଗାର ସହ ଯୋଡ଼ିବାର ବିଧିବଦ୍ଧ ବ୍ୟବସ୍ଥା ତିଆରି ନ ହେବ, ତେବେ ଦେଶର ଭବିଷ୍ୟତ ଖରାପ ହେବ। ଦେଶର ୭୦ ବର୍ଷର ଶିକ୍ଷା ବ୍ୟବସ୍ଥା ମିଥ୍ୟା ଅହଙ୍କାର ତିଆରି କରିଛି। କାମ ଛୋଟ ନୁହେଁ ବା ବଡ଼ ନୁହେଁ। ଯେତେବେଳେ ଯୁବପିଢ଼ି ଅନୁଭବ କରି କାର୍ଯ୍ୟରେ ପରିଣତ କରିବ, ତେବେ ଦେଶରେ ଉଦ୍ୟମିତା ବଢ଼ିବ । ୧୨୫ କୋଟି ଲୋକ ଯେତେବେଳେ ଦକ୍ଷତା ଓ ଶ୍ରମର ମର୍ଯ୍ୟାଦାକୁ ବୁଝିବେ, ଭାରତ ସମେତ ଓଡ଼ିଶାକୁ ପ୍ରଗତିର ରାସ୍ତାରେ ନେବାକୁ କେହି ରୋକି ପାରିବେ ନାହିଁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। କେନ୍ଦ୍ରୀୟ ଏମ୍‌ଏସ୍‌ଏମ୍‌ଇ ସଚିବ କେପି କ୍ରିଷ୍ଣନ୍ ଯୋଗଦେଇ କହିଥିଲେ, ଯୁବପିଢ଼ିଙ୍କ ଦକ୍ଷତା ବିକାଶ ପାଇଁ ବିଭିନ୍ନ କମ୍ପାନୀ ସହ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଡିସିର ଉପଦେଷ୍ଟା ସୁନତା ସାଙ୍ଗଭୀ, ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷର ଅଧ୍ୟକ୍ଷ ସୁବ୍ରତୋ ବାଗଚୀ ଓ ଆଇଟିଆର୍ ନିର୍ଦ୍ଦେଶକ ମାନସ ମଲ୍ଲିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଭାରତର ପୂର୍ବାଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି।

### ଗଛ ତଳେ ...

ଏପରିକି ପ୍ରବଳ ବର୍ଷାରେ ମଧ ଏହି ସବୁ ଛାତ୍ରଛାତ୍ରୀ ବିଦ୍ୟାଳୟ ପରିସରରେ ବର୍ଷାପାଣି ଓ କାଦୁଅରେ ବସି ମଧ୍ୟାହ୍ନ ଭୋଜନ ଖାଉଛନ୍ତି। ଏପରିକି ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ଏକ ଗଛ ତଳେ କରୁଥିବାରୁ କେତେବେଳେ ଗଛରେ ବସିଥିବା ପକ୍ଷୀଙ୍କ ମଳ ମଧ ଖାଇବା ଥାଳିରେ ପଡିବାର ଯଥେଷ୍ଟ ଆଶଙ୍କା ରହିଛି। ଅନେକ ସମୟରେ ଗଛରୁ ବିଭିନ୍ନ ପୋକ ମଧ ଖାଦ୍ୟ ଥାଳିରେ ପଡୁଥିବା ଛାତ୍ରଛାତ୍ରୀ ମାନେ ପ୍ରକାଶ କରିଛନ୍ତି। ବିଦ୍ୟାଳୟ ପରିସରରେ ଏକ ଲମ୍ବା ଘର ପରିତ୍ୟକ୍ତ ଅବସ୍ଥାରେ ଦୀର୍ଘ ବର୍ଷ ହେଲା ପଡିରହିଛି। ଉକ୍ତ କୋଠାର କେବଳ ଖପର ଛାତ ଭାଙ୍ଗି ଯାଇଥିବା ବେଳେ କାନ୍ଥ ଓ ଚଟାଣ ଠିକ ରହିଛି। କିନ୍ତୁ ସାମାନ୍ୟ ମରାମତି ଅଭାବରୁ ସେହି ଗୃହଟି ଏବେ ସମ୍ପରର୍ଣ୍ଣ ଅବ୍ୟବହୃତ ହୋଇପଡିଛି। ବିଦ୍ୟାଳୟର ମୁଖ୍ୟ ଫାଟକ ନଥିବା ବେଳେ ପୂର୍ବ ଦିଗ ପାଚେରୀ ପ୍ରାୟ ୫୦ ଫୁଟ ତାର ବାଡା ଥିବାରୁ ସେହି ଅଞ୍ଚଳ ଦେଇ ଗାଈଗୋରୁ, କୁକୁର ମାନଙ୍କ ଅବାଧ ପ୍ରବେଶ ସହ ରାତିରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟୁଥିବା ଦେଖାଯାଇଛି। ତେବେ ଏହି ବିଦ୍ୟାଳୟ ପରିସରରେ ଥିବା ପୁରୁଣା ଶ୍ରେଣୀଗୃହ ଛାତର ମରାମତି କଲେ ଉକ୍ତ ଘର ବାରଣ୍ଡାରେ ଏକା ସମୟରେ ସମସ୍ତ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ କରି ପାରିବେ ବୋଲି ସ୍ଥାନୀୟ ଅଭିଭାବକ ମାନେ ମତ ପ୍ରକାଶ କରିଛନ୍ତି। ଗୋଟିଏ ପଟେ ସରକାର ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଅବସ୍ଥାରେ ମଧ୍ୟାହ୍ନ ଭୋଜନ ଯୋଗାଇ ଦେବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଉଥିବା ବେଳେ ଅନ୍ୟ ପଟେ ଆବଶ୍ୟକ ଭିତ୍ତିଭୂମିର ଅଭାବ ଯୋଗୁଁ ଶତାଧିକ ଛାତ୍ରଛାତ୍ରୀ ଅତ୍ୟନ୍ତ ଅସୁରକ୍ଷିତ ଅବସ୍ଥାରେ ବର୍ଷସାରା ମଧ୍ୟାହ୍ନ ଭୋଜନ ଖାଇବାକୁ ବାଧ ହେଉଥିବାରୁ କେଉଁ ସମୟରେ ଏକ ଅଘଟଣକୁ ଏଡାଇ ଦିଆଯାଇ ନପାରେ। ତେଣୁ ଏ ଦୀଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବାକୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ସମେତ ଅଭିଭାବକ ମାନେ ଦାବି ହେଉଛି।

# କେବେ ମିଳିବ ଗଙ୍ଗାଧରଙ୍କୁ ବକେୟା ପ୍ରାପ୍ୟ

**ଦଶପଲ୍ଲା :** ରାଜ୍ୟ ସରକାର ଜନସାଧାରଣଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେଇ କୌଣସି ଅସୁବିଧା ନାହିଁ ବୋଲି ବାହାସ୍ୱଟ ମାରୁଥିବା ବେଳେ ତାହାର ସଂପୂର୍ଣ୍ଣ ବ୍ୟତିକ୍ରମ ଘଟିଛି ଓଏଫ୍‌ଡିସିର ଅବସରପ୍ରାପ୍ତ କର୍ମଚାରୀ ଗଙ୍ଗାଧର ମିଶ୍ରଙ୍କ ଠାରେ। ଘଟଣାରୁ ଜଣାଯାଏ ନିଜ ଜୀବନକାଳ ମଧ୍ୟରେ ବିଭିନ୍ନ ଡିଭିଜନରେ କାର୍ଯ୍ୟ କରି ଦୀର୍ଘ ଆଠ ମାସ ହେଲା ଅବସର ଗ୍ରହଣ କରି ଦୁଖକଷ୍ଟ ମଧ୍ୟରେ ଆର୍ଥିକ ଅନାଟନରେ ବିଭିନ୍ନ ରୋଗ ସହିତ ସଂଘର୍ଷ କରି କାଳାତିପାତ କରୁଛନ୍ତି । ଦୁଃଖ ବୁଝିବା ପାଇଁ କେହି କର୍ଣ୍ଣପାତ କରୁନଥିବା ଅତ୍ୟନ୍ତ କଷ୍ଟକର ବିଷୟ । ଯେଉଁ ବିଭାଗ ପାଇଁ କାର୍ଯ୍ୟ କରୁଥିଲେ ସେମାନଙ୍କର ଉପରିସ୍ଥ ହାକିମ ମାନଙ୍କର ଖାମଖିଆଲି ନୀତି ଏବଂ ଆର୍ଥିକ ଲୋଭ ମିଶ୍ରଙ୍କୁ ମାନସିକ ଆଘାତ ଦେଇଛି । ଏଠାରେ ପ୍ରକାଶ ଥାଉ କି, ଏହି ଘଟଣା ଉପରେ ବାରମ୍ବାର ଲିଖିତ ଭାବେ ଡି.ଏମ୍ ବୌଦ୍ଧ,ଜି.ଏମ୍ ବ୍ରହ୍ମପୁର, ଏମ୍.ଡି ଭୁବନେଶ୍ୱର,ସେକ୍ରେଟାରୀ ଫରେଷ୍ଟ ଡିପାଟମେଣ୍ଟ ଭୁବନେଶ୍ୱର, ହ୍ୟୁମାନ ରାଇଟ୍ କମିଶନ ଓଡିଶା, ସି.ଏମ୍ ଓଡିଶାଙ୍କୁ ବାରମ୍ବାର ଜଣାଇ ସର୍ବଶେଷରେ ତା ୨୫.୦୫.୨୦୧୮ରେ ଲିଖିତ ଜଣାଇ ଥିଲେ ମଧ ତାହାର ସୁଫଳ ଆଜିପର୍ଯ୍ୟନ୍ତ ମିଳିଲା ନାହିଁ। ଏଠାରେ ପ୍ରଶ୍ନ ଉଠେ ଦୀର୍ଘ ଆଠ ମାସର ବକେୟା ପ୍ରାପ୍ତ, ମାନସିକ ଚିନ୍ତା, ବିଭିନ୍ନ ରୋଗ, ଆର୍ଥିକ ଅନାଟନ ସମସ୍ୟା ମଧ୍ୟରେ ଗଙ୍ଗାଧର ମିଶ୍ରଙ୍କର ଯଦି କିଛି ହାନି ଲାଭ ହୋଇଯାଏ ସେଥିପାଇଁ ପ୍ରଶାସନ ଦାୟୀ ରହିବା ସଙ୍ଗେ ସଙ୍ଗେ ଖୁବ୍ ଶୀଘ୍ର ସମସ୍ୟା ସମାଧାନ ପାଇଁ ସାଧାରଣରେ ଦାବି ହେଉଛି।


# ପଲିଥିନ୍ ମୁକ୍ତ ହେବ ଓଡ଼ିଶା : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଆସନ୍ତା ଦୁଇବର୍ଷ ମଧ୍ୟରେ ରାଜ୍ୟ ସମ୍ପୂର୍ଣ୍ଣ ଭାବରେ ପ୍ଲାଷ୍ଟିକ ଆବର୍ଜନା ମୁକ୍ତ ହେବ। 'ଆମ ମୁଖ୍ୟମନ୍ତ୍ରୀ ଆମ କଥା' କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଘୋଷଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଅକ୍ଟୋବର ୨ ବା ଗାନ୍ଧି ଜୟନ୍ତୀଠାରୁ ପୁରୀ ସମେତ ସମସ୍ତ ମହାନଗର ଅଞ୍ଚଳରେ ଏହା କାର୍ଯ୍ୟକାରୀ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ଆଗାମୀ ୨ ବର୍ଷ ଅର୍ଥାତ୍ ୨୦୨୦ ମସିହା ସୁଦ୍ଧା ସାରା ରାଜ୍ୟରେ ଏହି ବ୍ୟାନ୍ ଲାଗୁ କରାଯିବ। ଏହାଦ୍ୱାରା ରାଜ୍ୟରେ ପ୍ଲାଷ୍ଟିକ ବ୍ୟାଗ୍, ପଲିଥିନ୍ ଏବଂ ସିଙ୍ଗିଲ ୟୁଜ୍ ପ୍ଲାଷ୍ଟିକ ସାମଗ୍ରୀକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ। ସହରାଞ୍ଚଳରେ ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ସହିତ ଗ୍ରାମାଞ୍ଚଳ ପାଇଁ ପଞ୍ଚାୟତିରାଜ ବିଭାଗକୁ ଏହି ଦାୟିତ୍ୱ ଦିଆଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ସାରା ରାଜ୍ୟରେ ପ୍ଲାଷ୍ଟିକ ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟ ତଦାରଖ କରିବ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଘୋଷଣାକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ପରିବେଶ ସଚେତନତା ଅଭିଯାନରେ ନିଜେ ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିବା କାରଣରୁ ଏହାର ସୁଦୂର ପ୍ରସାରୀ ହେବ ବୋଲି ପରିବେଶବିତ୍ ମତ ଦେଇଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଓଡ଼ିଶାରେ ଦୈନିକ ପ୍ରାୟ ୧୦୦ ଟନ୍ ପ୍ଲାଷ୍ଟିକ୍ ଆବର୍ଜନା ସୃଷ୍ଟି ହେଉଛି।

# 'ଜନସଂଖ୍ୟାର ସ୍ଥିରତା ସଚେତନାରେ ହିଁ ସମ୍ଭବ'

**ସୋନପୁର :** ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରି ଅତ୍ୟାଧୁନିକ ପ୍ରଣାଳୀରେ ଅସ୍ତ୍ରୋପଚାର ବ୍ୟବସ୍ଥା କରିଛନ୍ତି। କିନ୍ତୁ ଅଧିକାଂଶ ଅଞ୍ଚଳର ଜନସାଧାରଣ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ସରକାରଙ୍କ ସେହି ସବୁ ପଦ୍ଧତି ସମ୍ପକୟଙ୍କର ଅବଗତ ହୋଇ ପାରୁନଥିବା ଦେଖାଯାଉଛି । ଫଳରେ ସେ ସବୁ ପଦ୍ଧତି ଅବଲମ୍ବନ କରିବାକୁ ଏବେବି ଲୋକେ ଭୟ କରୁଛନ୍ତି। ତେଣୁ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତାରେ ହିଁ ଜନସଂଖ୍ୟା ସ୍ଥିରତା ସମ୍ଭବ ବୋଲି ଆଜି ସୁବର୍ଣ୍ଣପୁରରେ ଅନୁଷ୍ଠିତ ଜିଲାସ୍ତରୀୟ ଜନସଂଖ୍ୟା ଦିବସରେ ଜିଲାପାଳ ଦାଶରଥି ଶତପଥି ମତ ପ୍ରକାଶ କରିଛନ୍ତି । ଏହି ଉପଲକ୍ଷେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଚେତନତା ସଭାରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ବିଜୟଲକ୍ଷ୍ମୀ ଗୁରୁଙ୍କ ଅଧ୍ୟକ୍ଷତା କରିଥିବା ବେଳେ ଏଥିରେ ଜିଲା ଡାକ୍ତରଖାନା ଅଧିକ୍ଷକ ଡ. ପ୍ରଦୀପ କୁମାର ଗୁରୁ, ସହକାରୀ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ.ଦୈତ୍ୟନାରାୟଣ ପାଢୀ, ସହକାରୀ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡ.ନବକିଶୋର ବେହେରା, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ସଂଯୋଜିକା ଡ.ମୌସୁମୀ ମିଶ୍ର ପ୍ରମୁଖ ଯୋଗ ଦେଇ 'ନୂତନ ତରଙ୍ଗ, ନୂତନ ବିଶ୍ୱାସ' ସମ୍ପରର୍ଣ୍ଣ ଦାୟିତ୍ୱ ସହ ପରିବାର ବିକାଶ ବାର୍ତ୍ତା ସମ୍ପକୟଙ୍କର ସୂଚନା ଦେଇଥିଲେ। ଜିଲା ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଗତ ବର୍ଷ ମୋଟ ୫୬୭ ଓ ୩୬୦ ସଂଖ୍ୟକ ପରିବାର ନିୟୋଜନ ଅସ୍ତ୍ରୋପଚାର କରିଥିବା ତରଭା ଡାକ୍ତରଖାନାର ଡାକ୍ତର କ୍ଷିରୋଦ କୁମାର ମିଶ୍ର ଓ ଡୁଙ୍ଗୁରି ।ଲି ଡାକ୍ତରଖାନାର ଡାକ୍ତର କେ.ରାଓଙ୍କୁ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ଭାବେ ୨୫ ହଜାର ଓ ୨୦ ହଜାର ଟଙ୍କା ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସେହି ରି ୭୨ ପ୍ରସୂତି ପରବର୍ତ୍ତି ଆୟୁସିଡି ପ୍ରଦାନ କରିଥିବା ବିନିକାର ଅତିରିକ୍ତ ଏଏନ୍‌ଏମ ସ୍ମିତାରାଣୀ ଦୀପଙ୍କୁ ୫ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପରେ ଏକ ଦସ୍ତଖତ ଅଭିଯାନର ଆୟୋଜନ କରାଯାଇଥିବା ବେଳେ ଏହି ଅବସରରେ ସକାଳୁ ମହିଳା ସ୍ୱାସ୍ଥ୍ୟ କର୍ମୀ ତାଲିମ କେନ୍ଦ୍ରର ଛାତ୍ରୀ ଓ ଜିଲା ଡାକ୍ତରଖାନ କର୍ମଚାରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଏଥିରେ ଡିଏମ୍‌ଆର୍‌ସିଏଚ୍ କିଶୋର ଚନ୍ଦ୍ର ସାହୁ, ତାରିଣୀ ଚରଣ ପାତ୍ର ପ୍ରମୁଖଙ୍କ ସହ ବିଭାଗୀୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।







# ଷୋହଳ କଳାରୁ ଗୋଟିଏ କଳା

# ପୁରୀ ପରେ ରଣପୁର



ସମରେନ୍ଦ୍ର ବଳିଆରସିଂହ


**କେ**ବଳ ଓଡ଼ିଶା ବା ଭାରତବର୍ଷ ନୁହେଁ, ସମଗ୍ର ବିଶ୍ୱର ବିଭିନ୍ନ ସ୍ଥାନରେ ଏବେ ରଥଯାତ୍ରା। ତେବେ ଶ୍ରୀକ୍ଷେତ୍ର ପୁରୀରୁ ଆରଂଭ ହୋଇଥିବା ଏହି ରଥଯାତ୍ରା ପରେ କେଉଁ ସ୍ଥାନରେ ରଥଯାତ୍ରା ଆରଂଭ ହେଲା ସେ ନେଇ ଭିନ୍ନ ମତ ରହିଛି। ଇତିହାସ କୁହେ, ମହାପ୍ରଭୁଙ୍କୁ ଓଡ଼ିଆ ଜାତି ରାଷ୍ଟ୍ର ଦେବତା ଭାବେ ଗ୍ରହଣ କରିବା ପରେ ବିଭିନ୍ନ ଗଡ଼ଜାତମାନଙ୍କରେ ଜଗନ୍ନାଥ ମନ୍ଦିରମାନ ନିର୍ମାଣ ହେଲା। ତଦନୁଯାୟୀ ମହାପ୍ରଭୁଙ୍କର ସେବାପୂଜା, ନୀତିକ୍ରାନ୍ତି ଆଦିର ପ୍ରଚଳନ ହେଲା। ଗଡ଼ଜାତର ରାଜାମାନେ ମନ୍ଦିର ପରିଚାଳନା ପାଇଁ ଭୂସମ୍ପତି ମଧ୍ୟ ଖଂଜିଦେଇଥିଲେ। ସମସ୍ତ ଗଡ଼ଜାତମାନଙ୍କ ଭିତରେ ନୟାଗଡ଼ ଜିଲା ଅନ୍ତର୍ଗତ ରଣପୁର କିନ୍ତୁ ବିଶେଷ ଗୁରୁତ୍ୱ ରଖେ। ସ୍ୱାଧୀନତା ପୂର୍ବରୁ ଗଡ଼ଜାତମାନଙ୍କ ମଧ୍ୟରେ ରଣପୁର ଥିଲା ପ୍ରାଚୀନତମ ଗଡ଼ଜାତ। ଏଠାରେ ଅନୁଷ୍ଠିତ ହୋଇଥିଲା ଦ୍ୱିତୀୟ ରଥଯାତ୍ରା। ସହିଦ ରଘୁ-ଦିବାକରଙ୍କ ତ୍ୟାଗ ଓ ବଳିଦାନର ଗାଥା ବଖାଣୁଥିବା ଏହି ସ୍ଥାନଟିର ଦୂରତ୍ୱ ରାଜଧାନୀ ଭୁବନେଶ୍ୱର ଠାରୁ ୭୦କିଲୋମିଟର ଏବଂ ନୟାଗଡ଼ରୁ ୩୫ କିଲୋମିଟର। ପୂର୍ବେ ପୁରୀ ଜିଲ୍ଲାରେ ଅନ୍ତର୍ଭୁକ୍ତ ଥିବା ରଣପୁର ଅଧୁନା ନୟାଗଡ଼ ଜିଲ୍ଲାର ଏକ ବ୍ଲକ ତଥା ତହସିଲର ସଦର ମହକୁମା ।

କିମ୍ବଦନ୍ତୀ ଅନୁଯାୟୀ ରଣପୁରର ତତ୍କାଳୀନ ରାଜା ଉଦ୍ଧବସିଂହ ନରେନ୍ଦ୍ର(ଖ୍ରୀ.୧୪୯୪ରୁ ୧୫୧୭) ପ୍ରଭୁ ଜଗନ୍ନାଥଙ୍କର ପରମ ଭକ୍ତ ଥିଲେ ଏବଂ ପ୍ରତ୍ୟହ ୬୫ କିଲୋମିଟର ପଥ ଅତିକ୍ରମ କରି ପ୍ରଭୁଙ୍କ ଦର୍ଶନ ଉପଲକ୍ଷେ ପୁରୀ ଯାଉଥିଲେ । ତେବେ ଗୋଟିଏ ବର୍ଷ ମନ୍ଦାକିନୀ ନଦୀରେ ବନ୍ୟା ଆସିବାରୁ ସେ ପୁରୀ ଯାଇପାରିଲେ ନାହିଁ । ଦୁଃଖରେ ମ୍ରିୟମାଣ ହୋଇ ରାଜା ସାତ ଦିନ ଅଧିଆ ପଡ଼ିବା ପରେ ଦୈବୀବାଣୀ ହେଲା ଯେ, ‘ଷୋହଳ କଳାରୁ ଗୋଟିଏ କଳା ରଣପୁର ଯିବ।’ ରାଜା ସେଠାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରି ପୂଜା ଆରାଧନା କରିବେ। ଗଜପତି ପ୍ରତାପରୁଦ୍ରଦେବଙ୍କୁ ମଧ୍ୟ ସମାନ ସ୍ୱପ୍ନାଦେଶ ହେଲା। ଏହାପରେ ଗଜପତି ପ୍ରତାପରୁଦ୍ରଦେବ ରାଜା ଉଦ୍ଧବ ସିଂହଙ୍କ ଶିରରେ ଶାଢୀବାନ୍ଧି ନରେନ୍ଦ୍ର ଉପାଧି ପ୍ରଦାନ କଲେ ଏବଂ ଗୁଣ୍ଡିଚା ଘରେ ଥିବା ମାଧବ ମୂର୍ତି ତାଂକୁ ପ୍ରଦାନ କଲେ। ଏହାପରେ ରାଜା ଉଦ୍ଧବ ନରେନ୍ଦ୍ର ରଣପୁର ଗଡ଼ରେ ପୁରୀ ଅନୁରୂପ ଜଗନ୍ନାଥ ମନ୍ଦିର ନିର୍ମାଣ କରାଇଥିଲେ । ଜଗନ୍ନାଥଙ୍କର ଷୋହଳକଳାରୁ ଗୋଟିଏ କଳା ରଣପୁର ଆସିଥିବାରୁ ପୁରୀ ଶ୍ରୀମନ୍ଦିରର ସମସ୍ତ ପୂଜାବିଧି ସହ ସାମଂଜସ୍ୟ ରଖାଯାଇ ପୂଜାବିଧି କରାଗଲା। ବର୍ଷକ ବାରଯାତ୍ରା ମଧ୍ୟ ଏଠାରେ ଅନୁଷ୍ଠିତ ହେଲା। ଏହାପରେ ରାଣୀଙ୍କ ଦ୍ୱାରା ମନ୍ଦିରର ମୁଖଶାଳା ନିର୍ମିତ ହେଲା । ସୂଚନାଯୋଗ୍ୟ, ମୁଖ୍ୟମନ୍ଦିର ଗଂଭୀରା, ମୁଖଶାଳା, ଓ ନାଟ୍ୟମଣ୍ଡପ ଏହିପରି ତିନିଭାଗରେ ବିଭକ୍ତ। ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ପରେ ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ରାଜା ଉଦ୍ଧବ ନରେନ୍ଦ୍ର ପୁରୀ ଯାଇ ମହାଲକ୍ଷ୍ମୀଙ୍କ ପାଖରେ ଅଧିଆ ପଡ଼ିଲେ। ରାଜାଙ୍କ ଭକ୍ତିରେ ପ୍ରସନ୍ନ ହୋଇ ମହାଲକ୍ଷ୍ମୀ ରଣପୁର ଆଗମନ କରିବେ ବୋଲି ଆଦେଶ ଦେବା ପରେ ରଣପୁର ଜଗନ୍ନାଥ ମନ୍ଦିରରେ ମହାଲକ୍ଷ୍ମୀଙ୍କ ମୂର୍ତି ପ୍ରତିଷ୍ଠା ହେଲା। ପରବର୍ତୀ ସମୟରେ ସିଂହଦ୍ୱାରସ୍ଥିତ ବିଶାଳକାୟ ସିଂହଦ୍ୱୟ ରାଜା ବନମାଳୀ ନରେନ୍ଦ୍ରଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ମନ୍ଦିରର ଗର୍ଭଗୃହରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ବିରାଜମାନ ହୋଇଥିବାବେଳେ ଅନ୍ୟ ପାର୍ଶ୍ୱଦେବାଦେବୀ ମନ୍ଦିର ପରିସରରେ ସ୍ଥାପିତ ହୋଇଛନ୍ତି। ରଣପୁର





ରାଜପ୍ରାସାଦକୁ ଲାଗି ଠିକ୍ ଦକ୍ଷିଣ ଦିଗରେ ମନ୍ଦିର ବେଢ଼ାର ଅବସ୍ଥିତି। ବେଢା ଭିତରକୁ ପୂର୍ବଦିଗରେ ଥିବା ସିଂହଦ୍ୱାର ଦେଇ ଆଗମନ ଓ ପ୍ରସ୍ଥାନ କରିବାକୁ ପଡ଼େ। ମନ୍ଦିରକୁ ଲାଗି ବେଢା ଭିତରେ ଉତର ଦିଗରେ ଥିବା ଛୋଟ ମନ୍ଦିରରେ ରାଧା-କୃଷ୍ଣଙ୍କ ଯୁଗଳମୂର୍ତି ଓ ମହାରୁଦ୍ର ସଦାଶିବ ପୂଜିତ ହେଉଛନ୍ତି। ମନ୍ଦିରର ଉଚ୍ଚତା ୬୫ ଫୁଟ୍ ହୋଇଥିବାବେଳେ ମନ୍ଦିର ବେଢା ଏକ ଏକର ଜାଗା ଉପରେ ଅବସ୍ଥିତ। ରଣପୁର ଜଗନ୍ନାଥ ମନ୍ଦିର ମଧ୍ୟଯୁଗୀୟ କଳାସ୍ଥାପତ୍ୟର ପରିଚୟ ଦିଏ। ଏହି ମନ୍ଦିର ପ୍ରଭାବରେ ଅନ୍ୟ ଗଡ଼ଜାତମାନଙ୍କରେ ଜଗନ୍ନାଥ ମନ୍ଦିର ନିର୍ମିତ ହୋଇଥିବାର ପ୍ରମାଣ ରହିଛି।



ସପ୍ତଦଶ ଶତାବ୍ଦୀରେ ରଣପୁରରେ ରଥଯାତ୍ରା ଆରମ୍ଭ ହୋଇଥିବାର କୁହାଯାଏ । ରଣପୁର ରାଜା ସାରଙ୍ଗଧର ସିଂହ ବଜ୍ରଧର ନରେନ୍ଦ୍ର ମହାପାତ୍ର (୧୭୨୭-୧୭୫୪)ଙ୍କ ସମୟରେ ପୁରୀ ବଡ଼ଦାଣ୍ଡ ଅନୁରୂପ ରଣପୁରରେ ବଡ଼ଦାଣ୍ଡ ନିର୍ମାଣ କରାଗଲା ଏବଂ ରଥଯାତ୍ରା ଆରମ୍ଭ ହେଲା । ତତ୍‌ସହିତ ରାଜପ୍ରାସାଦରେ ପୂଜିତ ହେଉଥିବା କୃପାନିଧାନ ଦେବ ଓ ଗୋପୀନାଥ ଦେବଙ୍କ ନିମନ୍ତେ ମଧ୍ୟ ଦୁଇଟି ସ୍ୱତନ୍ତ୍ର ରଥ ନିର୍ମିତ ହୋଇଥିଲା । ରାଜା ବ୍ରଜସୁନ୍ଦର ସିଂହ ନରେନ୍ଦ୍ର ମହାପାତ୍ର (୧୮୨୧-୧୮୪୨ଖ୍ରୀ)ଙ୍କ ସମୟରେ ରଣପୁର ରଥର ଆକାର ଆଜିର ପୁରୀ ରଥର ଚାରିଗୁଣ ଥିଲା। ଏହି ରାଜା ଶ୍ରୀଗୁଣ୍ଡିଚା ଯାତ୍ରାରେ ପାହାନ୍ତି ଖେଚେଡ଼ିର ବ୍ୟବସ୍ଥା କରାଇଥିଲେ। ରାଜଶାସନ କାଳରେ ରଥଯାତ୍ରା ପାଇଁ ଆବଶ୍ୟକ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ପ୍ରଜାମାନଙ୍କ ଦ୍ୱାରା କରାଯାଉଥିଲା, ଯାହାକି ‘ରଥ ବେଠି’ ରୂପେ ପରିଚିତ ଥିଲା । ରଣପୁର ରଥଯାତ୍ରାରେ ନନ୍ଦିଘୋଷ ରଥର ଚକସଂଖ୍ୟା ୧୧ଏବଂ ଉଭୟ ତାଳଧ୍ୱଜ ଓ ଦେବୀଦଳନ ରଥର ଚକ ସଂଖ୍ୟା ୮ ରହିଛି । ପୁରୀ ସଦୃଶ ଏଠାରେ ମଧ୍ୟ ସ୍ନାନ ଉତ୍ସବ, ହାତୀବେଶ, ଅଣସର ସେବା, ଅଣସର ଗୃହ ସମ୍ମୁଖରେ ବାସୁଦେବ, ଭୁବନେଶ୍ୱରୀ ଓ ନାରାୟଣଙ୍କ ପଟ୍ଟପୂଜା ଆଦି ଅନୁଷ୍ଠିତ ହୋଇଥାଏ। ରଣପୁର ରାଜା ରଥରେ ଛେରାପହଁରା କରିଥାନ୍ତି।



ପ୍ରତିବର୍ଷ ରଥଯାତ୍ରା ସମୟରେ ରଣପୁର ତହସିଲ ଅନ୍ତର୍ଗତ ୨୨୧ଟି ଗ୍ରାମର ଅଧିବାସୀଙ୍କ ସମେତ ରାଜ୍ୟ ତଥା ଦେଶର ବିଭିନ୍ନ ଅଂଚଳରୁ



ଶ୍ରଦ୍ଧାଳୁମାନେ ଏଠାରେ ଉପସ୍ଥିତ ହୋଇଥାନ୍ତି ।

ପୁରୀ ଭଳି ସମସ୍ତ ପୂଜାବିଧି ଏଠାରେ ପାଳିତ ହେଉଥିଲେ ହେଁ ଏଠାରେ ଗୋଟିଏ ବ୍ୟତିକ୍ରମ ରହିଛି। ଯୋଡ଼ା ଆଷାଢ଼ ପଡ଼ିଲେ ପୁରୀ ପରି ଏଠାରେ ପ୍ରଭୁଙ୍କର ନବକଳେବର ହୁଏ ନାହିଁ । ମାତ୍ର ନବକଳେବରର ଅନ୍ୟାନ୍ୟ ପ୍ରଥାମାନ ଅନୁଷ୍ଠିତ ହୋଇଥାଏ ।

*ବରିଷ୍ଠ ସାମ୍ବାଦିକ*
*ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର*
*ଶୂନ୍ୟଭାଷ: ୭୦୭୭୭୦୫୩୮୯*





# ଡକାୟତି ଉଦ୍ୟମ ପଣ୍ଡ : ୪ ଗିରଫ

**ଖୋରଧା :** ଖୋରଧା ଥାନାର ଏସ.ଆଇ. ବ୍ରହ୍ମାନନ୍ଦ ସ୍ୱାଇଁ ଓ ଥାନା ଷ୍ଟାଫ ରାତ୍ର ପେଟ୍ରୋଲିଂ କରୁଥିବା ସମୟରେ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ ଯେ, ଖୋରଧା ଥାନା ଅନ୍ତର୍ଗତ ଗଡ ଖୋରଧା ହାଉସିଂ ବୋର୍ଡ ରେ ଏକ ଘରେ କିଛି ଅସାମାଜିକ ଯୁବକ ଏକାଠି ହୋଇ ଖୋରଧା ଟାଉନ ମଧ୍ୟରୁ ଡ଼କାୟତି କରିବା ପାଇଁ ଯୋଜନା ଚଳାଇଛନ୍ତି । ଏହି ଖବର ପାଇବା ପରେ ଏସ.ଆଇ. ବ୍ରହ୍ମାନନ୍ଦ ସ୍ୱାଇଁ ଖୋରଧା ଥାନା ଆଇ.ଆଇ.ସିଙ୍କୁ ଜଣାଇଥିଲେ। ଆଇ.ଆଇ.ସି.ଙ୍କ ନିର୍ଦ୍ଦେଶ ମୁତାବକ ଏସ.ଆଇ. ବ୍ରହ୍ମାନନ୍ଦ ସ୍ୱାଇଁ ଓ ସ୍ପେଷାଲ୍ ସ୍କାଡ୍ ସେହି ଘର ଉପରେ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ପୋଲିସ୍ ୪ ଜଣଙ୍କୁ କାବୁ କରିଥିଲା ଓ ସୁଯୋଗ ଦେଖି ୩ ଜଣ ଫେରାର ହୋଇଯାଇଥିଲେ । ଗିରଫ



ହୋଇଥିବା ବ୍ୟକ୍ତିମାନେ ହେଲେ (୧) ଫିଂଟୁ ମାଝି ଓରଫ ଲିଳାମ୍ବର ଉଦୟସିଂ(୨୦) ପିତା- ପୂର୍ଣ୍ଣ ମାଝି, ଗୋଡା, ଥାନା- ବେଗୁନିଆ, ଜିଲ୍ଲା- ଖୋରଧା (୨) ପପୁ ଓରଫ ବିଶ୍ୱରଂଜନ ସାମନ୍ତସିଂଘାର (୨୦), ପିତା- ସ୍ମୃତିରଂଜନ ସମାନ୍ତସିଂଘାର, ସାମନ୍ତରାପୁର, ଗୋଡା, ଥାନା- ବେଗୁନିଆ, ଜିଲ୍ଲା- ଖୋରଧା (୩) ଅନିଲ ମାର୍ଥା(୨୩), ପିତା- ପ୍ରଫୁଲ୍ଲ ମାର୍ଥା, ଦେଉଳି, ଜାମୁସାହି, ଥାନା- ବେଗୁନିଆ, ଜିଲ୍ଲା- ଖୋରଧା (୪) ଖେତୁ ଓରଫ ଯାମିନିକାନ୍ତ ସୁନ୍ଦରାୟ(୩୭), ପିତା- ପୂର୍ଣ୍ଣ ସୁନ୍ଦରାୟ, ଗ୍ରାମ- ଗଡ ଗୁଡୁମ୍, ଥାନା- ସଦର, ଜିଲ୍ଲା- ଖୋରଧା, । ପୋଲିସ ଘଟଣାସ୍ଥଳରୁ ସେମାନଙ୍କଠାରୁ ଏକ ଦେଶି ପିସ୍ତଲ, ୩ ଗୋଟି ଜୀବନ୍ତ ଗୁଳି, ଗୋଟିଏ ମାଗାଜିନ, ୧ ଟି ଖଣ୍ଡା, ୧ଟି ଭୁଜାଲି, ଗୋଟିଏ କଟୁରୀ, ୨ଟି ସାମସଙ୍ଗ ଟ୍ୟାବ, ୩ଗୋଟି ମୋବାଇଲ୍ ଓ ୨ଟି ବାଇକ(ଗୋଟିଏ କଳା ରଙ୍ଗର ବାଜାଜ ପଲସର୨୨୦ ସିସି ମୋଟରସାଇକେଲ ଓ ଗୋଟିଏ କଳା ହୋଣ୍ଡା ସାଇନ୍ ମୋଟର ସାଇକେଲ) ୨ଟି ଜାଲ୍ ନଂବର ପ୍ଲେଟ୍ ଜବତ କରିଛି । ଉକ୍ତ ୪ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ଏ ସମ୍ବନ୍ଧରେ ଖୋରଧା ଥାନା କେଶ୍ ନଂ ୨୬୮/୧୮ ଦଫା ୩୯୯/ ୪୦୨ ଆଇ.ପି.ସି./ ୨୫ ଆର୍ମସ୍ ଆକ୍ଟରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ଆଜି ଖୋରଧା ଥାନାଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଖୋରଧା ଏସ୍.ପି. ଦିପ୍ତୀ ରଂଜନ ରାୟ କହିଥିଲେ ଯେ ଅଭିଯୁକ୍ତ ଫିଂଟୁ ମାଝି ଓରଫ ଲିଳାମ୍ବର ଉଦୟସିଂ ନାମରେ ଆଗରୁ ୧୨ଗୋଟି କେଶ୍ ଜଂକିଆ, ସଦର, ବେଗୁନିଆ, ନିରାକାରପୁର ଥାନା ମାନଙ୍କରେ ଅଛି ଓ ସେ ସମସ୍ତ କେଶ୍‌ରେ ଫେରାର୍ ଥିଲା। ତାର ଟାର୍ଗେଟ୍ ଥିଲା ଫାଇନାନ୍ସ କଂପାନୀର ଆଦାୟ ହେଉଥିବା ଟଂକାକୁ ନେଇଯାଉଥିବା ମ୍ୟାନେଜରଙ୍କଠାରୁ ଲୁଟ କରିବା। ସେ ମଧ୍ୟ ବଲାଙ୍ଗିର ଯାଇ ସେଠାରୁ ଫାଇନାନ୍ସ କଂପାନୀର ଟଙ୍କା ଲୁଟ କରିଛନ୍ତି । ଉକ୍ତ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଲଘୁଚାପ ବର୍ଷାରେ ଜୟନ୍ତୀନଗର ରାସ୍ତା ଶୋଚନୀୟ



**ଡାବୁଗାଁ :** ଡାବୁଗାଁ ବ୍ଲକ ସଦର ମହକୁମାର ଜୟନ୍ତୀନଗରର ଏକ ରାସ୍ତା ଶୋଚନୀୟ ହୋଇପଡିଛି। ରାସ୍ତାଟି ଡାବୁଗାଁ ହାଇସ୍କୁଲ ରୋଡରୁ ମେଡିକାଲ କଲୋନୀ ଦେଇ ଜୟନ୍ତୀନଗରକୁ ବାହାରିବା ରାସ୍ତାଟି ଏପରି ଶୋଚନୀୟ ହୋଇପଡିଥିବାରୁ ପଡାବାସିନ୍ଦାମାନେ ଅଭିଯୋଗ କରୁଛନ୍ତି। ଦୀପତଳ ଅନ୍ଧାର ପରି ବ୍ଲକ ସଦର ମହକୁମାର ଉକ୍ତ ରାସ୍ତାର ଅବସ୍ଥା ଯଦି ଏପରି ଗାଁ ଗହଳି ରାସ୍ତା କିପରି ଥିବ ଜନସାଧାରଣରେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ମେଡିକାଲ କଲୋନୀ ଦେଇ ଉକ୍ତ ରାସ୍ତାର ଅର୍ଦ୍ଧେକରୁ ଅଧିକ କଂକ୍ରିଟ୍ ରାସ୍ତା, ମାତ୍ର ମଝିରେ କିଛିବାଟ କଂକ୍ରିଟ୍ ନହୋଇ ଏପଟ ସେପଟ ହୋଇ ବିଲହେବା କଥା ମଧ୍ୟ ଜନସାଧାରଣରେ ସଂଶୟ ସୃଷ୍ଟି କରିଛି। ଏଣୁ ବ୍ଲକ ପ୍ରଶାସନ ସଦର ମହକୁମାର ଜୟନ୍ତୀନଗରର ଉକ୍ତ ରାସ୍ତା ମରାମତି ନ କଲେ ଆଗକୁ ବର୍ଷାଦିନରେ କିପରି ଚାଲିବେ ତାହା ସମସ୍ତଙ୍କୁ ଅଡୁଆରେ ପକାଇଛି। ପ୍ରଶାସନର ଦୃଷ୍ଟି ତୁରନ୍ତ ପଡିବାକୁ ସାଧାରଣରେ ଦାବି ହେଉଛି।

# ବ୍ରହ୍ମପୁରରେ ଚାଲିଛି ଅପମିଶ୍ରଣ ତେଲ ଓ ଗୁଟ୍‌ଖା

**ବ୍ରହ୍ମପୁର :** କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ରାଳବ ରୋଡ ସ୍ଥିତ ବାଉଁଷିଆପଲ୍ଲୀ ଅଞ୍ଚଳରେ ଇଂ.ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ହଠାତ ଏକ ନକଲି ଗୁଟ୍‌ଖା ଏବଂ ଏକ ତେଲ କଳ ଉପରେ ଚଢ଼ାଉ କରିଛନ୍ତି। ୫ଲକ୍ଷ ଟଙ୍କାର ଗୁଟ୍‌ଖା ସରଞ୍ଜାମ ଜବତ ହୋଇଥିବା ବେଳେ ଅପମିଶ୍ରଣ ତେଲର ନମୂନା ସଂଗ୍ରହ କରାଯାଇଛି। ଏହି ଚଢ଼ାଉ ସମୟରେ କୁକୁଡାଖଣ୍ଡି ତହସିଲଦାର ପ୍ରତାପ ଚନ୍ଦ୍ର ପ୍ରଧାନ, ମାର୍କେଟିଂ ଇଣ୍ଟେଲିଜେନ୍ସ ଅଫିସର ଅଶୋକ ମହାନ୍ତି, ଖାଦ୍ୟ ନିରିକ୍ଷକ ସଦର ଥାନା ପୋଲିସ ତହାୟତାରେ ୪ଟି ପ୍ୟାକିଂ ମେସିନ, ଦୁଇଟି ମିକ୍ସର ମେସିନ୍ ଓ ୨ଟି କେମିକାଲ ମିକ୍ସର ମେସିନ ଜବତ କରିଥିବା ଜଣାପଡିଛି। ଏହି ଫ୍ୟାକ୍ଟିରେ କାମ କରୁଥିବା ୩ଜଣ ବ୍ୟକ୍ତିଙ୍କୁ ପୋଲିସ ଅଟକ ରଖି ପଚରା ଉଚରା କରୁଛି। ସେହିଭଳି କେସି ଇଣ୍ଟରପ୍ରାଇଜର୍ସ ତେଲ କଳରେ ନକଲି ତଥା ଅପମିଶ୍ରଣ ତେଲ ପ୍ରସ୍ତୁତି ଚାଲିଥିବା ସୂଚନା ପାଇଁ ଚଢ଼ାଉ କରାଯାଇଥିଲା। ବାରମ୍ୱାର ଚଢ଼ାଉ ହେଲେ ମଧ୍ୟ ପ୍ରଶାସନକୁ ଖାତିରି ନକରି ଚାଲିଛି ବେପାର। ହେଲେ ଏମାନେ କିଭଳି ନିଜର ପ୍ରଭାବ ବିସ୍ତାର କରି ଚଲାଇଛନ୍ତି ନକଲି କାରବାର, ବାରମ୍ୱାର ଧରା ହେଉଛନ୍ତି, ହେଲେ ଯଥା ପରଂ ତଥା ରିତି ଭଳି ଚାଲିଛି।

# ବାଲିଘାଟକୁ ନେଇ ମହାନଦୀର ଉଭୟ ପାର୍ଶ୍ୱର ରାସ୍ତା ପାଲଟିଛି ମରଣଯନ୍ତା

**ରଘୁନାଥପୁର (ଲକ୍ଷ୍ମଣ କୁମାର ଦାସ):** ତାରପୁର ମହାନଦୀ ପୋଲଠାରୁ ରାମ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ର ଅବସ୍ଥା ଶୋଚନୀୟ। ରାସ୍ତାର ଉଭୟ ପାର୍ଶ୍ୱରେ ଶିବ ମନ୍ଦିର ଓ ସରକାରୀ ଉଚ୍ଚ ବିଦ୍ୟାଳୟ। ଦୈନଦିନ ଉକ୍ତ ରାସ୍ତା ଦେଇ ବିଦ୍ୟାଳୟ, କଲେଜ ଛାତ୍ରଛାତ୍ରୀ ସମେତ ସାଧାରଣ ବଟୋଇ ଏହି ରାସ୍ତା ଦେଇ ବିପଦ ଜନକ ଭାବେ ଯାତାୟତ କରୁଛନ୍ତି। ରାମମନ୍ଦିରର ଉତ୍ତର ପାଶ୍ୱରେ ତାରପୁର ବାଲିଘାଟ ଅବସ୍ଥିତ। ଦୈନିକ ଶହ ଶହ ଟ୍ରିପ୍ ବାଲି ବୋଝେଇ ହାଇୱା ଉକ୍ତ ରାସ୍ତା ଦେଇ ଯିବା ଫଳରେ ଗାଡିରୁ ପାଣିମିଶା ବାଲି ପଡି ଏକ ଫୁଟ ବାଲି ଜମା ହୋଇ ରାସ୍ତାଟି ଏବେ ମରଣଯନ୍ତା ପାଲଟିଛି। ସେହିପରି ମାହାଳହାଟ ଠାରୁ ପିଁପୁର ବାଲିଘାଟ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ସୋଚନୀୟ ହୋଇପଡିଛି। ଏହି ରାସ୍ତା ପିଁପୁର , ସାହାସପୁର, ବାରିମୂଳ, ବାବୁଜଙ୍ଗ, ସଫିପୁର, ଦୁଲୁପୁର, ସଂଗ୍ରାମପୁର ହଜାର ହଜାର ଲୋକେ ଯାତାୟତା କରନ୍ତି। ଏହି ରାସ୍ତା ଉପରେ ବଡବଡ ଖାଲଖମା ସହିତ ବାଲିଗଦା ହୋଇ ରାସ୍ତାର ଅବସ୍ଥା ସୋଚନୀୟ ହୋଇପଡିଛି। ଯାହା ଫଳରେ ଯାତାୟତରେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସର୍ବ ସାଧାରଣରେ ଦାବି ହେଉଛି।

# ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଳରେ ଦାଦାଗିରି !

**ଜଗତସିଂହପୁର(ସୁଶାନ୍ତ ରାଉତ୍) :** ଜଗତସିଂହପୁର ଜିଲ୍ଲା ତଥା ରଘୁନାଥପୁର ଥାନା ଅଧିନରେ ରହିଛି ଅଯୋଧ୍ୟାପୁର ଗ୍ରାମ। ଏଠାରେ ପ୍ରଭୁ ହନୁମାନଙ୍କର ଏକ ମନ୍ଦିର ସହିତ ପୂଜା ପାଉଛନ୍ତି ଗ୍ରାମ ଦେବତୀ ମା’ କ୍ଷେତ୍ରବୁଢ଼ି। ଏହି ଅଯୋଧ୍ୟାପୁର ଠାରେ ରହିଛି ଜୟ ହନୁମାନ ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ। ଯେଉଁ ଅନୁଷ୍ଠାନରେ ୩୦ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦେଇ କାର୍ଯ୍ୟ କରୁଛନ୍ତି। ଏହି ଅନୁଷ୍ଠାନଟି ହିନ୍ଦୁ ଧର୍ମର ବିଭିନ୍ନ ପୂଜାବିଧିକୁ ଭିନ୍ନ ଭିନ୍ନ ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପରିପ୍ରକାଶ କରିଥାଏ। ସ୍ଥାନୀୟ ରଘୁନାଥପୁର ଅଞ୍ଚଳରେ ଏହି ଅନୁଷ୍ଠାନଟି ଯେତିକି ପରିଚିତ ଅଛି ତାହାର ଭିତିରି କଥା ଦିନକୁ ଦିନ ଅଞ୍ଚଳବାସୀଙ୍କୁ ଚିନ୍ତିତ କରିପକାଉଛି। ସେ ଯାହା ହେଉ ନିକଟରେ ଗତ ରଜପର୍ବକୁ ମହା ସମାରୋହରେ ପାଳନ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ତେବେ ନିଜ ସ୍ୱାର୍ଥ ପାଇଁ ହେଉ ବା ଜାତିଗତ ସମସ୍ୟା ପାଇଁ ହେଉ ଏହି ରଜ ଉତ୍ସବର ଦ୍ୱିତୀୟ ଦିନରେ ସମଗ୍ର ଅଯୋଧ୍ୟାପୁର ଅଞ୍ଚଳଟି ରଣକ୍ଷେତ୍ରରେ ପରିଣତ ହୋଇଥିଲା। ଦୁଇଦିନ ପର୍ଯ୍ୟନ୍ତ ଠେଙ୍ଗା ପାହାରରେ ଗୁରୁତର ଆହାତ ବ୍ୟକ୍ତିଙ୍କ ପତ୍ତା ବି ମିଳି ନଥିଲା। ଏହି ମାରପିଟ୍ ପାଇଁ ଦୁଇଟି ଗୋଷ୍ଠିର ବ୍ୟକ୍ତିମାନେ ଉଭୟ ଅପରପକ୍ଷ ବ୍ୟକ୍ତିଙ୍କ ନାମରେ ରଘୁନାଥପୁର ଥାନାରେ ଏତଲା ମଧ୍ୟ କରିଥିଲେ। ଆଜି ସୁଦ୍ଧା ମୋଟ୍ ୨୫ଜଣ ବ୍ୟକ୍ତି ମାମଲାରେ ଛନ୍ଦି ହୋଇ ଜାମିନ୍ ରେ ଘରକୁ ଯାଇଛନ୍ତି। ତଥାପି ଲିଭିନି କ୍ରୋଧର ଅଗ୍ନି। ପୁଣି କେଉଁ ସମୟରେ ଦୁଇ ଗୋଷ୍ଠି ମଧ୍ୟରେ ମରଣାନ୍ତକ ସଂଘର୍ଷ ଉପୁଜିପାରେ ବୋଲି ରଘୁନାଥପୁର ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏହି ମାମଲାର କୌଣସି ଦିଗର ତଦନ୍ତ କ’ଣ ହେଲା କେହି ସାଧାରଣ ବ୍ୟକ୍ତି ବୁଝି ପାରୁନାହାଁନ୍ତି। କାରଣଟି ଏହା ହୋଇପାରେ ଯେ “ପଣ୍ଡିତ ପୁଅ ମାଙ୍କଡ ମାରିଲେ ଦୋଷ ନାହିଁ” ଆମ୍ଭେ ଏ କଥା ଯୁକ୍ତି କରୁନାହୁଁ। ଲୋକେ କହୁଛନ୍ତି ଯେ ସାଧାରଣ ନିରୀହ ଲୋକଙ୍କୁ ପିଟିଥିବା ବ୍ୟକ୍ତି ଜଣକ ଜଣେ ପଦସ୍ଥ ପୋଲିସ ଅଫିସର। ତାଙ୍କୁ ମାରପିଟ୍‌ରେ ସହଯୋଗ କରୁଥିବା ଦୁଇ ତିନି ବ୍ୟକ୍ତି ହେଲେ ଜଣେ ଏହି ଅନୁଷ୍ଠାନର ମୁଖ୍ୟ ପୂଜକତ ଆଉ ଜଣେ ସ୍କୁଲ୍ ଶିକ୍ଷକ। ପୁଣି ଆଉ ଜଣେ ଶିଶୁ ମନ୍ଦିରର ପ୍ରଧାନ ଗୁରୁଜୀ। ଏମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ ମଧ୍ୟ ଡରୁଛି। ତେବେ ନିକଟ ଭବିଷ୍ୟତରେ ଯଦି ପୋଲିସ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ଆଗାମୀ ଦିନରେ ଏଠାରେ ଗୋଷ୍ଠି ସଂଘର୍ଷ ସଂକ୍ରାମକ ରୋଗ ପରି ବ୍ୟାପିଯିବ ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଫ୍ରାନ୍ସ ବିଶ୍ୱ ଚାମ୍ପିଅନ୍




**ମସ୍କୋ :** ଫୁଟବଲ କଳାକୌଶଳର ଅପୂର୍ବ ପ୍ରଦର୍ଶନ କରି କ୍ରୋଏସିଆ ବିପକ୍ଷରେ ପ୍ରଥମରୁ ପ୍ରଭାବ ବିସ୍ତାର କରି ଫ୍ରାନ୍ସ ୪-୨ ଗୋଲରେ ଫାଇନାଲକୁ ଜିତିନେଇଛି। ଫଳରେ ୨୦୧୮ ଫୁଟବଲ ବିଶ୍ୱକପର ଚାମ୍ପିଅନ୍ ଟ୍ରଫି ହାସଲ କରିଛି। ଦୀର୍ଘ ୨୦ ବର୍ଷର ଅପେକ୍ଷାକୁ ଶେଷ କରି ଫ୍ରାନ୍ସ ଦଳ ହାସଲ କରିଛନ୍ତି ନିଜର ଦ୍ୱିତୀୟ ବିଶ୍ୱ ବିଜୟୀ ଟାଇଟଲ। ୧୯୯୮ ମସିହାରେ ଫ୍ରାନ୍ସ ପ୍ରଥମଥର ବିଶ୍ୱ ଚାମ୍ପିଅନ୍ ହୋଇଥିଲା। ଆଉ ରବିବାର ଦିନ ଲୁଜନିକି ଷ୍ଟାଡିୟମରେ ଫ୍ରାନସ ହାତକୁ ବିଶ୍ୱକପ ଟ୍ରଫି ଆସିଥିଲା ବେଳେ ଦଳର କୋଚ ଡେସଚାମ୍ପ ଇତିହାସ ବହିରେ ନିଜର ନାମକୁ ସାମିଲ କରିଦେଇଛନ୍ତି। ବିଶ୍ୱର ତୃତୀୟ ମଣିଷ ଭାବେ ସେ ଉଭୟ ଖେଳାଳି ଓ କୋଚ ଭାବେ ବିଶ୍ୱ ବିଜୟୀ ହେବାର ସୌଭାଗ ଅର୍ଜନ କରିଛନ୍ତି। ତାଙ୍କ ପୂର୍ବରୁ ବ୍ରାଜିଲ ମାରିଓ ଜାଗାଲୋ ଏବଂ ଜର୍ମାନୀର ଫ୍ରାଙ୍କ ବେକେନବର ଏହି ବିରଳ ସଫଳତା ପାଇଥିଲେ। ଫାଇନାଲ ମ୍ୟାଚ୍ ଆରମ୍ଭରୁ ପରସ୍ପର ଦଳ ଆକ୍ରମଣ କରିବା ଆରମ୍ଭ କରିଥିଲେ। ପ୍ରଥମ ୧୦ ମିନିଟ୍ ଖେଳରେ କ୍ରୋଏସିଆର ଦବଦବା ଦେଖିବାକୁ ମିଳିଥିଲା। ଏହାସତ୍ତ୍ୱେ ଫ୍ରାନ୍ସ ଦଳ ପ୍ରଥମ ଗୋଲ୍ ଦେବାରେ ସଫଳ ହୋଇଥିଲା। ୧୫ତମ ମିନିଟ୍‌ରେ ଫ୍ରାନ୍ସର ଆଣ୍ଟୋନୀ ଗ୍ରିଜମାନ୍ ଏକ ଫ୍ରି-କିକ୍ ମାରିଥିଲେ, କିନ୍ତୁ ବଲ୍‌ଟି ଗୋଲ୍‌ପୋଷ୍ଟ ନିକଟରେ ଥିବା କ୍ରୋଏସିଆର ମାରିଓ ମାଣ୍ଡଜୁକିକ୍‌ଙ୍କ ମୁଣ୍ଡରେ ବାଜି ନେଟ୍ ଭିତରକୁ ଚାଲିଯାଇଥିଲା। ଏଥିସହ ଫ୍ରାନ୍ସ ୧-୦ ଗୋଲ୍‌ରେ ଆଗୁଆ ହୋଇଥିଲା। ୨୧ତମ ମିନିଟ୍‌ରେ କ୍ରୋଏସିଆ ଅଧିନାୟକ ଲୁକା ମୋଡ୍ରିକ୍ ଏକ ଫ୍ରି-କିକ୍‌କୁ ଗୋଲ୍‌ରେ ପରିଣତ କରିବାରେ ବିଫଳ ହୋଇଥିଲେ। ଏହା ପରେ କ୍ରୋଏସିଆ ପ୍ରତିଆକ୍ରମଣ ଜାରି ରଖି ଗୋଲ୍ ପରିଶୋଧ କରିବାକୁ ପ୍ରୟାସ କରିଥିଲା। ଏହା ମଧ୍ୟରେ ୨୮ତମ ମିନିଟ୍‌ରେ ଫ୍ରାନ୍ସର ଏନ୍‌ଗୋ କାନ୍ତେଙ୍କୁ ରେଫରୀ ହଳଦିଆ କାର୍ଡ ଦେଖାଇଥିଲେ। ଏହି ମିନିଟ୍‌ରେ କ୍ରୋଏସିଆର ଇଭାନ୍ ପେରିସିକ୍ ଦମ୍‌ଦାର ଶଟ୍ ମାରିଥିଲେ; ଯାହାକୁ ଫ୍ରାନ୍ସ ଗୋଲ୍‌କିପର ହୁଗୋ ଲରିସ୍ ରୋକିବାରେ ଅସମର୍ଥ ହୋଇଥିଲେ। ଏହି ଗୋଲ୍ ସହ ମ୍ୟାଚ୍ ୧-୧ରେ ବରାବର ହୋଇଥିଲା। ଏହା ପରେ ୩୮ତମ ମିନିଟ୍‌ରେ ଫ୍ରାନ୍ସର ତାରକା ଷ୍ଟ୍ରାଇକର ଗ୍ରିଜମାନ୍ ପେନାଲ୍ଟି ଦ୍ୱାରା ଗୋଲ୍ ଦେଇ ନିଜ ଦଳକୁ ୨-୧ରେ ଆଗୁଆ କରାଇଥିଲେ। ଏଥିସହ ପ୍ରଥମାର୍ଦ୍ଧ ଖେଳ ଫ୍ରାନ୍ସ ନାମରେ ରହିଥିଲା। ବିଶ୍ୱକପ୍ ଫାଇନାଲର ପ୍ରଥମାର୍ଦ୍ଧରେ ତିନୋଟି ଗୋଲ୍ ହେବା ଏକ ରେକର୍ଡ। ଏହା ପୂର୍ବରୁ ୧୯୭୪ ବିଶ୍ୱକପ୍‌ରେ ପଶ୍ଚିମ ଜର୍ମାନୀ ଓ ନେଦରଲ୍ୟାଣ୍ଡ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ଏହି ସ୍ଥିତି ଦେଖିବାକୁ ମିଳିଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଫ୍ରାନ୍ସର ଦବଦବା ଜାରି ରହିଥିଲା। ପ୍ରଥମ ୧୩ ମିନିଟ୍ ଖେଳ ବିନା ଗୋଲ୍‌ରେ ଶେଷ ହୋଇଥିଲା। କିନ୍ତୁ ୫୯ତମ ମିନିଟ୍‌ରେ ଫ୍ରାନ୍ସ ତାରକା ପଲ୍ ପୋଗ୍‌ବା ନିଜ ଦଳ ପାଇଁ ତୃତୀୟ ଗୋଲ୍ ଦେଇଥିଲେ। ପୋଗ୍‌ବା କ୍ରୋଏସିଆ ଗୋଲ୍‌କିପର ସୁବାସିକ୍‌ଙ୍କୁ ଚକିତ କରି ନିଜ ବାମ ଗୋଡ଼ରେ ଜବରଦସ୍ତ ଶଟ୍ ମାରି ଗୋଲ୍ ପୋଷ୍ଟ ଭିତରେ ବଲ୍‌କୁ ପହଞ୍ଚାଇଥିଲେ। ୬ ମିନିଟ୍ ପରେ ଦଳର ଅନ୍ୟତମ ତାରକା ଷ୍ଟ୍ରାଇକର୍ କିଲିଆନ୍ ଏମ୍‌ବାପେ ଆଉ ଏକ ଗୋଲ୍ ସ୍କୋର କରି ଫ୍ରାନ୍ସକୁ ୪-୧ରେ ଆଗୁଆ କରାଇଥିଲେ। ଚଳିତ ବିଶ୍ୱକପ୍‌ରେ ଏମ୍‌ବାପେଙ୍କ ଏହା ଚତୁର୍ଥ ଗୋଲ୍। କିନ୍ତୁ କ୍ରୋଏସିଆ ହାର୍ ମାନିବାକୁ ପ୍ରସ୍ତୁତ ନଥିଲା। ୬୯ତମ ମିନିଟ୍‌ରେ ମାଣ୍ଡଜୁକିକ୍ ନିଜ ଆତ୍ମଘାତୀ ଗୋଲର ଭରଣା କରିଥିଲେ ଏବଂ କ୍ରୋଏସିଆ ପାଇଁ ଦ୍ୱିତୀୟ ଗୋଲ୍ ଦେଇଥିଲେ। ଏହା ପରେ କ୍ରୋଏସିଆ ଘନଘନ ଆକ୍ରମଣ କରି ଫ୍ରାନ୍ସ ବକ୍ସ ଭିତରେ ବାରମ୍ବାର ପ୍ରବେଶ କରିଥିଲେ ହେଁ, ଗୋଲ୍ ପରିଶୋଧ କରିପାରିନଥିଲା। ୯୦ ମିନିଟ୍ ପର୍ଯ୍ୟନ୍ତ ଏହି ସ୍କୋର ରହିବା ପରେ ୫ ମିନିଟ୍ ଇନ୍‌ଜୁରୀ ଟାଇମ୍‌ରେ ମଧ୍ୟ ଆଉ ଗୋଲ୍ ହୋଇନଥିଲା। ଯାହା ଫଳରେ ଫ୍ରାନ୍ସ ୪-୨ ଗୋଲ୍‌ରେ ମ୍ୟାଚ୍‌କୁ ଏକତରଫା ଭାବେ ଜିତି ନେଇଥିଲା।

# ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲରେ ଘୋଷଯାତ୍ରା




**ଭୁବନେଶ୍ୱର :** ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଉପଲକ୍ଷେ ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ରଥଯାତ୍ରା ପର୍ବ ପାଳିତ ହୋଇଯାଇଛି। ଏଠାରେ ବିଦ୍ୟାଳୟ ସାମ୍ନାକୁ ବଡଦାଣ୍ଡ ଭଳି ଭାବନା ସୃଷ୍ଟି କରାଯାଇ ପିଲାମାନଙ୍କ ଦ୍ୱାରା ରଥ ଟଣା ଯାଇଥିଲା। ସୁସଜ୍ଜିତ ରଥରେ ତିନି ଠାକୁରଙ୍କୁ ସେବାୟତ ଭାବେ ଛାତ୍ରମାନେ ବିରାଜମାନ କରାଇଥିଲେ। ଶ୍ରୀମନ୍ଦିର ନୀତିକାନ୍ତି ଭଳି ପିଲାମାନେ ରାଜା, ବଡପଣ୍ଡା ଓ ଦଇତା ସେବାୟତ ବେଶ ହୋଇ ଛେରାପହଁରା କରିବା ସହିତ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଘଣ୍ଟ, ହୁଳହୁଳି ଓ ହରିବୋଲ ଶବ୍ଦରେ ବିଦ୍ୟାଳୟ ପରିବେଶ ଏକ ଆଧ୍ୟାତ୍ମିକ ସ୍ଥାନରେ ପରିଣତ ହୋଇଥିଲା। ପଞ୍ଚମ ଶ୍ରେଣୀ ଛାତ୍ର ସାଇରାମ ପତି ଛେରାପହଁରା କରିଥିଲେ। ଏଭଳି ଧାର୍ମୀୟ କାର୍ଯ୍ୟରେ ଯୋଗଦେଇ ବିଦ୍ୟାଳୟର ଚେୟାରମ୍ୟାନ୍ ପବିତ୍ର ରାଉତରାୟ କହିଥିଲେ ଯେ, ରଥଯାତ୍ରା କେବଳ ଆମ ଓଡ଼ିଶା ନୁହେଁ ଏହା ସରା ବିଶ୍ୱରେ ଏକ ମହାନ ପର୍ବ ଭାବେ ପାଳିତ ହେଉଛି। ବିଶ୍ୱର ମହାନ ଦେବତା ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରା ଏହି ଅବସରରେ ଜାତି ଭେଦ ନରଖି ସମସ୍ତ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ବିଶ୍ୱବାସୀଙ୍କ ମନରେ ଭାଇଚାରା ସୃଷ୍ଟି କରିବା ପାଇଁ ଏଭଳି ଏକ ଆଧ୍ୟାତ୍ମିକ ଉତ୍ସବର ଆୟୋଜନ କରାଯାଏ। ବିଦ୍ୟାଳୟର ଅଧକ୍ଷ ଡକ୍ଟର ସ୍ୱରୂପାନନ୍ଦ ମିଶ୍ର ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଦାରୁଦେବତା ଓ ରଥଯାତ୍ରା ସମ୍ପର୍କରେ କହିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ଜଣାଣ ଓ ଭଜନ ପରିବେଷଣ କରାଯିବା ସହିତ ଚିତ୍ତାକର୍ଷକ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ବିଦ୍ୟାଳୟର ଉପାଧକ୍ଷ କବୀନ୍ଦ୍ର ଦାଶ ଜଗନ୍ନାଥ ସଂସ୍କୃତି ଉପରେ କହିବା ସହିତ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଥିଲେ।


PLOT FOR SALE@BHUBANESWAR



Yellow Zone, 30ft wide Road
Mouza :
Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



30ft Internal Road
Mouza :
Pandiapada
Contact Immediately :
8658607286 / 8917571455


# ସରକାରୀ ଡାକ୍ତଖାନାରେ ଦଲାଲଙ୍କ କାୟାବିସ୍ତାର

**କେନ୍ଦ୍ରାପଡ଼ା :** ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ରୋଗୀମାନେ ଉତ୍ତମ ଚିକତ୍ସା ସେବା ପାଉନଥିବା ବେଳେ ଅଧିକାଂଶ ରୋଗୀ କଟକକୁ ସ୍ଥାନାନ୍ତରିତ ହୋଇଥାନ୍ତି। ସେହିପରି ଏଠାରେ ଥିବା ଦଲାଲ ମଧ୍ୟ ନିଜ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରୋଗୀମାନଙ୍କୁ ନକଟସ୍ଥ ନର୍ସିଂହୋମକୁ ପଠାଇ ଦେଉଥିବାର ବାରମ୍ବାର ଅଭିଯୋଗହୁଏ। ତେବେ ନର୍ଦ୍ଧିଷ୍ଟ କେତେକ ବ୍ୟକ୍ତି ଏଠି ଦଲାଲି କରୁଥିବା ବେଳେ ତାଙ୍କ ସହ ଯୋଡ଼ି ହୋଇଯାଇଛନ୍ତି କିଛି ଆଶାକର୍ମୀ। ସ୍ତ୍ରୀ ଓ ପ୍ରସୂତୀ ସେବାକ୍ଷେତ୍ରରେ ସହାୟୀକା ସାଜିଥିବା କେତେକ ଆଶାକର୍ମୀ ନିଜସ୍ୱାର୍ଥ ପାଇଁ ରେଗୀଙ୍କୁ ସରକାରୀ ଡ଼ାକ୍ତଖାନାକୁ ଆଣିବା ପରିବର୍ତ୍ତେ ଘରେଇ ନର୍ସିଂହୋମକୁ ପହଂଚାଇବାରେ ସିଧାସଳଖ ସହଯୋଗ କରୁଛନ୍ତି। ତେଣୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରସୂତି ବିଭାଗର କଥା କହିଲେ ନସରେ। ସୂଚନା ଯୋଗ୍ୟ-ନିକଟରେ ଜଣେ ମହିଳା ମେଡ଼ିକାଲକୁ ପ୍ରସବ ପାଇଁ ଆସିଥିବାବେଳେ ଜିଲ୍ଲା ମୁଖ୍ୟଚିକିତ୍ସାଳୟର ପ୍ରସୂତୀ ବିଭାଗରେ ଥିବା ଡ଼ାକ୍ତର କର୍ଣ୍ଣ ନାୟକ ସମୟ ହୋଇନି ଦଶଦିନ ପରେ ଆସ ବୋଲି କହି ମେଡ଼ିକାଲରୁ ଫେରାଇଦେଇଥିଲେ। ତେବେ ଉକ୍ତ ମହିଳା ଜଣକ ଘରେ ପହଞ୍ଚିବାର ଦୁଇଣ୍ଟାପରେ ଯାଆଁଳା ସନ୍ତାନ ଜନ୍ମ ଦେଇଥିଲେ। ଆଜିର ଦିନରେ ସରକାର ଗର୍ଭବତୀ ମହିଳାଙ୍କ ନମନ୍ତେ ବିଭିନ୍ନ ଯୋଜନା କରୁଥିବାବେଳେ ଇଶ୍ୱର ରୂପି ଡ଼ାକ୍ତରଙ୍କ ଏ ଭଳି କାର୍ଯ୍ୟ ଦୁଖଃ ଦାୟକ। ସେହିପରି କିଛି ଦିନ ପୂର୍ବେ ଜଣେ ଆଶାକର୍ମୀ ପ୍ରସବ କାଳିନ ଚିକିତ୍ସା ନିମନ୍ତେ ଜଣେ ମହିଳାଙ୍କୁ ସରକାରୀ ମୂଖ୍ୟ ଚିକିତ୍ସାଳୟକୁ ନେବାପରିବର୍ତ୍ତେ ଏକ ନର୍ସିଂ ହୋମରେ ପହଞ୍ଚାଇ ଥିଲେ। ତେବେ ପ୍ରସବପରେ ଉକ୍ତ ମହିଳାଙ୍କ ଅବସ୍ଥା ସଙ୍କଟପନ୍ନ ହୋଇପଡ଼ିଥିଲା। ଏହାପରେ ଉକ୍ତ ଆଶାକର୍ମୀ ସେଠାରୁ ଫେରାର ହୋଇଯାଇଥିଲେ। ଶେଷରେ ରୋଗୀଙ୍କୁ କଟକ ବଡଡ଼ାକ୍ତଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେହିପରି ଶିଶୁ ଅଦଳ ବଦଳ ଭଳି ଅଭିଯୋଗ ମଧ୍ୟ ଶୁଣିବାକୁ ମିଳିଛି। ତେଣୁ ଜିଲ୍ଲର ଏଭଳି ଘଟଣା ପ୍ରତି ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଦୃଷ୍ଟି ଦେବା ଆବଶ୍ୟକ ହୋଇ ପଡ଼ିଛି।




G & G SKILLS DEVELOPERS (P) LTD.

ତରଫରୁ ତାଲିମ ଗ୍ରହଣ କରିଥିବା ଓଡ଼ିଶାର ସମସ୍ତ ନିର୍ମାଣ ଶ୍ରମିକ ଭାଇଭଉଣୀମାନଙ୍କୁ ପବିତ୍ର ରଥଯାତ୍ରା ଉପଲକ୍ଷେ ଶୁଭେଚ୍ଛା।

୧. କୌଶଳ ଅଭିବୃଦ୍ଧି ଯୋଜନାରେ ଯାଜପୁର, ଭଦ୍ରକ ଓ ବାଲେଶ୍ୱରରେ ହିତାଧିକାରୀଙ୍କୁ ପ୍ରାପ୍ୟ ପ୍ରଦାନ କରାଯାଇଛି।
୨. କେନ୍ଦ୍ରାପଡ଼ା ଓ ବାଲେଶ୍ୱରରେ ହିତାଧିକାରୀଙ୍କୁ ଟୁଲ୍ କିଟ୍ ପ୍ରଦାନ କରାଯାଇଛି।
୩. ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ାରେ ଅଭିଜ୍ଞ ପ୍ରଶିକ୍ଷକଙ୍କ ମାଧ୍ୟମରେ ତାଲିମ ଶିବିର ଜାରି ରହିଛି।



ଆପଣଙ୍କ ସେବାରେ G & G ପରିବାର
ଯାଜପୁର






ପବିତ୍ର ରଥଯାତ୍ରା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
ବିନୋଦିନୀ ପଟ୍ଟନାୟକ(ସିଡିପିଓ)
ତେନ୍ତୁଳିଖୁଣ୍ଟି



ପବିତ୍ର ରଥଯାତ୍ରା ଅବସରରେ ବରୀ ବ୍ଲକରେ ଥିବା ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ଛାତ୍ରଛାତ୍ରୀମାନଙ୍କ ମଙ୍ଗଳ କାମନା କରୁଛୁ।
ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ
ବରୀ, ଯାଜପୁର

DHAULI BOOKS



ଯଦି ଭଲ ବହି ପଢ଼ିବାର ଭୋକ ଅଛି
ଧଉଳି ବୁକ୍‌ସ
ପ୍ରକାଶିତ ବହି ପଢ଼ନ୍ତୁ।

ଏଠାରେ ଆମ ବହି ମିଳେ!
www.amazon.in | www.flipkart.com
www. dhaulibooks.com

DHAULI BOOKS
818/2502, Gobindeswar Road,
Old Town, Bhubaneswar-751002, Odisha, India
e-mail: contactdhaulibooks@gmail.com
www.dhaulibooks.com



ପବିତ୍ର ରଥଯାତ୍ରା ଅବସରରେ ବରୀ ବ୍ଲକ ବାଈଁଶିରିଆ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଜଗତରନାଥ ପ୍ରଭୁ ଶ୍ରୀଜଗନ୍ନାଥ
ସମସ୍ତଙ୍କୁ ଭଲରେ ରଖନ୍ତୁ, ଏହାହିଁ କାମନା।
ବିବେକାନନ୍ଦ ସାମଲ (କୁନା ଭାଇ)
ଇଚ୍ଛାପୁର, ବାଈଁଶିରିଆ



ପବିତ୍ର ରଥଯାତ୍ରା ଉପଲକ୍ଷେ
ବାଈଁଶିରିଆ ପଞ୍ଚାୟତର
ସମସ୍ତ ଜନସାଧାରଣଙ୍କୁ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।



ପ୍ରାନ୍ତପ୍ରଗତି ମହାନ୍ତି
ବିଜେଡି, ବାଈଁଶିରିଆ



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି